ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୫/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 5/2023 Page 16 ₹ 7.00 SAMBALPUR
୪୯ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 73 ମୂଲ୍ୟ ₹୭/-



**ଅଡୁଆରେ ଦୀପା କର୍ମକାର**

ଡୋପ୍ ଟେଷ୍ଟରେ ବିଫଳ ପାଇଁ ଭାରତର ଷ୍ଟାର ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ଖେଳରୁ ୨୧ ମାସ ବାସନ୍ଦ ହୋଇଛନ୍ତି।

୧୬

୧୨

**ବହୁତ ଭଲ ନୟନତାରା**

ସାଉଥ୍ ଫିଲ୍ମ ଅଭିନେତ୍ରୀ ନୟନତାରା ଖୁବ୍ ଅଭିଜ୍ଞ ଓ ଜଣେ ବହୁତ ଭଲ ମଣିଷ କହି ଶାହରୁଖ ଖାନ୍ ତାଙ୍କ ପ୍ରଶଂସା କରିଛନ୍ତି।



# କମ୍ପ୍ରେସର ଫାଟି ୨ ମୃତ

## ଗ୍ୟାସ୍ ପାଇପ୍ ଲାଇନ୍ କାମ ବେଳେ ଅଘଟଣ

- ୩ ଶ୍ରମିକ ଆହତ
- ଗେଲ୍ ଇଣ୍ଡିଆ ପକ୍ଷରୁ ବିଶାଖାପାଟଣାରୁ ପାରାଦୀପ ଯାଏ ଚାଲିଛି କାମ
- ଲାଇସେନ୍ସ ନ ଥାଇ କାମ କରୁଥିଲେ ପ୍ରବାସୀ ଶ୍ରମିକ
- ଆଞ୍ଚଳିକ ଶ୍ରମ କମିଶନର ତଦନ୍ତ କରିବେ

ନୟାଗଡ଼ ଅଫିସ,୪।୨

ନୟାଗଡ ଜିଲା ଇଟାମାଟି ଥାନା ସୁନାଲଟି ନିକଟରେ ଶନିବାର ସନ୍ଧ୍ୟାରେ ବଡ଼ଧରଣର ଅଘଟଣ ଘଟିଛି। ଗ୍ୟାସ୍ ପାଇପ୍ ଲାଇନ୍ କାମ ଚାଲିଥିବାବେଳେ ଏକ କମ୍ପ୍ରେସର ଫାଟିଯିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୩ଜଣ ଶ୍ରମିକ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ସୋନୁ ଗାଙ୍ଗୁଲି ଓ ବିଜୟ ଗାଙ୍ଗୁଲି। ଉଭୟଙ୍କର ବୟସ ପ୍ରାୟ ୩୫ ବର୍ଷ ହେବ। ସେମାନଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି। ଆହତମାନେ ହେଲେ ଉତ୍ତରପ୍ରଦେଶ ବନାରସର ସୁନୀଲ କୁମାର(୪୩), ମହାରାଷ୍ଟ୍ର ପୋଲିସ୍ ଗ୍ରାମର ରାମସିଂ ଉତ୍ତମ ସିଂ ମୋରେ(୩୬) ଏବଂ ବୋଲଡା ଗ୍ରାମର ଆୟୁବ କରିମ୍ ପଟେଲ(୩୫)। ଶ୍ରମିକମାନେ ସୁରକ୍ଷା ଉପକରଣ ନ ପିନ୍ଧି କାମ କରୁଥିବା ଜଣାପଡ଼ିଛି। ଏହାର ତଦନ୍ତ ପାଇଁ ଦାବି ହେଉଛି। ଖବର ପାଇ ଇଟାମାଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ଏହାସହ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି ।

ଗେଲ୍ ଇଣ୍ଡିଆ ପକ୍ଷରୁ ବିଶାଖାପାଟଣାଠାରୁ ପାରାଦୀପ ପର୍ଯ୍ୟନ୍ତ ଗ୍ୟାସ୍ ପାଇପ୍ ଲାଇନ କାମ ଚାଲୁ ରହିଛି। ସୁନାଲଟି ନିକଟରେ ଶ୍ରମିକମାନେ ପାଇପ୍ ଲାଇନ୍‌କୁ କମ୍ପ୍ରେସର ଯୋଗେ ସଫା କରୁଥିଲେ। ପାଇପ୍ ଭିତରେ ସୋନୁ ଓ ବିଜୟ ରହି କାମ କରୁଥିବାବେଳେ କମ୍ପ୍ରେସରଟି ଫାଟିଯାଇଥିଲା। ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ସୋନୁ ଏବଂ ବିଜୟ ସେଠାରେ ଚାପି ହୋଇଯାଇଥିବାବେଳେ ଅନ୍ୟ ୩ ଶ୍ରମିକ ଛିଟିକି ପଡ଼ିଥିଲେ। ଏହି ୫ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସୋନୁ ଓ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନ କ୍ଷତାକ୍ତ ହୋଇଛି। ଆହତମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ☞ପୃଷ୍ଠା-୪



ଜି-୨୦ ପ୍ରତିନିଧିମାନେ ଶନିବାର ଆସାମର ମୋରିଗାଁଓ ଜିଲାରେ ଥିବା ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ହାତୀ ସଫାରିର ମଜା ନେଉଛନ୍ତି।

## ସଡ଼କ ଦୁର୍ଘଟଣାରେ ପୂର୍ବତନ ବିଧାୟକ ଅର୍ଜୁନ ଦାସଙ୍କ ମୃତ୍ୟୁ



- ବିଞ୍ଝାରପୁରରୁ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ
- ଦୁର୍ଘଟଣାରେ ସହଯୋଗୀଙ୍କ ମଧ୍ୟ ମୃତ୍ୟୁ

ଯାଜପୁର ଅଫିସ୍/ଯାଜପୁର ଟାଉନ୍/ବିଞ୍ଝାରପୁର, ୪।୨ (ଡି.ଏନ୍.ଏ.)

ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅର୍ଜୁନ ଚରଣ ଦାସଙ୍କର ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପୂର୍ବାହ୍ନ ପ୍ରାୟ ୯ଟାରେ ଦାସ ନିଜ ସହଯୋଗୀ ଅନନ୍ତ ମହାନ୍ତିଙ୍କ ସହ ବାଇକ୍ ଯୋଗେ ଏକ କୃଷକ ସମ୍ମିଳନୀରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିଲେ। ଅନନ୍ତ ବାଇକ୍ ଚଳାଉଥିଲେ। ଏହି ସମୟରେ ଯାଜପୁର ଖରସ୍ରୋତା ରାଜଘାଟ ସେତୁ ଉପରେ ସେମାନଙ୍କୁ ଏକ ବାଲି ବୋଝେଇ ହାଇୱା (ଓଆର୍ ୧୦ଏଚ୍ ୬୦୧୯) ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ☞ପୃଷ୍ଠା-୪

## ବର୍ଷୀୟାନ ଗାୟିକା ବାଣୀ ଜୟରାମଙ୍କ ପରଲୋକ

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

ଚେନ୍ନାଇ/ଭୁବନେଶ୍ୱର(ବ୍ୟୁରୋ),୪।୨

ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା...। ୭୦ ଦଶକର ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର 'ଶେଷ ଶ୍ରାବଣ'ର ଏହି ହୃଦୟଛୁଆଁ ଗୀତ ଗାଇ ଘରେ ଘରେ ପରିଚିତ ବର୍ଷୀୟାନ ପ୍ରଚ୍ଛଦପଟ ଗାୟିକା ବାଣୀ ଜୟରାମ ଆଉ ନାହାନ୍ତି। ଶନିବାର ଚେନ୍ନାଇସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସକାଳେ ବାଣୀଙ୍କ ଘରୋଇ ସହାୟିକା ମାଲାରକୋଡ଼ି କାମ କରିବା ପାଇଁ ତାଙ୍କ ଘରେ ପହଞ୍ଚି ଭିତରପଟୁ କବାଟ ବନ୍ଦଥିବା ଦେଖିଥିଲେ। ସେ ବାରମ୍ବାର ଡାକିବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତାଙ୍କ ଭଉଣୀଙ୍କ ପାଖରେ ଥିବା ଡୁପ୍ଲିକେଟ ଚାବି ସହାୟତାରେ ଘର ଖୋଲାଯିବା ପରେ ବାଣୀଙ୍କ ମୁଣ୍ଡରେ ଆଘାତ ଚିହ୍ନ ରହିଥିବା ଓ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ପୋଲିସକୁ ଖବର ଦିଆଯିବା ପରେ ତାଙ୍କ ମୃତଦେହକୁ ହସ୍ପିଟାଲ ନିଆଯାଇଥିଲା। ତଳେ ପଡ଼ି ମୁଣ୍ଡ ଫାଟିଯିବାରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। କିଛିବର୍ଷ ତଳେ ବାଣୀଙ୍କ ସ୍ୱାମୀଙ୍କର ମଧ୍ୟ ଦେହାନ୍ତ ହୋଇଥିଲା। ଏହାପରଠାରୁ ସେ ଉକ୍ତ ଆପାର୍ଟମେଣ୍ଟରେ ଏକାକୀ ରହୁଥିଲେ। ଓଡ଼ିଆ ☞ପୃଷ୍ଠା-୪



ବାଣୀ ଜୟରାମ

# ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ'

- ବାଲି ଚୋରାଚାଲାଣକାରୀଙ୍କୁ ସାବାଡ୍ କରିବାକୁ ଆକ୍ସନ ମୁଡ୍‌ରେ ପ୍ରଶାସନ
- ଇଟାଭାଟିରେ ବୁଲଡୋଜର ବୁଲାଇ ଲାଲ୍‌ପତାକା ପୋତିଲା

ବାଲେଶ୍ୱର ଅଫିସ, ୪।୨

ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚଭନଙ୍କୁ ଆକ୍ରମଣ ପରେ ବାଲି ଚୋରା ଚାଲାଣକାରୀଙ୍କୁ ସାବାଡ୍ କରିବା ଲାଗି ଆକ୍ସନ ମୁଡ୍‌ରେ ଉଭୟ ପ୍ରଶାସନ ଓ ପୋଲିସ। ମୋରମ, ପଥର, ବାଲି ଓ ମାଟି ଚୋରା ଚାଲାଣକାରୀଙ୍କ ଉପରେ ଆରମ୍ଭ ହୋଇଛି ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ'। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଏହି ଅପରେଶନ ଆରମ୍ଭ କରିଛନ୍ତି।

ବାଲେଶ୍ୱର ଜିଲା ବୁଢାବଳଙ୍ଗ ନଦୀ କୂଳରେ ଅନବରତ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଓ ଗଢ଼ି ଉଠିଥିବା ଇଟାଭାଟି ଉପରେ ଶନିବାର ଜିଲା ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସେଠାରେ ବର୍ଷ ବର୍ଷ ଧରି ରହିଥିବା ଇଟାଭାଟିରେ ବୁଲଡୋଜର ଚଲାଯାଇ ଲାଲ୍ ପତାକା ପୋତାଯାଇ ବନ୍ଦ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨ ଅଭିଯୁକ୍ତ ଚିତ୍ତରଞ୍ଜନ ବେହେରା ଓ ମନୋରଞ୍ଜନ ବେହେରାଙ୍କ ବେଆଇନ ଇଟାଭାଟି ଉପରେ ପ୍ରଶାସନ ବୁଲଡୋଜର ବୁଲାଇ ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଯାଇଛି। ୨ରୁ ଊର୍ଦ୍ଧ୍ୱ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛି। ଉଭୟଙ୍କ ଜମି ଚିହ୍ନଟ କରି ବେଆଇନ ଜାଗାରେ ପ୍ରଶାସନ ଲାଲ୍ ପତାକା ଉଡ଼ାଇଛି। କେଉଁଠି ବେଆଇନ ଅର୍ଥ ବିନିଯୋଗ ହୋଇଛି ତାହା ଉପରେ ମଧ୍ୟ ନଜର ରଖିଛି ପ୍ରଶାସନ। ଏହାସହ ଗଢ଼ି ଉଠିଥିବା ଘର ଟାଉନ୍ ପ୍ଲାନିଂ ନିୟମ ଅନୁସାରେ ହୋଇଛି କି ନାହିଁ ତାହାର ତଦାରଖ ପାଇଁ ବ୍ରିଟ୍‌ର ଏକ ଟିମ୍ ଆସି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ବୋଲି ବ୍ରିଟ୍ ସେକ୍ରେଟାରି ☞ପୃଷ୍ଠା-୪

## ଉପଜିଲାପାଳଙ୍କୁ ଆକ୍ରମଣ ଘଟଣା: ୩ ମହିଳାଙ୍କ ସମେତ ୧୧ ଗିରଫ

ବାଲେଶ୍ୱର ଅଫିସ, ୪।୨

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମନ୍ଦାରପୁର ଓ ଦହପଡ଼ା ଅଞ୍ଚଳରେ ଶୁକ୍ରବାର ଉପଜିଲାପାଳ କୁନାଲ ମୋତିରାମ ଚଭନ ଓ ତାଙ୍କ ଡ୍ରାଇଭର ଗଗନ ବିହାରୀ ସାହୁଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ଏ ନେଇ ଡ୍ରାଇଭର ସାହୁ ସହଦେବଖୁଣ୍ଟା ମଡେଲ୍ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୪୦/୨୦୨୩) ରୁଜୁ କରାଯାଇ ☞ପୃଷ୍ଠା-୪

## ରାଉରକେଲାରେ ଡବଲ ମର୍ଡର

- ଦୁଇ ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ

ରାଉରକେଲା ଅଫିସ, ୪।୨

ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ କନଷ୍ଟ୍ରକଶନ କଲୋନୀରେ ଶନିବାର ଦୁଇଜଣ ଯୁବକଙ୍କ ମୃତଦେହକୁ ରକ୍ତାକ୍ତ ଅବସ୍ଥାରେ ପୋଲିସ ଜବତ କରିଛି। ମୃତକ ଦ୍ୱୟ ହେଲେ ଟାଙ୍ଗରପାଲି ଲାଲ୍‌ଟାଙ୍କି ଅଞ୍ଚଳର ଇନ୍ଦ୍ରଜିତ ସ୍ୱାଇଁ(୨୭) ଓ ସଞ୍ଜୟ କୁମାର ଦାଶ(୪୯)। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ୮ଟା) ଏହାର କାରଣ ଜଣାପଡିନାହିଁ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ରାଉରକେଲା ଜେନେରାଲ ହସ୍ପିଟାଲ(ଆରଜିଏଚ୍) ମର୍ଗ ହାଉସରେ ରଖି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଫଳ ରଣନୀତି

## ଚାଇନା ଗୋଇନ୍ଦା ବେଲୁନ୍‌କୁ ଖସାଇବା ସହଜ ନୁହେଁ

ୱାଶିଂଟନ,୪।୨

ଆମେରିକାର ସମ୍ବେଦନଶୀଳ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଗଚ୍ଛିତ ରହିଥିବା ସ୍ଥାନ ଉପରେ ଚାଇନାର ପ୍ରଥମ ଗୋଇନ୍ଦା ବେଲୁନ୍ ଉଡୁଥିବା ପେଣ୍ଟାଗନ ଠାବ କରିଛି। ଏହା ଅତ୍ୟାଧୁନିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍‌ନୋଲୋଜି ଦ୍ୱାରା ପରିଚାଳିତ ହୋଇଥାଇପାରେ ବୋଲି ଆମେରିକା ବିଶେଷଜ୍ଞ କହିଛନ୍ତି। ଏହାର କିଛି ଘଣ୍ଟା ପରେ ଲାଟିନ୍ ଆମେରିକା ଉପରେ ଚାଇନାର ଦ୍ୱିତୀୟ ଗୁପ୍ତଚର ବେଲୁନ୍ ଠାବ ହୋଇଛି। ଏହା ପୂର୍ବଦିଗରେ ଗତିକରି କେନ୍ଦ୍ରୀୟ ଆମେରିକା ଆଡ଼େ ମୁହାଁଇଛି। ଏହି ବେଲୁନ୍‌ଗୁଡ଼ିକ ପର୍ଯ୍ୟବେକ୍ଷଣର ମୂଲ୍ୟବାନ୍ ମାଧ୍ୟମ, ଯାହାକୁ ଗୁଳିକରି ଖସାଇବା ସହଜ ନୁହେଁ ବୋଲି ୱାଶିଂଟନର ମାରାଥନ ଇନିସିଏଟିଭ୍ ଥିଙ୍କ୍‌ଟ୍ୟାଙ୍କର ସର୍ଭିଲାନ୍ସ ବେଲୁନ୍ ବିଶେଷଜ୍ଞ ୱିଲିୟମ୍ କିମ୍ କହିଛନ୍ତି। ପ୍ରଥମଟି ଏକ ଜଳବାୟୁ ବେଲୁନ୍ ଭଳି ଦେଖାଯାଉଥିଲେ ହେଁ ଏହାର ଭିନ୍ନ ବିଶେଷତ୍ୱ ରହିଛି। ବୃହତ ସୋଲାର ପ୍ୟାନେଲ ଶକ୍ତିରେ ପରିଚାଳିତ ଏହି ବେଲୁନ୍ ଏକ ବୃହତ ପ୍ଲେଲୋଡ୍। ମାର୍ଗଦର୍ଶନ ଓ ତଥ୍ୟ ସଂଗ୍ରହ ଲାଗି ଏଥିରେ ଇଲେକ୍ଟ୍ରୋନିକ୍ ସରଞ୍ଜାମ ରହିଛି। ଚାଇନାର ଗୁପ୍ତଚରଗିରି ଉଦ୍ୟମ ବଢ଼ିବାରେ ଲାଗିଥିବାରୁ ଆମେରିକାର ସୁରକ୍ଷା ଅଧିକାରୀମାନେ ଲଗାତର ସତର୍କ କରାଇଆସୁଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଆସନ୍ତା ୫-୬ରେ ଚାଇନା ଯିବାର କାର୍ଯ୍ୟକ୍ରମ ଥିବାବେଳେ ସନ୍ଦିଗ୍ଧ ବେଲୁନ୍‌ର ଉପସ୍ଥିତିକୁ ଦେଖି ପାଗ ଅନୁକୂଳ ନ ଥିବା ଦର୍ଶାଇ ତାଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି।



## ପୁଣି ୪ଦିନ ରିମାଣ୍ଡରେ ଗୋପାଳ

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

ଭୁବନେଶ୍ୱର, (ବ୍ୟୁରୋ)/ବ୍ରଜରାଜନଗର (ଡି.ଏନ୍.ଏ.), ୪।୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ଏଏସ୍ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ଆଉ ୪ଦିନିଆ ରିମାଣ୍ଡରେ ନେଇଛି। ପୂର୍ବରୁ ଗୋପାଳଙ୍କୁ ୪ଦିନ ରିମାଣ୍ଡରେ ନେଇଥିବାବେଳେ ଏହାର ଅବଧି ଶନିବାର ଶେଷ ହୋଇଥିଲା। ଅଧିକ ତଦନ୍ତର ଆବଶ୍ୟକତା ଦର୍ଶାଇ କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ା ଜେଏମ୍ଏଫ୍‌ସି କୋର୍ଟରେ ୯ଦିନ ରିମାଣ୍ଡ ପାଇଁ ଆବେଦନ କରିଥିଲା। ଏହାର ବିଚାରକରି କୋର୍ଟ ୪ଦିନ ରିମାଣ୍ଡରେ ଯିବାକୁ ଅନୁମତି ଦେଇଛନ୍ତି ବୋଲି ଅଭିଯୁକ୍ତଙ୍କ ଓକିଲ ହରିଶଙ୍କର ଅଗ୍ରୱାଲଙ୍କ ସୂତ୍ରରୁ ଜଣାପଡିଛି। ଶନିବାର କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଗୋପାଳଙ୍କୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରି ପୁଣି ରିମାଣ୍ଡରେ ନେଇଥିଲା । ଏବେ ଅଭିଯୁକ୍ତ ଗୋପାଳଙ୍କୁ ଝାରସୁଗୁଡା ଓଏସ୍ଏପି ୨ୟ ବାଟାଲିୟନ ରିଜର୍ଭ ପୋଲିସ୍ କ୍ୟାମ୍ପରେ ରଖାଯାଇଛି। ରିମାଣ୍ଡ ଅବଧି ବୃଦ୍ଧିପରେ କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତ ଗୋପାଳଙ୍କୁ ପୁଣି ମାରାଥନ ଜେରା କରାଯିବା ସହ ଗୁଳିକାଣ୍ଡ ସ୍ଥାନକୁ ନେଇ ସିନ୍ ରିକ୍ରିଏଶନ ଆଦି କରାଯିବ ବୋଲି ଜଣାପଡିଛି। ଅପରପକ୍ଷରେ ଗୋପାଳଙ୍କ ସୂଚନା ଅନୁସାରେ ପାଇଖାନା ଟାଙ୍କିରୁ ଜବତ ହୋଇଥିବା ହାତଲେଖା କାଗଜଗୁଡ଼ିକର ଯାଞ୍ଚ ଏବଂ ପରୀକ୍ଷା ପାଇଁ ହସ୍ତଲେଖା ବ୍ୟୁରୋକୁ ଶନିବାର ପଠାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଗତ ୨୯ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବ୍ରଜରାଜନଗରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ☞ପୃଷ୍ଠା-୪



ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସ

**ୱିକିପିଡିଆକୁ ବ୍ଲକ୍ କଲା ପାକିସ୍ତାନ**

ପାକିସ୍ତାନ ସରକାର ୱିକିପିଡିଆକୁ ବ୍ଲକ୍ କରିଛନ୍ତି। ଏହି ଅନ୍‌ଲାଇନ ଏନ୍‌ସାଇକ୍ଲୋପିଡିଆ ଆପରାଧିକ ତଥା ଧର୍ମନିନ୍ଦାକାରୀ ବିଷୟବସ୍ତୁ ହଟାଇବାରେ ବିଫଳ ହେବାରୁ ଇସ୍‌ଲାମାବାଦ ଏଭଳି ପଦକ୍ଷେପ ନେଇଛି। ପାକିସ୍ତାନ ଟେଲିକମ୍ ଅଥରିଟି ୱିକିପିଡିଆ ସର୍ଭିସକୁ ୪୮ ଘଣ୍ଟା ପାଇଁ ଡିଗ୍ରେଡେଡ୍ କରିବା ସହ ଧର୍ମନିନ୍ଦା ବିଷୟବସ୍ତୁ ନ ହଟାଇଲେ ବ୍ଲକ୍ କରିଦିଆଯିବ ବୋଲି ଧମକ ଦେଇଥିଲା।

## ସଂକ୍ଷେପରେ

### ଶାଢ଼ି ବଣ୍ଟନ ବେଳେ ଦଳାଚକଟା: ୪ ମୃତ

**ଚେନ୍ନାଇ, ୪।୨:** ତାମିଲନାଡୁ ତିରୁପଟ୍ଟୁର ଜିଲା ଭାନିୟାମ୍ବାଡିରେ ଶାଢ଼ି ବଣ୍ଟନ ସମୟରେ ଦଳାଚକଟା ହୋଇ ୪ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରୁ ୧୧ ଜଣ ଗୁରୁତର ଆହତ ହୋଇଥିବା କୁହାଯାଉଛି। ଆଞ୍ଚଳିକ ଥାଇପୁସମ ପର୍ବ ଅବସରରେ ଆଇୟାପାନ ନାମକ ଜଣେ ବ୍ୟକ୍ତି ମହିଳାମାନଙ୍କୁ ମାଗଣାରେ ଶାଢ଼ି ବାଣ୍ଟୁଥିଲେ। ତେବେ ଏ ନେଇ ମହିଳାଙ୍କୁ ଟୋକନ ଦେଖାଇବାର ଆବଶ୍ୟକତା ଥିବାବେଳେ ଟୋକନ୍ କାଉଣ୍ଟରରେ ବହୁ ସଂଖ୍ୟାରେ ମହିଳା ଜମା ହୋଇଥିଲେ।

### ସନିଙ୍କ ଫ୍ୟାଶନ୍ ଶୋ' ନିକଟରେ ବିସ୍ଫୋରଣ



**ଇମ୍ଫାଲ, ୪।୨:** ବଲିଉଡ୍ ଅଭିନେତ୍ରୀ ସନି ଲିଓନ ଯୋଗଦେବାକୁ ଥିବା ଫ୍ୟାଶନ ଶୋ' କାର୍ଯ୍ୟକ୍ରମ ନିକଟରେ ଶନିବାର ସନ୍ଧ୍ୟାରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ରବିବାର ଦିନ ସନି ମଣିପୁର ଇମ୍ଫାଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ। ତେବେ ବିସ୍ଫୋରଣରେ କୌଣସି ଧନ ଜୀବନ ନଷ୍ଟ ହୋଇ ନ ଥିବା କୁହାଯାଉଛି। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସ୍ଥାନୀୟ ବୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### ଏସ୍ଆଇଙ୍କ କାନକୁ କାମୁଡ଼ି ଦେଲେ ଅଭିଯୁକ୍ତ

**କାସାରଗୋଡ, ୪।୨:** କେରଳର କାସାରଗୋଡ ପୋଲିସ ଗାଡ଼ିରେ ଜଣେ ଅଭିଯୁକ୍ତଙ୍କୁ ଥାନାକୁ ନିଆଯାଉଥିବାବେଳେ ଅଭିଯୁକ୍ତଜଣକ ଏସ୍ଆଇଙ୍କ କାନ କାମୁଡ଼ି ଦେଇଛନ୍ତି। ଅଭିଯୁକ୍ତଙ୍କ କାମୁଡ଼ାରେ ଏସ୍ଆଇ ଆହତ ହୋଇଯାଇଥିବାବେଳେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଏକ ବାଇକ୍ ଧକ୍କା ଘଟେଇଥିବା ଅଭିଯୁକ୍ତ ଷ୍ଟେନି ରୋଡ୍ରିଗୁଇଜ୍‌ଙ୍କୁ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରୁ ଗୁରୁବାର ଥାନାକୁ ନେଉଥିଲା। ଗାଡ଼ିର ପଛସିଟ୍‌ରେ ବସିଥିବା ଷ୍ଟେନି ଆଗରେ ବସିଥିବା ଏସ୍ଆଇଙ୍କ ବାମ କାନକୁ କାମୁଡ଼ି ଦେଇଥିଲେ। ଏସ୍ଆଇଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିବାବେଳେ ପରେ ଏକ ଘରୋଇ ଡ଼ାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା। ଏ ନେଇ ଅଭିଯୁକ୍ତଙ୍କ ପୋଲିସ ଗିରଫ କରିଛି।

**ମୋର୍ବି ପୋଲ ଭୁଶୁଡ଼ିବା ମାମଲା**

### ୭ ଅଭିଯୁକ୍ତଙ୍କ ଜାମିନ ଖାରଜ

**ମୋର୍ବି, ୪।୨:** ଗୁଜରାଟର ମୋର୍ବି ଝୁଲା ପୋଲ ଭୁଶୁଡ଼ିବା ଘଟଣାରେ ଗିରଫ ୭ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ସ୍ଥାନୀୟ ସେସନ୍ସ କୋର୍ଟ ଖାରଜ କରିଦେଇଛନ୍ତି। ଗତବର୍ଷ ଅକ୍ଟୋବର ୩୦ରେ ବ୍ରିଟିଶ ଅମଳର ଏହି ପୋଲ ଭୁଶୁଡ଼ି ପଡ଼ିବାରୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ପୋଲର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଓରେଭା ଗ୍ରୁପ୍‌ର ୨ ମ୍ୟାନେଜରଙ୍କ ସମେତ ୭ ଜଣଙ୍କ ଜାମିନ ଆବେଦନକୁ ପ୍ରିନ୍ସିପାଲ ସେସନ୍ସ ଜଜ୍ ପି.ସି. ଜୋଶୀଙ୍କ କୋର୍ଟ ଖାରଜ କରିଦେଇଛନ୍ତି। ଓରେଭା ଗ୍ରୁପ୍‌ର ଏମ୍‌ଡି ଜୟସୁଖ ପଟେଲ ଗତ ୧ ତାରିଖରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ପଟେଲଙ୍କ ସମେତ ୧୦ ଜଣ ଗିରଫ ହୋଇଥିବାବେଳେ ସେମାନଙ୍କ ବିରୋଧରେ ଗତ ସପ୍ତାହରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା।

# ଆମେରିକାରେ ବିଯୁକ୍ତ ୪୬ ଡିଗ୍ରୀ ତାପମାତ୍ରା



ଆମେରିକାର ଉତ୍ତରପୂର୍ବ ଭାଗରେ ଭୀଷଣ ଶୀତ ଲହରି ଜାରି ରହିଛି। ଫଳରେ ନ୍ୟୁ ହାମ୍ପସାୟାର ମାଉଣ୍ଟ ୱାଶିଂଟନ ସମେତ ମାସାଚୁସେଟ୍ସରେ ତାପମାତ୍ରା ବିଯୁକ୍ତ ୪୬ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି। ଶୀତ ଲହରି ନ୍ୟୁୟର୍କ ସମେତ ମାସାଚ୍ୟୁସେଟ୍ସ, କନେକ୍ଟିକଟ, ରୋଡେ ଆଇଲାଣ୍ଡ, ନ୍ୟୁ ହାମ୍ପିଶାୟାର, ଭରମୋଣ୍ଟ ଏବଂ ମାଇନେରେ ଜାରି ରହିବ ବୋଲି ସତର୍କ କରିଦିଆଯାଇଛି। ଏହି ଅଞ୍ଚଳରେ ୧୬ ନିୟୁତ ଲୋକ ବସବାସ କରନ୍ତି। ବହୁବର୍ଷ ପରେ ଆମେରିକାରେ ଏଭଳି ଥଣ୍ଡା ଅନୁଭୂତ ହୋଇଛି। ଜାତୀୟ ପାଣିପାଗ ସେବା ବିଭାଗ ଅନୁଯାୟୀ ଏଭଳି ଥଣ୍ଡା ପାଗ ବେଶୀଦିନ ରହି ନ ଥାଏ। ତେବେ ପ୍ରବଳ ଥଣ୍ଡା ସାଙ୍ଗକୁ କାଲୁଆ ପବନ ଯୋଗୁ ଭୟଙ୍କର ପାଗ ସୃଷ୍ଟି ହୋଇଛି। ଥଣ୍ଡା ଯୋଗୁ ଶୁକ୍ରବାର ଦୁଇଟି ସହରର ଶିକ୍ଷାନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇଥିଲା। ରବିବାର ପର୍ଯ୍ୟନ୍ତ ବୋଷ୍ଟନରେ ଏମର୍ଜେନ୍ସି ଜାରି ହୋଇଛି ଏବଂ ଲୋକମାନଙ୍କୁ ସହାୟତା ଲାଗି ୱାର୍ମିଂ ସେଣ୍ଟରମାନ ଖୋଲାଯାଇଛି।

# ଚିଲିରେ ଜଳୁଛି ଜଙ୍ଗଲ: ୧୩ ମୃତ

**ସାଣ୍ଟିଆଗୋ, ୪।୨**

ଚିଲିର ୧୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ଜଳୁଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଘର ଧ୍ୱଂସ ହେଲାଣି। ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗିରହିଥିବାବେଳେ ଏହି ଦକ୍ଷିଣ ଆମେରିକୀୟ ଦେଶର ହଜାର ହଜାର ଏକର ଜଙ୍ଗଲ ଜଳିଗଲାଣି। ରାଜଧାନୀ ସାଣ୍ଟିଆଗୋଠାରୁ ୫୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ ବିଓବିଓ ଅଞ୍ଚଳରେ ଜଙ୍ଗଲ ନିଆଁରେ ୧୧ ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଅଗ୍ନିଶମ କର୍ମଚାରୀ ଅଛନ୍ତି। ସେ ନିଆଁ ଲିଭାଉଥିବାବେଳେ ଦମକଳ ଗାଡ଼ି ତାଙ୍କ ଉପରେ ମାଡ଼ିଯାଇଥିଲା। ସେହିପରି ଅରୋକାନିଆ ଅଞ୍ଚଳରେ ନିଆଁଲିଭାରେ ନିୟୋଜିତ ଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ପାଇଲଟ ଓ ମେକାନିକ୍‌ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ୧୫୧ଟି ସ୍ଥାନରେ ଜଙ୍ଗଲ ଜଳୁଥିବାବେଳେ ୬୫ଟି ନିୟନ୍ତ୍ରଣକୁ ଆସିଲାଣି। ୩୪,୫୯୫ ଏକର ଜଙ୍ଗଲରେ ନିଆଁ ଲାଗିଛି। ଗ୍ରୀଷ୍ମ ଲହରି ଲାଗି ରହିଥିବାର ଚିଲିର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ବେଗରେ ପବନ ବହୁଥିବାରୁ ନିଆଁ ଲିଭାଇବାରେ ଏହା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିଆଁ ଲିଭାଇବା ସହ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ତେବେ ଜଙ୍ଗଲ ନିଆଁରେ କେତେ ଘର ଧ୍ୱଂସ ହେଲାଣି ତାହା ସ୍ପଷ୍ଟ ହୋଇନାହିଁ।



# ଶର୍ଜିଲ ଇମାମଙ୍କୁ ମୁକ୍ତ କଲେ ଦିଲ୍ଲୀ କୋର୍ଟ

**ନୂଆଦିଲ୍ଲୀ, ୪।୨**

**ଜାମିଆ ହିଂସା ମାମଲା**



ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ହିଂସା ମାମଲାର ଅଭିଯୁକ୍ତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ଶର୍ଜିଲ ଇମାମ ଏବଂ ସହଅଭିଯୁକ୍ତ ଅସିଫ୍ ଇକ୍‌ବାଲ ତନ୍‌ହାଙ୍କୁ ଦିଲ୍ଲୀର ଏକ ଅଦାଲତ ମୁକ୍ତ କରିଦେଇଛନ୍ତି। ସାକେତ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ଅରୁଣ ବର୍ମା ଏହି ରାୟ ପ୍ରଦାନ କରିଛନ୍ତି। ୨୦୧୯ ଡିସେମ୍ବରରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ପରେ ହିଂସା ସୃଷ୍ଟି ହୋଇଥିଲା। ଏନେଇ ଇମାମ ଏବଂ ତନ୍‌ହାଙ୍କ ବିରୋଧରେ ଦଙ୍ଗା ସୃଷ୍ଟି, ବେଆଇନ ସମାବେଶ ସମେତ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଇଲିୟାସଙ୍କ ବିରୋଧରେ ବେଆଇନ ଭାବେ ଏକାଠି ହେବା ଏବଂ ଦଙ୍ଗା ଅଭିଯୋଗରେ ଚାର୍ଜଫ୍ରେମ୍ ହୋଇଥିଲା। ତେବେ ଇମାମଙ୍କ ବିରୋଧରେ ୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲାରେ ଷଡ଼ଯନ୍ତ୍ର ପାଇଁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିବାରୁ ସେ ଏବେ ଜେଲରେ ରହିବେ।

# କେଜ୍‌ରିୱାଲଙ୍କ ଇସ୍ତଫା ଦାବିରେ ଭାଜପାର ବିକ୍ଷୋଭ

**ନୂଆଦିଲ୍ଲୀ, ୪।୨**

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତି ଯୋଗୁ ହୋଇଥିବା ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦାୟୀ କରି ଭାଜପା ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) କାର୍ଯ୍ୟାଳୟ ବାହାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀ ପଦରୁ କେଜରିୱାଲଙ୍କ ଇସ୍ତଫା ଲାଗି ଭାଜପା ଦାବି କରିଛି। ବିକ୍ଷୋଭକାରୀମାନେ ବାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିବାରୁ ପୋଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। କେଜ୍‌ରିୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଥିବାରୁ ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ପ୍ରମାଣିତ ହୋଇଥିବା ଭାଜପା କହିଛି। ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ଅଭିଯୋଗରେ ଗୁରୁବାର ୫ ଅଭିଯୁକ୍ତ ଏବଂ ୭ କମ୍ପାନୀ ବିରୋଧରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଅବକାରୀ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିର୍ଦ୍ଦେଶ ଦେବା ପରେ ଏଏପି ସରକାର ଗତବର୍ଷ ବିବାଦୀୟ ଅବକାରୀ ନୀତିକୁ ପ୍ରତ୍ୟାହାର କରିନେଇଥିଲେ। ଏହି ଅବକାରୀ ନୀତିରେ ଏଏପି ସରକାର ମଦ ବ୍ୟବସାୟ ପାଇଁ ଲାଇସେନ୍ସ ଦେଇ ୧୦୦ କୋଟି ଟଙ୍କା ଲାଞ୍ଚ ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଏହି ଅର୍ଥକୁ ଏଏପି ଗୁଜରାଟ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିଥିବା ଭାଜପା ଅଭିଯୋଗ କରିଛି।




ବିକ୍ଷୋଭବେଳେ ଜଣେ ଭାଜପା କର୍ମୀ ପୋଲିସ ବ୍ୟାରିକେଡ୍ ଡେଉଁଛନ୍ତି।

### ମନ୍ଦିରରୁ ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା

**ରାଜକୋଟ, ୪।୨**

ଗୁଜରାଟର ପୋରବନ୍ଦର ଅଞ୍ଚଳରେ ଏକ ମନ୍ଦିରରୁ ଦାନବାକ୍ସ ଚୋରି କରିଥିବା ସନ୍ଦେହରେ ଜଣେ ୩୫ ବର୍ଷୀୟ ଯୁବକଙ୍କୁ ୩ ଜଣ ପିଟି ମାରିଦେଇଛନ୍ତି। ଗତ ଗୁରୁବାର ରାତିରେ ଶ୍ୟାମ ବଥିୟା ସାଇକେଲରେ ଫିନାଇଲ ଏବଂ ଏସିଡ୍ ବିକୁଥିବାବେଳେ ମନ୍ଦିର ଟ୍ରଷ୍ଟିମାନେ ବଚ୍ଛା ଦାଦା ମନ୍ଦିରରୁ ଚୋରି ସମ୍ପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ ସେମାନେ ଶ୍ୟାମକୁ ମନ୍ଦିର ନିକଟରେ ଦେଖି ସେ ଚୋରି କରିଥିବା ସନ୍ଦେହ କରିଥିଲେ। ଶ୍ୟାମଙ୍କୁ ୩ ଜଣ ଧରିନେଇ ଲାଠି ଓ ପ୍ଲାଷ୍ଟିକ୍ ପାଇପ୍‌ରେ ନିର୍ଘାତ ପିଟିଥିଲେ। ଖବର ପାଇ ପୋଲିସ ଶ୍ୟାମଙ୍କୁ ଥାନାକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାଡ଼ ମାରିବା ଘଟଣା ମନ୍ଦିର ସିସିଟିଭିରେ କଏଦ ହୋଇଥିଲେ ହେଁ ଅଭିଯୁକ୍ତମାନେ ଉକ୍ତ ଫୁଟେଜ୍‌କୁ ଡିଲିଟ୍ କରିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବାଲ୍ୟ ବିବାହ ବିରୋଧୀ ଅଭିଯାନ: ମହିଳାଙ୍କ ଆତ୍ମହତ୍ୟା



ଗିରଫଦାରୀ ଅଭିଯାନକୁ ବିରୋଧ କରି ଆସାମର ଧୁବ୍ରି ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ।

**ଦିଶପୁର, ୪।୨**

ଆସାମରେ ବାଲ୍ୟ ବିବାହ ବିରୋଧରେ ଆରମ୍ଭ କରାଯାଇଥିବା ଗିରଫଦାରି ଡରରେ ଜଣେ ମହିଳା ଶନିବାର ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମହିଳାଙ୍କ ବାଲ୍ୟ ବିବାହ କରାଯାଇଥିଲା। ପୋଲିସ ତାଙ୍କ ବାପାଙ୍କୁ ଗିରଫ କରିନେବ ଡରରେ ମହିଳା ଏହି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଅନ୍ୟପକ୍ଷେ ଜିଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ବିରୋଧ କରି ଶନିବାର ହଜାରେ ସଂଖ୍ୟାରେ ମହିଳା ଧୁବ୍ରି ଥାନା ଆଗରେ ଜମା ହୋଇଥିଲେ। ଦୁଇଦିନରେ ପୋଲିସ ମୋଟ ୨୨୫୭ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଛାଡ଼ିବା ଦାବିରେ ମହିଳା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ପୋଲିସ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ମୋଟ ୮ ହଜାର ଲୋକଙ୍କ ନାମ ଥିବାବେଳେ ୪,୦୦୪ ଟି ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ୫୧ ଜଣ ପୁରୋହିତ ଏବଂ କାଜି ରହିଥିବା ପୋଲିସ କହିଛି। ତେବେ ରାଜ୍ୟ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୬ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶନିବାର କହିଛନ୍ତି।

# ରାମ ମନ୍ଦିର ଉଡ଼ାଇଦେବାକୁ ଧମକ

**ମୋତିହାରି, ୪।୨**

**ବିହାରରୁ ୩ ପିଏଫ୍ଆଇ ସନ୍ଦିଗ୍ଧ ଗିରଫ**

ଅଯୋଧ୍ୟାର ରାମମନ୍ଦିରକୁ ବିସ୍ଫୋରଣରେ ଉଡ଼ାଇଦେବାକୁ ଧମକ ଦେଇଥିବା ଅଭିଯୋଗରେ ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ର ୩ ଜଣ ସନ୍ଦିଗ୍ଧଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଶନିବାର ସକାଳେ ବିହାରର ମୋତିହାରି ଜିଲାରେ ଅଟକ ରଖିଛି। ଏନ୍ଆଇଏ ଏବଂ ବିହାର ପୋଲିସ ଜିଲାର କୌନୱାନ ଗ୍ରାମରେ ମିଳିତ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ଏନ୍ଆଇଏ ଏବଂ ଅନ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଜେରା କରୁଛନ୍ତି। ଜାନୁୟାରୀ ୩୧ରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଫେସ୍‌ବୁକ୍‌ରେ ଉସ୍‌ମାନ ନାମକ ଜଣେ ବ୍ୟକ୍ତି ରାମମନ୍ଦିରକୁ ଉଡାଇଦେବା ସହ ସେଠାରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରିବାକୁ ଧମକ ଦେଇଥିଲେ। ଏହି ଭିଡିଓ ଭାଇରାଲ ପରେ ଏନ୍ଆଇଏ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ଲାଗି ନେପାଳରୁ ଅଯୋଧ୍ୟାକୁ ଦେବଶିଳା ଯାତ୍ରା ବେଳେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଥିଲା।

# ଗର୍ଭଧାରଣ କରିଛନ୍ତି ଟ୍ରାନ୍ସ ମ୍ୟାନ୍

**ଥିରୁଭାନନ୍ତପୁରମ୍, ୪।୨**



କେରଳର ଏକ ଟ୍ରାନ୍ସଜେଣ୍ଡର କପୁଲ ସେମାନଙ୍କର ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ଆସନ୍ତା ମାର୍ଚ୍ଚ ମାସରେ ଟ୍ରାନ୍ସ ମ୍ୟାନ୍ (ଲିଙ୍ଗ ପରିବର୍ତ୍ତନ କରି ପୁରୁଷ ହୋଇଥିବା ଯୁବତୀ) ଜହାଦ ସନ୍ତାନ ପ୍ରସବ କରିବେ। ୩ ବର୍ଷ ଧରି କେରଳର କୋଝିକୋଡେରେ ଟ୍ରାନ୍ସ ଜେଣ୍ଡର କପୁଲ ଜହାଦ ଏବଂ ଜିୟା ପାଭାଲ ରହୁଛନ୍ତି। ଜହାଦ ୮ ମାସର ଶିଶୁକୁ ଗର୍ଭରେ ଧାରଣ କରିବା କଥାକୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଜିୟା ପ୍ରଥମେ ଜଣାଇଥିଲେ। ତେବେ ଜହାନ ଦେଶର ପ୍ରଥମ ଲିଙ୍ଗପରିବର୍ତ୍ତନକାରୀ ଯେ ଗର୍ଭଧାରଣ କରିଥିବା କୁହାଯାଉଛି। ଜିୟା ପେସାରେ ଜଣେ ଡ୍ୟାନ୍ସର। ସେ ଜନ୍ମରୁ ପୁରୁଷ ଥିବାବେଳେ ପରବର୍ତ୍ତୀ ସମୟରେ ସେ ଲିଙ୍ଗ ପରିବର୍ତ୍ତନ କରି ଝିଅ ହୋଇଥିଲେ। ସେହିପରି ଜହାନ ଝିଅରୁ ପୁଅ ହୋଇଛନ୍ତି। ଦୁଇଜଣଯାକ ଜଣେ ଜଣେ ଟ୍ରାନ୍ସଜେଣ୍ଡର ଜାଣିବା ପରେ ଘରଛାଡ଼ି ବାହାରେ ଏକାକୀ ରହୁଥିଲେ। ପ୍ରଥମେ ଜିୟା ଓ ଜହାନ ଦୁହେଁ ଭଲ ବନ୍ଧୁ ହୋଇରହିବା ପରେ ସେମାନେ ପରସ୍ପରର ପ୍ରେମରେ ପଡ଼ିଥିଲେ, ଯାହାପରେ ସେମାନେ ଏକାଠି ରହିବାର ନିଷ୍ପତ୍ତି ନେଲେ। ଜିଆ ସବୁବେଳେ ଜଣେ ମା' ହେବା ନେଇ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାକୁ ଜହାଦ ପୂରଣ କରିଥିବା ସେ କହିଛନ୍ତି। ଜହାଦ ଜନ୍ମରୁ ଜଣେ ମହିଳା ହୋଇଥିବାବେଳେ ତାଙ୍କ ଦେହରେ ଗର୍ଭାଶୟ ଥିବା ହେତୁ ସେ ଗର୍ଭଧାରଣ ପାଇଁ ସକ୍ଷମ ବୋଲି ଡାକ୍ତର କହିଛନ୍ତି। ଅନ୍ୟପକ୍ଷେ ଲିଙ୍ଗ ପରିବର୍ତ୍ତନ ସମୟରେ ଅସ୍ତ୍ରୋପଚାର ଦ୍ୱାରା ତାଙ୍କ ସ୍ତନକୁ କାଟିଯାଇଥିବା ଯୋଗୁ ଏହି ଟ୍ରାନ୍ସ ଜେଣ୍ଡର କପୁଲ ସେମାନଙ୍କ ସନ୍ତାନକୁ ମିଲ୍କ ବ୍ୟାଙ୍କରୁ କ୍ଷୀର ଦେବା କଥା ଜିୟା କହିଛନ୍ତି। ସୋସିଆଲ ମିଡିଆରେ ଜିୟା ଶେୟାର କରିଥିବା ପୋଷ୍ଟକୁ ୟୁଜର୍ସଙ୍କ ଭଲ ରେସ୍ପନ୍ସ ମିଳିଛି। ଅନେକେ ଏହି ଟ୍ରାନ୍ସ ଜେଣ୍ଡର କପୁଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପରଲୋକରେ କଣ୍ଠଶିଳ୍ପୀ ବାଣୀ ଜୟରାମ




# ବର୍ଷକ ମଧ୍ୟରେ କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠା

## ସମ୍ଭାବ୍ୟ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଅନୁଧ୍ୟାନ କଲେ ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୪।୨(ବ୍ୟୁରୋ)



ଶକ୍ତି, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଶନିବାର ଡୁବୁରୀ-ପାରାଦୀପ ଏକ୍ସପ୍ରେସ୍ ହାଇୱେ କଡ଼ରେ ଶିଳ୍ପ ପ୍ରତିଷ୍ଠା ଲାଗି ଜମି ଚିହ୍ନଟ ପାଇଁ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନ ବୁଲି ଦେଖିଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଓପିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପତ୍ ମାଡ୍‌କର, ଇଡ୍‌କୋ ଜିଏମ୍. କଲ୍ୟାଣ ମହାନ୍ତିଙ୍କ ସହ ଆସି ସେ ପ୍ରଥମେ ଯାଜପୁର ଜିଲାର ଦର୍ପଣ ତହସିଲ, ଚଣ୍ଡିଖୋଲ-ପାରାଦୀପ ଟୋଲଗେଟ୍ ସନ୍ନିକଟ ଶ୍ରୀରାମପୁର ମୌଜାର କେତେକ ଅବ୍ୟବହୃତ ଜମି ଦେଖିଥିଲେ। ଏସବୁ ସ୍ଥାନ ଘରୋଇ ମାଲିକାନାରେ ଥିବା ସତ୍ତ୍ୱେ ଚାଷ କରାଯାଉ ନ ଥିବା ଦେଖାଯାଇଛି। ପରେ ମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲା ରାଜନଗର ତହସିଲର କେତେକ ସ୍ଥାନ ବୁଲିଦେଖିଥିଲେ।

ସେଠାରୁ କେନ୍ଦ୍ରାପଡ଼ା ଯାଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ବୈଠକ କରି ଜିଲାପାଳଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ମହାକାଳପଡ଼ା ତହସିଲର ଅମେଇପାଳ ମୌଜା, କଳଗଡ଼ା, ଯଦୁପୁର, ଅଗ୍ନୁଲାଇ, ବେରୁହାଁ ମୌଜା, ଡେରାବିଶ ତହସିଲର ଫକୀରାବାଦ, ତିଲକପୁର ଓ ନୂଆହାଟ ମୌଜାଗୁଡ଼ିକରେ ଉପଲବ୍ଧ ଜମି ନକ୍ସା ଅନୁଧ୍ୟାନ କରିଥିଲେ। କେନ୍ଦ୍ରାପଡ଼ା ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠାନ ହୋଇପାରୁନାହିଁ। ତେଣୁ ଏସବୁ ଚିହ୍ନଟ ଜମିକୁ ଶିଳ୍ପ ପ୍ରତିଷ୍ଠାନ ନିର୍ମାଣ ସକାଶେ କିପରି ପ୍ରସ୍ତୁତ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଛି। ଯେଉଁ ବେସରକାରୀ ଜମି ଏହି ଉଦ୍ଦେଶ୍ୟରେ କ୍ରୟ କରାଯିବ ତାର ମୂଲ୍ୟ ପଟ୍ଟାଦାରଙ୍କ ଖାତାରେ ଜମାହେବ ବୋଲି ସେ ସୂଚନା ଦେଇଥିଲେ। ତେବେ ସମସ୍ତ ଜଣାପଡିବା ପରେ ଶର୍ମା କଳଗଡ଼ାଠାରେ ଥିବା ଜମି ଚକଡ଼ାକୁ ପ୍ରଥମ, କଳଗଡ଼ାର ଦ୍ୱିତୀୟ ଚକଡ଼ାକୁ ଦ୍ୱିତୀୟ ଓ ମଣିକୁନ୍ଦା ଜମି ଚକଡ଼ାକୁ ତୃତୀୟ ଭାବେ ପ୍ରାଥମିକତା ସୂତ୍ରରେ ବାଛିବାକୁ କହିଛନ୍ତି। ଏ ସବୁ ଜମିର କିସମ, ଜମି ମାଲିକଙ୍କ ଜାତି, ବିକ୍ରି ପାଇଁ ମତାମତ ଉପରେ ଅନୁଧ୍ୟାନ କରିବାକୁ ସେ ଜିଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେଠାରୁ ମନ୍ତ୍ରୀ ପାରାଦୀପ ଯାଇ ପ୍ଲାଷ୍ଟିକ୍ ପାର୍କଠାରେ ସିପେଟ୍ ଦ୍ୱାରା ପରିଚାଳିତ ତାଲିମ କାର୍ଯ୍ୟକ୍ରମର ସଂଚାଳନ ସହ ପ୍ଲାଷ୍ଟିକ୍‌ର ବିଭିନ୍ନ ବ୍ୟବହାରଯୋଗ୍ୟ ଉପକରଣର ନିର୍ମାଣଶୈଳୀ ବୁଲି ଦେଖିଥିଲେ। ସମ୍ପ୍ରତି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ମହାନଦୀ କୋଲ୍‌ଡ ଫିଲ୍‌ଡ ଲିମିଟେଡ୍ ଏବଂ ଓଡ଼ିଶା ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ନିଗମ ଦ୍ୱାରା ପ୍ରାୟୋଜିତ ଯୁବତୀଯୁବକଙ୍କୁ ତାଲିମ ଦିଆଯାଉଥିବା ଅନୁଧ୍ୟାନ କରିଛନ୍ତି। ପରେ ସେଠାରେ ଜଗତ୍‌ସିଂହପୁର ଜିଲାପାଳ ସୁଶ୍ରୀ ପାରୁଲ ପଟ୍ଟୱାରୀ ଓ ଜିଲାସ୍ତରୀୟ ଅଧିକାରୀ ତଥା ଇଡ୍‌କୋର ଜମି ଅଧିଗ୍ରହଣ ଅଧିକାରୀମାନଙ୍କ ଉପସ୍ଥିତିରେ ଇଡ୍‌କୋ ଦ୍ୱାରା ଶିଳ୍ପପୁଞ୍ଜ ପ୍ରତିଷ୍ଠା ଓ ବିକାଶ ନିମନ୍ତେ କରାଯାଉଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ଏକ ବୈଠକ କରାଯାଇଥିଲା। ଓଡ଼ିଶା ଶକ୍ତି ସଂଚରଣ ନିଗମ ଓ ଟିପିସିଓଡିଏଲ୍ ଦ୍ୱାରା କରାଯାଉଥିବା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରାଯାଇ ଆଗାମୀ ୨୦/୩୦ ବର୍ଷକୁ ଦୃଷ୍ଟିରେ ରଖି ବିଦ୍ୟୁତ୍‌ର ଆବଶ୍ୟକତାକୁ ଆକଳନ କରି ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଛି ୯୮୫ ରାସ୍ତା

## ମୁଖ୍ୟରାସ୍ତା ସହ ୧୧୭୨ ଗ୍ରାମ ସଂଯୋଗ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଗ୍ରାମାଞ୍ଚଳର ବିକାଶ ଏବଂ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସବୁଦିନିଆ ଗମନାଗମନକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ରାସ୍ତା ସଂଯୋଗୀକରଣ ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଚଳନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୨୦୧୫-୧୬ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟରେ ମୋଟ୍ ୯୮୫ ରାସ୍ତା ନିର୍ମାଣ କରାଯାଇଛି। ୩୯୫୧.୨୦ କିମି ଦୈର୍ଘ୍ୟବିଶିଷ୍ଟ ଏହି ରାସ୍ତାଗୁଡ଼ିକ ଦ୍ୱାରା ୧୧୭୨ ଗ୍ରାମକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ ହୋଇଛି। ଏହା ରାଜ୍ୟ ସରକାରଙ୍କ ଅନୁଦାନ ଦ୍ୱାରା ପରିଚାଳିତ ଏକ ପ୍ରମୁଖ କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ପରିବହନ କ୍ଷେତ୍ରରେ ମଧ୍ୟ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବା ସହ ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ନିକଟସ୍ଥ ସହରରେ ନିଜ ଉତ୍ପାଦନର ଉପଯୁକ୍ତ ବଜାର ସୁବିଧା ପାଇପାରୁଛନ୍ତି। ରାଜ୍ୟର ଅପହଞ୍ଚ ଅଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳଠାରୁ ଅନ୍ୟ ସ୍ଥାନର ଦୂରତା କମିବା ସହ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଉଛନ୍ତି।

ସବୁଦିନିଆ ରାସ୍ତା ନିର୍ମାଣ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଏମାନଙ୍କ ଦମନ ନିମନ୍ତେ ପୋଲିସ କୋମ୍ବିଂ ଅପରେଶନ୍ ପାଇଁ ଲାଭଜନକ ସାବ୍ୟସ୍ତ ହୋଇପାରିଥିବା ବେଳେ ସେ ଅଞ୍ଚଳର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି। ଏହିସବୁ ଅଞ୍ଚଳକୁ ଯିବା ପାଇଁ ଏହା ସିଆର୍‌ପିଏଫ୍ ଆରକ୍ଷୀ ବାହିନୀ ଲାଗି ସୁବିଧାଜନକ ହୋଇପାରିଛି।

sdmimd
Shri Dharmasthala Manjunatheshwara
Institute for Management Development (SDMIMD)
Mysore, Karnataka

2-Year Fully Residential
Post Graduate Diploma in Management (PGDM)-2023-25
Approved by AICTE | Accredited by NBA | MBA Equivalence by AIU

- Ranked among top B-Schools in India and Internationally accredited
- International Tie-up with 17 reputed Universities across the world
- Placements of 2022-23 Completed: 9.8 Lakhs Average Salary, 13 Lakhs Highest Salary
- Scholarships worth Rs. 75 Lakhs to meritorious students
- Single Occupancy hostel rooms | Students from 20 states
- Collateral Free Educational loan support from SBI (Scholar Loan) & HDFC CREDILA
- Partnership with TCS iON for Academic Enhancement with Joint Certification
- Partnership with BCIC for Industry Projects

Last date to apply: 28th February 2023
www.sdmimd.ac.in | e-mail: admissions@sdmimd.ac.in
Contact: 95350 07893
EFMD ACCREDITED | PGDM ACBSP ACCREDITED AACSB Business Education Alliance Member tcs iON QS I-GAUGE INDIAN UNIVERSITY RATING DIAMOND

# ବଂଶୀଧର ପ୍ରତିହାରୀଙ୍କୁ ଧର୍ମପଦ ପୁରସ୍କାର, ୫ଜଣଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନା

ଭୁବନେଶ୍ୱର,୪।୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ୨୦୨୨ ବର୍ଷ ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ସହ ଶିଳ୍ପୀ ସମ୍ବର୍ଦ୍ଧନା ଲାଗି ନାମ ଘୋଷଣା କରାଯାଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ୯୪ ବର୍ଷୀୟ ବଂଶୀଧର ପ୍ରତିହାରୀଙ୍କୁ ୨୦୨୨ର ଧର୍ମପଦ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଭାସ୍କର୍ଯ୍ୟ ଓ ଚିତ୍ରଶିଳ୍ପୀ ବ୍ରଜବନ୍ଧୁ ମିଶ୍ର, ତାଳପତ୍ର ଚିତ୍ରଶିଳ୍ପୀ ଲକ୍ଷ୍ମୀଧର ସୁବୁଦ୍ଧି, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଭ୍ରମରବର ନାୟକ, ଚିତ୍ରଶିଳ୍ପୀ ରମେଶ କୁମାର ବେହେରା ଓ ପ୍ରସ୍ତର ଶିଳ୍ପୀ କେଶବ ଚନ୍ଦ୍ର ମହାରଣାଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ଦିଆଯିବ। ଧର୍ମପଦ ପୁରସ୍କାର ବିଜେତାଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ଓ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ୬ ତାରିଖ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା ଦିଆଯିବ ବୋଲି ଏକାଡେମୀ ସଚିବ ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି।


ବଂଶୀଧର ପ୍ରତିହାରୀ

# ମହୁମାଛି ଆକ୍ରମଣରେ ବିଧାୟକ ଆହତ



**ଆନନ୍ଦପୁର,୪।୨(ସ୍ୱ.ପ୍ର):** କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ଶରୀରର ୨୦ରୁ ୨୫ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସେ ଚିକିତ୍ସା ନିମନ୍ତେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବିଧାୟକ ସେଠୀ ଶନିବାର ପ୍ରାତଃ ଭ୍ରମଣ କରୁଥିବା ସମୟରେ ଆନନ୍ଦପୁର ବ୍ଲକ ଛକ ନିକଟରେ ମହୁମାଛି ଆକ୍ରମଣ କରିଥିଲେ। ନିଜକୁ ବଞ୍ଚାଇ ବିଧାୟକ ନିକଟରେ ଥିବା ଏକ କ୍ଲବ୍ କାର୍ଯ୍ୟାଳୟକୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

# ରାଜ୍ୟ ସରକାରଙ୍କ ମାଗଣା ସିଭିଲ ସର୍ଭିସ କୋଚିଂ

## ନିଜ ଇନ୍‌ଷ୍ଟିଚ୍ୟୁଟ୍‌ରେ କୋଚିଂ ଦେବାକୁ ପ୍ରସ୍ତାବ ଦେଲା 'ନିଶ୍ୱାସ'

**ଭୁବନେଶ୍ୱର,୪।୨(ବ୍ୟୁରୋ):** କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା(ପ୍ରିଲିମ/ମୁଖ୍ୟ) ପାଇଁ ରାଜ୍ୟ ସରକାର ମାଗଣା କୋଚିଂ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥର ୨୦୦ ସିଭିଲ ସର୍ଭିସ ଆଶାୟୀଙ୍କୁ କୋଚିଂ ଦେବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱାର୍କ ଆଣ୍ଡ୍ ସୋସିଆଲ ସାଇନ୍ସେସ୍(ନିଶ୍ୱାସ) ଏହି କୋଚିଂ ଦେବା ପାଇଁ ଆଗ୍ରହ ପ୍ରକାଶ କରିଛି। ନିଜ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କୁ ଏକାଡେମିକ କୋଚିଂ ସହ ରହିବା ସୁବିଧା ପ୍ରଦାନ କରିବା ନେଇ ନିଶ୍ୱାସ ଡାଇରେକ୍ଟର ଜେନେରାଲ ଉଚ୍ଚଶିକ୍ଷା ବିଭାଗକୁ ଏକ ପ୍ରସ୍ତାବ ଦେଇଛନ୍ତି। ତେଣୁ ନିଶ୍ୱାସ ଏହି ୨୦୦ ଛାତ୍ରୀଛାତ୍ରଙ୍କୁ ଉପରୋକ୍ତ ସୁବିଧା ଯୋଗାଇବା ପାଇଁ ଉପଯୁକ୍ତ କି ନାହିଁ ତାହା ଜାଣିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଉତ୍ତୁଙ୍ଗ ହୁଅନା କରଡ଼ି**
**ବଢ଼ିଗଲେ ହବୁ ବାଉଁଶ;**
**ଚିରିଦେଲେ ହବୁ କୁଲା ବାଉଁଶିଆ**
**ପୋଡ଼ିଦେଲେ ହବୁ ପାଉଁଶ।**

କଣିଟିଏ ବଢି ବଢି ବାଉଁଶ ହେଉଥିବାବେଳେ ସେହି ବାଉଁଶକୁ ଚିରି ଉକ୍ତ ବାଉଁଶ ପାତିଆରେ କୁଲା ଟୋକେଇ ଆଦି ପ୍ରସ୍ତୁତ କରାଯାଇଥାଏ। ପରିଶେଷରେ ସେହି ବାଉଁଶ ଦ୍ୱାରା ପ୍ରସ୍ତୁତ ଉପକରଣକୁ ପୋଡ଼ିଦେଲେ ଏହା ମୁଠାଏ ପାଉଁଶରେ ପରିଣତ ହେବାଭଳି ବଡ଼ ଲୋକର ଆତ୍ମବଡ଼ିମା କିଭଳି ଦିନେ ପତନୋନ୍ମୁଖୀ ହୁଏ ଏହା ତାହାର ଏକ ନିଚ୍ଛକ ଉଦାହରଣ ଭାବେ ଏଠାରେ ବର୍ଣ୍ଣନା କରାଯାଇଛି।

**ଅଣପୁରୁଷା,**
**ନିତି ଘି'ପିଠା, ନିଇତି ରୁଷା।**

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୂରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତି ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



୫-ଟି ସଚିବଙ୍କୁ ଭେଟି ଆଲୋଚନା କରିବାକୁ ମାଳି ପାହାଡ଼ ଉପରେ ଶନିବାର ଅପେକ୍ଷାରତ ଗ୍ରାମବାସୀ।

# ୩ ଜିଲାରେ ଶୀତ ଲହରି

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ଗତ ୨/୩ ଦିନ ହେବ ରାଜ୍ୟରେ ହାଲୁକା ଶୀତ ଲାଗି ରହିଛି। ରାଜ୍ୟକୁ ଉତ୍ତରପୂର୍ବ ଦିଗରୁ ଥଣ୍ଡାବାୟୁ ପ୍ରବାହ ଜାରି ରହିଛି। ଏଥିଯୋଗୁ ରାଜ୍ୟର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କନ୍ଧମାଳର କେତେକ ସ୍ଥାନରେ ଥଣ୍ଡା ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ତଳମୁହାଁ ହୋଇଛି। ଏପରି କି ୬ଟି ସହରରେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୮.୬, ସୁନ୍ଦରଗଡ଼ ୯, ଭବାନୀପାଟଣା ୯.୫, କୋରାପୁଟ ୮.୫, ରାଉରକେଲା ୮.୩, ଦାରିଙ୍ଗବାଡି ୧୦.୫ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି।

# ୫-ଟି ସଚିବଙ୍କ ନାରାୟଣପାଟଣା, ଦେଓମାଳି ଗସ୍ତ

## ଜଗନ୍ନାଥ ମନ୍ଦିର, ଝଞ୍ଜାବତୀ ବ୍ୟାରେଜ ବୁଲି ଦେଖିଲେ

କୋରାପୁଟ/ନାରାୟଣପାଟଣା ୪।୨(ସ୍ୱ.ପ୍ର./ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କୋରାପୁଟ ଜିଲା ଗସ୍ତ କରି ନାରାୟଣପାଟଣା ପାଇଁ ଶିକ୍ଷା,ସାସ୍ଥ୍ୟ, ରାସ୍ତା, ପାନୀୟ ଜଳ ସମସ୍ୟା ଦୂର ନେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ନାରାୟଣପାଟଣା ଗସ୍ତ କରିଥିଲେ। ଏଠାରେ ପହଞ୍ଚିବା ପରେ ସେ ପ୍ରଥମେ ୫ଶହ ବର୍ଷର ଐତିହାସିକ ତଥା ପୁରାତନ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ଏଠାରେ ଥିବା ଅର୍ଦ୍ଧନିର୍ମିତ ନୂତନ ମନ୍ଦିର କାର୍ଯ୍ୟ କିପରି ଖୁବ ଶୀଘ୍ର ଶେଷ ହେବ ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୫ଟି-ସଚିବ ପାଣ୍ଡିଆନ ଚିନ୍ତାଗୁଡ଼ାସ୍ଥିତ ଝଞ୍ଜାବତୀ ବ୍ୟାରେଜ ପରିଦର୍ଶନ କରିଥିଲେ। ଦୁଇ ବର୍ଷ ମଧ୍ୟରେ ଏହି ବ୍ୟାରେଜ୍ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ସେ ଦଣ୍ଡାବାଡି ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ, ସ୍କୁଲ କୋଠା ସ୍ଥିତି ପରଖିଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମସ୍ତେ ଆଇଏଏସ, ଡକ୍ଟର ହେବାକୁ ଲକ୍ଷ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ ସମ୍ପର୍କରେ ଆଲୋଚନା

ପଟ୍ଟାଙ୍ଗି,୪।୨(ଡି.ଏନ.ଏ.): କୋରାପୁଟ ଜିଲାକୁ ଦିନିକିଆ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେରି ଯାଇଥିବା ବେଳେ ତାଙ୍କ ସହ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲାରେ ରହି ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ଅବସରରେ ସେ ଶନିବାର ପଟ୍ଟାଙ୍ଗି ବ୍ଲକର ପର୍ଯ୍ୟଟନସ୍ଥଳୀ ଦେଓମାଳିକୁ ଗସ୍ତ କରି ଜିଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ କିପରି ଏଠାକୁ ଆକୃଷ୍ଟ କରି ଅଣାଯିବ ସେନେଇ ୫-ଟି ସଚିବ ଗୁରୁତ୍ୱାରୋପ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ସ୍ଥାନୀୟ, ବିଭିନ୍ନ ଜିଲା ଓ ଜିଲା ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ କିଛି ସମୟ ପାଇଁ ଅଟକାଇ ରଖାଯାଇଥିଲା। ଖବର ସଂଗ୍ରହ କରିବାକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଲାଗିଥିଲା। ଏ ସମ୍ପର୍କରେ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ପଚାରିବାରୁ ଉଭୟେ ଜିଲା ପ୍ରଶାସନ ପକ୍ଷରୁ ଏପରି କଟକଣା ଜାରି ହୋଇଥିବା ପ୍ରକାଶ କରିଥିଲେ।



ଜଣେ ଆହତ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କଙ୍ଗ୍ରେସର ଫାଟି ...

ଏନେଇ ଇଟାମାଟି ଥାନା ଆଇଆଇସି ବିଶ୍ୱଜିତ ରାଉତ କୁହନ୍ତି, ଦୁର୍ଘଟଣାର କାରଣ ତଦନ୍ତ ଚାଲିଛି। ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷରେ ୫ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିୟୋଜିତ ହୋଇଥିଲେ ଠିକାଦାର ଏବଂ ମୁଖ୍ୟ ନିଯୁକ୍ତି କର୍ତ୍ତା ଶ୍ରମ ବିଭାଗରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ଓ ଲାଇସେନ୍ସ ନେବା ବାଧ୍ୟତାମୂଳକ। ପ୍ରବାସୀ ଶ୍ରମିକ ଆଇନ ୧୯୭୯ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ ସୁନାଲଟିଠାରେ ଚାଲିଥିବା ପାଇପ୍ ଲାଇନ୍ କାମରେ ୫ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିୟୋଜିତ ହୋଇଥିଲେ ହେଁ ଶ୍ରମ ବିଭାଗରେ ପଞ୍ଜୀକରଣ କରାଯାଇ ନ ଥିଲା। ପ୍ରବାସୀ ଶ୍ରମିକ କାମ କରିବା ପାଇଁ ଲାଇସେନ୍ସ ନ ଥିବା ଅନୁରୂପ ଭାବେ ସୂଚନା ମିଳିଛି। ଭାରତ ସରକାରଙ୍କ ଏତେ ବଡ଼ ପ୍ରକଳ୍ପରେ ବିନା ଲାଇସେନ୍ସ ଓ ପଞ୍ଜୀକରଣରେ କାମ କିପରି ହେଉଛି ସେନେଇ ପ୍ରଶ୍ନ ଉଠିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶ୍ରମ କମିଶନର (ସେଣ୍ଟ୍ରାଲ୍) ପ୍ରଦ୍ୟୁମ୍ନ ରଣାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯିବ। କେଉଁଥିପାଇଁ ଠିକାଦାର ଓ ମୁଖ୍ୟନିଯୁକ୍ତି କର୍ତ୍ତା ପ୍ରବାସୀ ଶ୍ରମିକଙ୍କ ନାମ ପଞ୍ଜୀକରଣ କରିନାହାନ୍ତି କିମ୍ବା ଲାଇସେନ୍ସ ନେଇନାହାନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। କାମ ସମୟରେ ଶ୍ରମିକମାନେ ପ୍ରାଣ ହରାଇଥିଲେ ସହାୟତା ରାଶି ମିଳିବା ନିୟମ ରହିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ପୂର୍ବତନ ...

ସେମାନେ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅନନ୍ତଙ୍କ ଘର ନନ୍ଦିପୁର ତରାଙ୍ଗ ଅଞ୍ଚଳରେ ବୋଲି ଜଣାପଡ଼ିଛି।

ଯାଜପୁର ଜିଲା ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମପଞ୍ଚାୟତ ବିଜିପୁର ଗ୍ରାମରେ ୧୯୫୭ ନଭେମ୍ବର ୧୬ରେ ଅର୍ଜୁନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଅନାଦି ଚରଣ ଦାସ ଯାଜପୁର ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ପିଲାବେଳୁ ଅର୍ଜୁନ ରାଜନୀତିରେ ଆଗ୍ରହ ଦେଖାଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ୧୯୯୫ରେ କଂଗ୍ରେସ ଟିକେଟ୍‌ରେ ବିଞ୍ଝାରପୁର ଆସନରେ ବିଧାନସଭା ନିର୍ବାଚନ ଲଢ଼ି ତତ୍କାଳୀନ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ହରାଇଥିଲେ। ନିକଟରେ ଅର୍ଜୁନ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଦ୍ୱାରା ଗଠିତ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ଯୋଗଦେଇଥିଲେ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଅର୍ଜୁନଙ୍କର ୩ ପୁଅ ଏବଂ ସ୍ତ୍ରୀ ପ୍ରମିଳା ଦାସ ଅଛନ୍ତି। ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୋକ ପ୍ରକାଶ କରିବା ସହିତ ବିଜିପୁର ସ୍ଥିତ ଅର୍ଜୁନଙ୍କ ବାସଭବନରେ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ପୁଷ୍ପ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ନନ୍ଦ କିଶୋର ସାମଲ, ଖଗେଶ୍ୱର ମହାନ୍ତି, ସୁନୀତା ନାୟକ, ଅହଲ୍ୟା ସ୍ୱାଇଁଙ୍କ ସମେତ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, କନକଲତା ମଲ୍ଲିକ, କୁଞ୍ଜ ବିହାରୀ ବେହେରା, ଗୋବିନ୍ଦ ପରିଡ଼ା, ଶିଶିର ନାୟକ, ପଦ୍ମାକର ଗୁରୁ, ଭାଜପା ଜିଲା ସଭାନେତ୍ରୀ ବବିତା ମଲ୍ଲିକ, କୃଷକ ନେତା ଅକ୍ଷୟ କୁମାର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ଅପରେଶନ 'ସ୍ୟାଣ୍ଡ ...

ନବୀନ ଚନ୍ଦ୍ର ସିଂ କହିଛନ୍ତି। ପରବର୍ତ୍ତୀ ସମୟରେ ଚୋରାଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜୋରଦାର ହେବ ବୋଲି ଉପଜିଲାପାଳ କହିଛନ୍ତି। ପ୍ରଶାସନର ଆକ୍ସନ ଦେଖି ଇଟାଭାଟି ମାଲିକମାନେ ଫେରାର ହୋଇଯାଇଛନ୍ତି। ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ' ମାଧ୍ୟମରେ ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା ପଥରକ୍ୱାରୀ, ବାଲି ଉତ୍ତୋଳନ, ମୋରମ ଖନନ ଓ ପଥର ଚୋରଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଉପଜିଲାପାଳଙ୍କୁ ଆକ୍ରମଣ ...

ତଦନ୍ତ ଆରମ୍ଭ ହୋଇଥିବା ଶନିବାର ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶୁକ୍ରବାର ଅପରାହ୍ଣରେ ଉପଜିଲାପାଳ କର୍ମଚାରୀଙ୍କ ସହ ରୂପ୍‌ସାରୁ ଫେରୁଥିବା ବେଳେ ବୁଢ଼ାବଲଙ୍ଗ ନଦୀ ସେତୁ ନିକଟରେ ଥିବା ସରକାରୀ ଜମିରୁ ମାଟି ଉଠାଯାଉଥିବା ଖବର ପାଇଥିଲେ। ଉପଜିଲାପାଳ ସେଠାରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ କଣ୍ଟାବଣିଆ ଗ୍ରାମର ୨୦ରୁ ୩୦ ମହିଳା ଓ ପୁରୁଷ ପହଞ୍ଚି ଜବତ ଟ୍ରାକ୍ଟରକୁ ଛଡ଼ାଇ ନେଇଥିଲେ। ଏହାପରେ ସେମାନେ ଉପଜିଲାପାଳଙ୍କ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଥିଲେ। ଫଳସ୍ୱରୂପ ଗାଡି ଭାଙ୍ଗିରୁଜି ଯିବା ସହ ଉପଜିଲାପାଳ ଏବଂ ତାଙ୍କ ଡ୍ରାଇଭର ଆହତ ହୋଇଥିଲେ। ଓଆର-୦୧ ଇଟାଭାଟିର ମାଲିକ ମନୋରଞ୍ଜନ ବେହେରା, ଚିତ୍ତରଞ୍ଜନ ବେହେରା, ସେମାନଙ୍କ ପୁଅ ଏବଂ ସ୍ତ୍ରୀଇଁ ଏହି ଆକ୍ରମଣ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ସାମିଲ ଥିବାବେଳେ ୧୧ ଜଣଙ୍କୁ ଗିରଫ କରାଯାଇଛି। ମାଷ୍ଟରମାଇଣ୍ଡ କୁହାଯାଉଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ କୌଣସି ଟେର୍ ପାଇପାରିନି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାବଣିଆ ଗ୍ରାମର ରାଜେଶ ଦାସ, ବିବେକ କୁମାର ପ୍ରଧାନ, ରମେଶ ପ୍ରଧାନ, ହିମାଂଶୁ ଶେଖର ଦାସ, ମିଥୁନ ଦାସ, ରବିନାରାୟଣ ଦାସ, ଦୀପୁ ଦାସ, ସାଗର ଦେହୁରୀ, ଗୀତାଞ୍ଜଳି ପ୍ରଧାନ, ବାସନ୍ତୀ ବିଶ୍ୱାଳ ଓ ଜୟନ୍ତୀ ପ୍ରଧାନ। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

### ବର୍ଷୀୟାନ ଗାୟିକା ବାଣୀ...

ସମେତ ବିଭିନ୍ନ ଭାରତୀୟ ଭାଷାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗୀତ ଗାଇଛନ୍ତି ବାଣୀ ଜୟରାମ। ସଙ୍ଗୀତ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର 'ପଦ୍ମ ଭୂଷଣ'ରେ ସମ୍ମାନିତ କରିବା ଲାଗି କେନ୍ଦ୍ର ସରକାର ଗତମାସ ୨୫ ତାରିଖରେ ଘୋଷଣା କରିଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ସଙ୍ଗୀତ ସାଧନାରେ ନିଜକୁ ନିୟୋଜିତ କରିଥିଲେ। ସେ ଓଡ଼ିଆ ସମେତ ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ, ଅସମୀୟା ଏବଂ ବଙ୍ଗଳା ଭାଷାର ଅନେକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ସେଥିପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଜାତୀୟ ପୁରସ୍କାର ସମେତ ତାମିଲନାଡୁ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଓଡ଼ିଶା, କେରଳ ଏବଂ ଗୁଜରାଟରୁ ରାଜ୍ୟ ପୁରସ୍କାର ମିଳିଥିଲା। ବାଣୀ ୧୯୭୬ରେ ଓଡ଼ିଆ ଚଳଚ୍ଚିତ୍ର ଶେଷ ଶ୍ରାବଣ, କୃଷ୍ଣ ସୁଦାମା, ସିନ୍ଦୂର ବିନ୍ଦୁ, ୧୯୭୭ରେ ବନ୍ଧୁ ମହାନ୍ତି, ୧୯୭୮ରେ ସତୀ ଅନସୂୟା ଏବଂ ୧୯୭୯ରେ ବିଲ୍ୱମଙ୍ଗଳ ପାଇଁ କଣ୍ଠଦାନ କରିଥିଲେ। ୧୯୭୧ରେ ହିନ୍ଦୀ ଚଳଚ୍ଚିତ୍ର 'ଗୁଡ୍‌ଡି' ତାଙ୍କୁ ଜାତୀୟ ସ୍ତରରେ ବେଶ୍ ପରିଚିତ କରାଇଥିଲା। ସେ କମ୍ପୋଜର ବସନ୍ତ ଦେଶାଇଙ୍କ ପାଇଁ ମଧ୍ୟ ଗାଇଥିଲେ। ତାଙ୍କର ସୁମଧୁର ସ୍ୱରରେ 'ହମ୍ କୋ ମନ୍ କୀ ଶକ୍ତି ଦେନା' ଗୀତ ସବୁବେଳ ପାଇଁ ମନେରହିବ। ବାଣୀ ତାଙ୍କ କ୍ୟାରିୟରରେ ଏମ୍.ଏସ୍. ବିଶ୍ୱନାଥନ୍, କେ.ଭି. ମହାଦେବନ, କେ. ଚକ୍ରବର୍ତ୍ତୀ, ଇଲିୟାରାଜା ଏବଂ ସତ୍ୟମ୍‌ଙ୍କ ଭଳି ବହୁ କିମ୍ବଦନ୍ତୀ ସଙ୍ଗୀତକାରଙ୍କ ସହ କାମ କରିଛନ୍ତି। ବାଣୀଙ୍କ ପରଲୋକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ବାଣୀ ଜୟରାମଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରି ସେ ପ୍ରତିଷ୍ଠା କରିଥିବା କୀର୍ତ୍ତିମାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପୁଣି ୪ଦିନ ରିମାଣ୍ଡରେ ....

ଯୋଗଦେବାକୁ ଯାଇଥିଲେ। ସେ ଗାଡ଼ିରୁ ଓହ୍ଲାଉଥିବାବେଳେ ଅତି ନିକଟରୁ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ତାଙ୍କୁ ଗୁଳି କରିଥିଲେ। ଗୁଳିଟି ମନ୍ତ୍ରୀ ଦାସଙ୍କ ଛାତିରେ ବାଜିଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଏଏସ୍‌ଆଇ ଗୋପାଳଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଭାର ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୧ତାରିଖରେ ସବ୍‌ଜେଲ୍‌ରୁ ୪ଦିନିଆ ରିମାଣ୍ଡରେ ଆଣି ସ୍ଥାନୀୟ ଓଏସ୍‌ଏପି ୨ୟ ବାଟାଲିୟନ ରିଜର୍ଭ କ୍ୟାମ୍ପରେ ରଖି ଜେରା କରିବା ସହ ବିଭିନ୍ନ ସ୍ଥାନକୁ ନେଇ ତଦନ୍ତ କରିଥିଲା। ରିମାଣ୍ଡର ପ୍ରଥମ ଓ ଦ୍ୱିତୀୟ ଦିନରେ ତାଙ୍କୁ କଡା ସୁରକ୍ଷା ମଧ୍ୟରେ ଝାରସୁଗୁଡ଼ା ବିମାନ ବନ୍ଦର ଥାନାକୁ ଅଣାଯାଇଥିଲା। ସେଠାରେ ଅଭିଯୁକ୍ତ ଗୋପାଳ ଥାନା ପାଇଖାନା ଟାଙ୍କିରେ ପକାଇଥିବା କହିବା ପରେ କାଗଜ ଖଣ୍ଡକୁ ଉଦ୍ଧାର କରାଯାଇଥିଲା। ରିମାଣ୍ଡର ୩ୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ତରଫରୁ ଅଭିଯୁକ୍ତ ଗୋପାଳଙ୍କୁ ବ୍ରଜରାଜନଗର ବୁଢ଼ୀଜାମସ୍ଥିତ ତାଙ୍କ ଏମ୍‌ସିଏଲ୍ କ୍ୱାର୍ଟର୍ସକୁ ନିଆଯାଇ ସେଠାରେ ଦୀର୍ଘ ୪ଘଣ୍ଟା ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ପରେ ଅଭିଯୁକ୍ତ ଗୋପାଳ ଚାକିରି କରୁଥିବା ଗାନ୍ଧୀଛକ ଫାଣ୍ଡିକୁ ଅଣାଯାଇଥିଲା। ସେଠାରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଫାଣ୍ଡି ପରିସରରେ ଥିବା ଏକ କାର୍ ଯାହାକୁ ଗୋପାଳ ବ୍ୟବହାର କରୁଥିବା କୁହାଯାଉଛି ତାହାକୁ ଯାଞ୍ଚ କରାଯାଇଥିଲା। ଏହି କାର୍ ଭିତରୁ କ୍ରାଇମବ୍ରାଞ୍ଚ ଏକ ଡାଏରି ଓ କେତେକ କାଗଜପତ୍ର ଜବତ କରିଥିଲା। ହେଲେ ହତ୍ୟାର ରହସ୍ୟ ଜାଣିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିଲା। ତେଣୁ ଅଭିଯୁକ୍ତଙ୍କୁ ଆଉ ଥରେ ରିମାଣ୍ଡରେ ନେବାକୁ ଶନିବାର କୋର୍ଟରେ ଆବେଦନ କରିଥିଲା। ଅଦାଲତ ୪ଦିନ ମଞ୍ଜୁର କରିଥିବାରୁ ଏହି ସମୟ ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ କେଉଁ ଦିଗକୁ ନେଉଛି ଏବଂ କ'ଣ ନିଷ୍କର୍ଷ ବାହାରୁଛି ତାହା ଉପରେ ସମସ୍ତଙ୍କ ନଜର ରହିବ।

### ରାଉରକେଲାରେ ଡବଲ ...

ଇନ୍ଦ୍ରଜିତ ଓ ସଞ୍ଜୟ ଶନିବାର ଅପରାହ୍ଣ ସାଢ଼େ ୨ଟାରେ ଏକ ବାଇକ୍ ଯୋଗେ କନଷ୍ଟ୍ରକଶନ କଲୋନୀକୁ କୌଣସି କାମରେ ଯାଇଥିଲେ। ଅନ୍ୟପକ୍ଷେ ସନ୍ଧ୍ୟାରେ କନଷ୍ଟ୍ରକଶନ କଲୋନୀର ଏକ ବନ୍ଦ ଘର ପଛପଟ ବାଡ଼ିରେ ଦୁଇଜଣ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ଟାଙ୍ଗରପାଲି ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ପଡିଥିବା ଉକ୍ତ ଯୁବକ ଦ୍ୱୟଙ୍କ ମୃତଦେହକୁ ଜବତ କରିଥିଲା। ମୃତକଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିଥିଲା। ଉଭୟଙ୍କୁ କେହି ଲୁହାରଡ୍ ନଚେତ୍ କୌଣସି ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଥିବା ପୋଲିସ କହିଛି। ଏ ନେଇ ଥାନାଧିକାରୀ ସୁଦର୍ଶନ ପଣ୍ଡାଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି, ଘଟଣା ସମ୍ପର୍କରେ ଜାଣି ନ ଥିବା କହିଥିଲେ। ଉଭୟ ଯୁବକଙ୍କୁ କେହି ହତ୍ୟା କରି ଏଭଳି ଫିଙ୍ଗି ପଳାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରର କିଛି ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଅବଶ୍ୟ ବନ୍ଧୁମାନେ ସାହାଯ୍ୟ କରିବେ ଓ କୌଣସି କାମ ମଧ୍ୟ ଅଟକିବ ନାହିଁ। ଲେଖାପଢ଼ା, ଧର୍ମକାର୍ଯ୍ୟ, ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମାନସିକ ଅବସାଦ ହେତୁ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** ପାରିବାରିକ ସମସ୍ୟା ପୂର୍ବପରି ରହିବା ସାଙ୍ଗକୁ ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟିହେବ। ସରକାରୀ ସ୍ତରରୁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଅର୍ଥାଭାବ, ନିର୍ମାଣ, ପ୍ରକଳ୍ପ, ନୂତନ ଯୋଜନା ପାଇଁ ବାଧକ ସାଜିପାରେ।

**କର୍କଟ** ଗୁରୁଜନଙ୍କ ପରାମର୍ଶକୁ ଗ୍ରହଣ କରି କେତେକାଂଶରେ ସୁଯୋଗର ସଦ୍ ବ୍ୟବହାର କରିପାରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। ପାରିବାରିକ ସମସ୍ୟା ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ। ସହକର୍ମୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ସିଂହ** କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଯେତିକି ପରିମାଣରେ ପାଇବା କଥା, ତାହା ପାଇବା ଦୁର୍ବିସହ ହୋଇପାରେ।

**କନ୍ୟା** ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ସୂଚନା ରହିଛି। ଉପରିସ୍ଥଙ୍କ ଆଶ୍ୱସନା ଲାଭକରି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାରକରଜ କରି କାମ ଚଳାଇ ନେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ନୂତନ ଗୃହ ନିର୍ମାଣ, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି। କୌଣସି ଏକ ବନ୍ଧୁମିଳନ ଅବସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** ଆପୋସ ଆଲୋଚନା ହେତୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ତଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟା କଲେ ଉପକୃତ ଅବଶ୍ୟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ତଥାପି ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** ଯେତେ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ମନ ଭଲ ରହିନପାରେ। ସଭାସମିତିରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** ଯୋଜନା ଅନୁଯାୟୀ କାମ କରିଚାଲନ୍ତୁ, ନିଶ୍ଚୟ ଉପକୃତ ହେବେ। ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ଶତ୍ରୁତା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ପୂର୍ବରୁ ସୁପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ସାମୟିକ ଚିନ୍ତା ଉଦ୍ରେକ କରିବ।

ଆଜି ମାଘ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ମାଘବ୍ରତ ସମାପନ, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଫେବୃୟାରୀ ୫ ତାରିଖ, ରାଶିନକ୍ଷତ୍ର-ଦିବା ଘ.୧୨।୧୨ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୦୦ ଗତେ ଘ.୦୧।୨୪ ମଧ୍ୟେ ରାହୁକାଳ।

# A HISTORIC VISIT BY CHIEF MINISTER HEMANT SOREN USHERS A NEW DAWN FOR BUDHA PAHAD

**Launch of Budha Pahad Development Project (BPDP) worth ₹100 crore**



## More than 11 thousand people of Tehri, Khapri Mahua, Hesatu, Baheratoli, Tumera, Turer and other villages of Budha Pahad, deprived of the benefits of public welfare schemes for decades have been rendered their rights

**Benefits of Select Public Welfare Schemes have been extended such as -**

- Sarvajan Pension Yojana
- Aawas Yojana
- Ration card
- Antyodaya Ration Card
- Job Card
- e-Shram Card
- MGNREGA job card
- Didi Bari Yojana
- Chief Minister Pashudhan Yojana
- Birsa Aawas Yojana
- Chief Minister Employment Generation Scheme

## Highlights of the Budha Pahad Development Project (BPDP) :

- Under this project, overall development has been envisaged for 11 villages of Tehri Panchayat of Garhwa district and 11 villages of Aksi panchayat of Latehar district
- Thrust will be given to infrastructure development such as roads, bridges, school buildings, anganwadi centers, health sub-centres, irrigation facilities and playgrounds in these villages
- Construction work has started for 25 KV power supply in Jhaul Dera of the remote Budha Pahad area and 5-5 KV power supply under solar electrification to Hesatu, Baheratoli, Tumera, Khapri Mahua, Turer, Polpol villages




## Stories of Change



I am a happy recipient of the Chief Minister Employment Generation Scheme under which I got a Bolero vehicle. I thank the government for the support provided to me.

**-Vinco Toppo, Tehri**

After the arrival of the Chief Minister, I received benefits of many government schemes. What delighted me the most was the construction of a goat shed that will aid me in goat rearing. My wife, Gudiya Devi has also been extended the benefits of various schemes.

**-Mangan Kisan, Turer**





After the unfortunate demise of my son and daughter-in-law, the responsibility of their four children came on my shoulders. I am grateful to the government for providing the children a monthly financial assistance of ₹6,000 as well as linking me and my husband to Old Age Pension.

**-Dheeran Brijia, Tumera**

I am a widow and was compelled to live a life of misery. Upon the recent visit of the Chief Minister I have been extended the benefit of Pension, Aawas, Ration & Job card for which I am very thankful.

**-Mayanti Minj, Tehri**



Information & Public Relations Department, Govt. of Jharkhand

PR-289341(IPRD) 2022-23

ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା

# ବିଫଳ ରଣନୀତି



ଆକାର ପଟେଲ

୨୦୧୮ରେ ଭାରତ ସରକାର ନୀତି ଆୟୋଗ ଦ୍ୱାରା ଇଣ୍ଡିଆ @୭୫ ଶୀର୍ଷକ ରିପୋର୍ଟ ପ୍ରକାଶ କରିଥିଲେ। ଏଥିରେ ସରକାର ତାଙ୍କ ନିଜର ଲକ୍ଷ୍ୟ ସ୍ଥିର କରି ୨୦୨୨ ସୁଦ୍ଧା ତାହା ହାସଲ କରିବେ ବୋଲି ଦର୍ଶାଇଥିଲେ। ୨୩୦ ପୃଷ୍ଠାର ଉକ୍ତ ରିପୋର୍ଟରେ ଆରମ୍ଭରୁ ପ୍ରଧାନମନ୍ତ୍ରୀଙ୍କ ଆଲେଖ୍ୟ ରହିଛି। ସେ ଲେଖିଛନ୍ତି, ୨୦୨୨ ସୁଦ୍ଧା ଏକ ନୂଆ ଭାରତ ଗଠନ ପାଇଁ ଲୋକଙ୍କ ପ୍ରୟାସରେ କେନ୍ଦ୍ର ସରକାରଙ୍କ ସକ୍ରିୟ ଭାଗୀଦାରି ଅଛି ; ଆସନ୍ତୁ ଉଲ୍ଲିଖିତ ରଣନୀତିରେ ଥିବା ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଲାଗି ଟିମ୍ ଇଣ୍ଡିଆ ସ୍ପିରିଟ୍‌ରେ ଆମର ସବୁ ଶକ୍ତି ଏକାଠି କରିଦେବା। ତାଙ୍କ ପରେ ନୀତି ଆୟୋଗ ଅଧ୍ୟକ୍ଷ ଲେଖିଲେ, ବିଗତ ୪ ବର୍ଷ ମଧ୍ୟରେ ପରିବର୍ତ୍ତନ କରାଯାଇଆସୁଛି। ବାସ୍ତବରେ ଦେଖିବାକୁ ଗଲେ ବିଗତ ୪ ବର୍ଷ(୨୦୧୪–୨୦୧୮) ମଧ୍ୟରେ ଯେଉଁ ପରିଣାମ ମିଳିଥିଲା ତାହା ଅଧିକ ସମୟ ଧରି ଜାରି ରହିବ। ତେବେ ସରକାର ଯେଉଁ କ୍ଷେତ୍ରରେ ତାଙ୍କ ଲକ୍ଷ୍ୟ ସ୍ଥିର କରିଥିଲେ ଓ ତାହାର ପରିଣାମ ସବୁ କ'ଣ ହେଲା ତାହା ଦେଖିବା। ପ୍ରଥମଟି ଥିଲା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ହାରରେ ଉନ୍ନତି। ଉକ୍ତ ରିପୋର୍ଟ ପ୍ରକାଶ କରିଥିଲା ଯେ, ୨୦୧୭–୧୮ରେ ଥିବା ଜିଡିପିର ନିବେଶ ହାର (ଜିଡିପିର ଅଂଶ ଭାବେ ମୋଟ ସ୍ଥାୟୀ ପୁଞ୍ଜି) ପାଖାପାଖି ୨୯%ରୁ ବୃଦ୍ଧି ଘଟାଇ ୨୦୨୨–୨୩ ସୁଦ୍ଧା ପାଖାପାଖି ୩୬% କରାଯିବ ଏବଂ ଏଥିପାଇଁ ଉଭୟ ଘରୋଇ ଓ ସାର୍ବଜନୀନ ନିବେଶକୁ ପ୍ରୋତ୍ସାହିତ କରିବାକୁ ଅନେକ ପଦକ୍ଷେପ ନେବାକୁ ହେବ। ସମ୍ଭବତଃ, ଏହି ପଦକ୍ଷେପଗୁଡ଼ିକ ନିଆଯାଇଥିଲା। ତେବେ ଏଥିରୁ କି ଫଳ ମିଳିଲା ? ୨୦୨୧ରେ ଏହା ୨୯% ବୋଲି ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ; ଯେଉଁଥିରୁ ବୁଝାପଡୁଛି କିଛି ପରିବର୍ତ୍ତନ ହୋଇନାହିଁ। କାରଣ ଏହା ୨୦୧୪ରେ ଥିଲା ୩୦%, ଅର୍ଥାତ୍ ତା'ଠାରୁ କମିଛି। ସାମଗ୍ରିକ ଭାବେ ୨୦୧୮ରେ ଜିଡିପି ଅଭିବୃଦ୍ଧି ହ୍ରାସ ପାଇବା ଆରମ୍ଭ ହୋଇଥିଲା ଏବଂ କୋଭିଡ୍ ମହାମାରୀ ପ୍ରକାଶ ପାଇବା ସମୟ ୨୦୨୦ ମାର୍ଚ୍ଚକୁ ମିଶାଇ ଲଗାତର ୯ଟି ତ୍ରୈମାସିକରେ ଅଭିବୃଦ୍ଧି ତଳକୁ ଖସିଥିଲା। ଅବଶ୍ୟ ସେତେବେଳେ ଏହି ରିପୋର୍ଟ ଲେଖାହେଲାବେଳକୁ ଲେଖକମାନେ ଏହା ବୋଧହୁଏ ଜାଣି ନ ଥିଲେ। ଏହା ବ୍ୟତୀତ ସେମାନେ କହିଛନ୍ତି, ଟ୍ୟାକ୍ସ–ଜିଡିପି ଅନୁପାତ ୧୭% ଯାହା ଓଇସିଡି ଦେଶଗୁଡ଼ିକର(୩୫%) ତୁଳନାରେ ଅଧା। ଏପରି କି ଏହା ଅନ୍ୟ ବିକାଶଶୀଳ ଅର୍ଥବ୍ୟବସ୍ଥା ବ୍ରାଜିଲ(୩୪%), ଦକ୍ଷିଣ ଆଫ୍ରିକା(୨୭%) ଏବଂ ଚାଇନା(୨୨%) ତୁଳନାରେ କମ୍। ଏଣୁ ସାର୍ବଜନୀନ ନିବେଶ ବୃଦ୍ଧି କରିବାକୁ ଭାରତ ୨୦୨୨ ସୁଦ୍ଧା ଟ୍ୟାକ୍ସ–ଜିଡିପି ହାର ଅତି କମ୍‌ରେ ୨୨%କୁ ବୃଦ୍ଧି କରିବା ଦରକାର। କିନ୍ତୁ ଗତ ବର୍ଷ ମୋଟ ଟ୍ୟାକ୍ସ – ଜିଡିପି ଅନୁପାତ ଥିଲା ୧୭%। ବୁଝାପଡୁଛି, ଏଥିରେ ବି କିଛି ପରିବର୍ତ୍ତନ ହୋଇନାହିଁ।

ଅଭିବୃଦ୍ଧି ରଣନୀତିରେ ଆଉ ଏକ ଅଧ୍ୟାୟ ଭାବେ ସରକାର ବେରୋଜଗାର ସଙ୍କଟ ସମାଧାନ କରିବାକୁ ଦାବି କରିଥିଲେ। ଏହାର ପରିଣାମ ସମ୍ପର୍କରେ ମୁଁ ପୂର୍ବରୁ ଲେଖିଥିଲେ ବି ପୁନର୍ବାର ସଂକ୍ଷେପରେ ଦୋହରାଉଛି। ଏକ ସରକାରୀ ସର୍ଭେ ଅନୁଯାୟୀ ୨୦୧୮ରେ ବେରୋଜଗାର ହାର ୬% ଥିଲା ଓ ସେବେଠାରୁ ଏହା ଅଧିକ ରହିଆସିଛି। ୨୦୧୭ ପରଠାରୁ ପ୍ରତିବର୍ଷ କୃଷିକୁ ଫେରୁଥିବା ଲୋକଙ୍କ ହାର ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ରିପୋର୍ଟ ମାନୁଫାକ୍‌ଚରିଂକୁ ଫେରିଛି। ୨୦୨୨ ସୁଦ୍ଧା ମୋଦି ସରକାର ମାନୁଫାକ୍‌ଚରିଂ ସେକ୍ଟରରେ ଅଭିବୃଦ୍ଧି ଦୁଇଗୁଣ କରିବାକୁ ଚାହାନ୍ତି ବୋଲି ଏହା ଦର୍ଶାଇଛି। କିନ୍ତୁ ୨୦୧୮ରେ ମାନୁଫାକ୍‌ଚରିଂ ଅଭିବୃଦ୍ଧି ହାର ଥିଲା ୧୬% ଓ ଏବେ ଏହା ୧୪%। ଅର୍ଥାତ୍ ବୃଦ୍ଧିପାଇବା ବଦଳରେ ଏହା କମିଛି। ଏହାପରେ ରିପୋର୍ଟରେ କୃଷକଙ୍କ ଦୁଇଗୁଣ ଆୟ ବିଷୟ ବି ରହିଛି। ଏହା ଉପରେ ଅଧିକ ସମୟ ନଷ୍ଟ କରିବା ଉଚିତ ନୁହେଁ, କାରଣ କୃଷକମାନେ ଏକ ଦୀର୍ଘ ସଫଳ ପ୍ରତିବାଦରେ ସେମାନଙ୍କ ମତ ପ୍ରକାଶ କରିସାରିଛନ୍ତି।

ଭାରତକୁ ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ଆଗମନ ହାର ୧.୧୮%ରୁ ୩%କୁ ବୃଦ୍ଧି କରାଯିବା ପାଇଁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ, ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୮୮ ଲକ୍ଷରୁ ବୃଦ୍ଧି କରି ୧.୨ କୋଟି କରାଯିବ। ହେଲେ ଏସବୁ ହୋଇପାରିଲା ନାହିଁ। ଏହି ରିପୋର୍ଟ ଏମିତି ବହୁ ବିଷୟରେ ପ୍ରତିଶ୍ରୁତି ଦେଇଛି,ଯାହା ବାସ୍ତବତାରୁ ବହୁ ଦୂରରେ। ୨୦୨୨ ଆସି ଚାଲିଗଲାଣି ଓ ଆମେ ସବୁ ପରିଣାମ ଦେଖିବାକୁ ପାଇଛୁ। କିନ୍ତୁ ଏବେ ଏହି ରିପୋର୍ଟ ସମ୍ପର୍କରେ କେହି ଆଲୋଚନା କରୁଥିବା କେବେ ଶୁଣିଛନ୍ତି କି? ମନେରଖିବାକୁ ହେବ, ଏହାକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ସବୁଜ ସଙ୍କେତ ଦେଇଥିଲେ। କେରଳର ସାହିତ୍ୟ ଉତ୍ସବରେ ୨୦୧୪ ପରଠାରୁ ସମସ୍ତ ତଥ୍ୟ ଉପସ୍ଥାପନ କରିବା ପରେ ଜଣେ ମୋତେ ପଚାରିଲେ, କାହିଁକି ଏସବୁ ବିଷୟରେ ଅଧିକ ଲୋକ ଜାଣିପାରିଲେ ନାହିଁ। କିନ୍ତୁ ବାସ୍ତବରେ ସେମାନେ ଏହା ଜାଣିଛନ୍ତି। ଏ ସମ୍ପର୍କିତ ଅଧିକ ସୂଚନା ଓ ତଥ୍ୟ ସରକାର ପକ୍ଷରୁ ହିଁ ପ୍ରକାଶପାଇଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ସ୍ୱୀକାର କରିଛି, ଆଧୁନିକ ଅର୍ଥ ବ୍ୟବସ୍ଥାରେ ସାମିଲ ହେବା ବଦଳରେ ଅଧିକ ଲୋକ କୃଷି ମୁହାଁ ହୋଇଛନ୍ତି। ନିବେଶ ହାର, ପର୍ଯ୍ୟଟକ ଆଗମନ ଓ ଜିଡିପି ଅଭିବୃଦ୍ଧି ହାର ଏବଂ ଟ୍ୟାକ୍ସ–ଜିଡିପି ଅନୁପାତ ସମ୍ପର୍କରେ ତଥ୍ୟ ମଧ୍ୟ ସରକାର ତାଙ୍କ ପକ୍ଷରୁ ପ୍ରକାଶ କରିଛନ୍ତି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ କାହିଁକି ତା' ପାଇଁ ଉତ୍ତରଦାୟୀ ହେଉନାହାନ୍ତି କିମ୍ବା ସେ ସମ୍ପର୍କରେ କିଛି କହୁ ନାହାନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ବାସ୍ତବରେ ଭାରତର ଜଟିଳ ସମସ୍ୟାଗୁଡ଼ିକୁ କିଭଳି ସମାଧାନ କରିବାକୁ ହେବ ସେ ସମ୍ପର୍କରେ ସରକାରଙ୍କର କୌଣସି ଧାରଣା ନାହିଁ। ଯଦି ଆମେ ନୀତି ଆୟୋଗର ରଣନୀତି କଥା ବିଚାର କରିବା ଓ ସେଥିରୁ ନିର୍ଯ୍ୟାସ କ'ଣ ଆସିଲା ସେଥିରେ ବି ଯେ କେହି ଆଶ୍ଚର୍ଯ୍ୟ ହେବେ। ପ୍ରକୃତ କଥା ହେଉଛି, ନୀତି ଆୟୋଗର କିଛି ଯୋଜନା ନାହିଁ। ପୁନଶ୍ଚ, ନୀତି ଆୟୋଗ ତା' ବିଫଳତାକୁ ନେଇ ଉତ୍ତରଦାୟୀ ହେବା ପାଇଁ କୌଣସି ଚାପରେ ଥିବାଭଳି ମନେ ହେଉନାହିଁ। ବାସ୍ତବତା ହେଉଛି, ସରକାର ଅତୀତରେ ଯାହା କରିଥିଲେ ତାହାକୁ ଏଡ଼ାଇ ଯାଇ କେବଳ ଆଗ କଥା କହୁଥିବାରୁ ସରକାରଙ୍କୁ ଉତ୍ତରଦାୟୀ କରିବା କଷ୍ଟକର

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 3 | |
| | 6 | | | | 2 | | | 1 |
| 2 | 1 | | | | | | | |
| 9 | | | 5 | | | 4 | | |
| 1 | | | 6 | | | | 2 | |
| | | | | 4 | | | 1 | 5 |
| 6 | | | | | | | | |
| 8 | 9 | | | 5 | | 6 | | |
| | 4 | | | | 7 | | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 6 | 3 | 7 | 4 | 8 |
| 7 | 2 | 8 | 5 | 4 | 1 | 6 | 9 | 3 |
| 4 | 6 | 3 | 9 | 8 | 7 | 1 | 2 | 5 |
| 5 | 8 | 6 | 4 | 9 | 2 | 3 | 1 | 7 |
| 2 | 1 | 4 | 3 | 7 | 5 | 9 | 8 | 6 |
| 3 | 9 | 7 | 8 | 1 | 6 | 2 | 5 | 4 |
| 6 | 4 | 2 | 1 | 3 | 8 | 5 | 7 | 9 |
| 8 | 7 | 1 | 6 | 5 | 9 | 4 | 3 | 2 |
| 9 | 3 | 5 | 7 | 2 | 4 | 8 | 6 | 1 |

ଗତ କାଲିର ଉତ୍ତର

# କାହା ପାଇଁ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩–୨୪ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ଏହା ତାଙ୍କ ଜୀବନର ୫ମ ତଥା ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବର ପୂର୍ଣ୍ଣାଙ୍ଗ ବଜେଟ। ସାଧାରଣତଃ ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ବୃଦ୍ଧି ପାଇବ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ହେବ। ୨୦୨୨–୨୩ରେ ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ଜିଡିପି ଧାର୍ଯ୍ୟ ୧୧.୧% ବଦଳରେ୧୫.୪% ବୃଦ୍ଧି ପାଇବା ଯୋଗୁ ରାଜସ୍ୱ ବୃଦ୍ଧି ସହିତ ବିଭିନ୍ନ ନିଅଣ୍ଟକୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ନିୟନ୍ତ୍ରଣ କରିଛନ୍ତି।

ଯେପରି ୧୯୫୦–୫୧ରେ ନାମାଙ୍କନ ଜିଡିପି ୧୦,୦୩୬ କୋଟି ଟଙ୍କା ଥିଲାବେଳେ ବଜେଟର ଆକାର ମାତ୍ର ୩୫୭.୪୯ କୋଟି ଟଙ୍କା ଥିଲା। ୨୦୨୨–୨୩ରେ ନାମାଙ୍କନ ଜିଡିପି ୨୭୩.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩–୨୪ରେ ୩୦୧. ୭୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୨–୨୩ରେ ମୋଟ ବ୍ୟୟ ବରାଦ ୩୯.୪୫ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୪୧.୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୩–୨୪ ବଜେଟରେ ୪୫ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଯେହେତୁ ବଜେଟ ଆକାର ଆପେ ଆପେ ବୃଦ୍ଧି ପାଉଛି, ଯିଏ ଶାସନ କରୁନା କାହିଁକି କିଛି ନୂତନ ଯୋଜନା କରିବ, ପୁରୁଣା ଯୋଜନାକୁ ଅଧିକ ସକ୍ରିୟ କରିବ। ଏଣୁ କିଛି ଯୋଜନାକୁ ଭିତ୍ତିକରି ବଜେଟର ଭଲ ମନ୍ଦ ବିଚାର କରାଯାଏ ନାହିଁ।

ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ, ଯଦି ଏହା ନାମାଙ୍କନ ବୃଦ୍ଧି ସହିତ ତାଳ ଦେଇ ବୃଦ୍ଧିପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧିପାଏ। ଅର୍ଥମନ୍ତ୍ରୀ ୨୦୨୨–୨୩ ବଜେଟ ଆକଳନ ବେଳେ ନାମାଙ୍କନ ଅଭିବୃଦ୍ଧି ୧୧.୧% ଏବଂ ବାସ୍ତବ ଅଭିବୃଦ୍ଧି ୮ରୁ ୮.୫% ହେବ ବୋଲି ଆକଳନ କରିଥିଲେ। କିନ୍ତୁ ବାସ୍ତବ ଅଭିବୃଦ୍ଧି ମାତ୍ର ୭% ହୋଇଛି। ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ଅଭିବୃଦ୍ଧି ୧୯% ହୋଇଛି। ୨୦୨୩–୨୪ ନାମାଙ୍କନ ଅଭିବୃଦ୍ଧି ୧୦.୫% ଧାର୍ଯ୍ୟ କରାଯାଇଥିଲାବେଳେ ବଜେଟ ବ୍ୟୟବରାଦ ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭% ବୃଦ୍ଧି କରାଯାଇଛି, ଯାହା ଧାର୍ଯ୍ୟ ନାମାଙ୍କନ ବୃଦ୍ଧିଠାରୁ କେବଳ କମ୍ ନୁହେଁ, ବାସ୍ତବ ବୃଦ୍ଧି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ମଧ୍ୟ ବିଯୁକ୍ତାତ୍ମକ ହେବ। ଏହା ସୂଚାଉଛି ଏକ ସଙ୍କୁଚିତ ବଜେଟ ଉପସ୍ଥାପନ କରାଯାଇଛି। ଅତ୍ୟନ୍ତ ଚିନ୍ତାଜନକ ୨୦୨୦–୨୧ରେ ମୋଟ ବ୍ୟୟବରାଦ ଜିଡିପିର ୨୦% ଥିଲାବେଳେ ୨୦୨୧–୨୨ରେ ୧୫.୯୩%, ୨୦୨୨–୨୩ରେ ୧୫.୩୪%କୁ ଖସି ଆସିଛି। ୨୦୨୩–୨୪ରେ ଏହା ହ୍ରାସ ପାଇ ୧୪.୯୧% ହେବ ବୋଲି ଆକଳନ କରାଯାଇଛି। ପୁନଶ୍ଚ ଅନ୍ୟ ଦେଶ ତୁଳନାରେ ଭାରତରେ ଏହା ବହୁତ କମ। ଏହା ଫ୍ରାନ୍ସରେ ୫୯.୦୫%, ୟୁରୋ ଅଞ୍ଚଳ (୫୪.୧%), ସିଡେନ (୪୯.୮୬ %), ଆମେରିକାରେ ୪୨.୯୬%, ବ୍ରିଟେନ (୪୪.୮୭%)।

କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ କେବଳ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ହ୍ରାସ ପାଉଛି, ଯାହା ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟଗୁଡ଼ିକ ୪୨% (ଜମ୍ମୁ ଓ କଶ୍ମୀରକୁ ଦୁଇଭାଗ ଯୋଗୁ ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧%) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ଏହା କମ୍ ମିଳୁଛି। କାରଣ ସରଚାର୍ଜ, ସେସ୍ ଦ୍ୱାରା ସଂଗୃହିତ ସମ୍ବଳରେ ରାଜ୍ୟର କିଛି ଅଂଶ ନଥାଏ। ୨୦୧୬–୧୭ ବେଳେ ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ବିଭାଜନ ପାଣ୍ଠିରୁ ୩୫% ପାଉଥିଲା ବେଳେ ୨୦୨୨–୨୩ରେ ୩୧.୧୭% ପାଇଥିଲେ। ୨୦୨୩–୨୪ରେ ଏହା ୩୦.୩% ହ୍ରାସ ପାଇବ। ପୁନଶ୍ଚ ଜିଡିପି ଅନୁସାରେ ରାଜ୍ୟକୁ କେନ୍ଦ୍ରର ମୋଟ ସମ୍ବଳ ହସ୍ତାନ୍ତର ଯାହା ୨୦୨୦–୨୧ରେ ୬.୯୧% ଥିଲା, ତାହା ୨୦୨୨–



୨୩ରେ ୬.୨୬%କୁ ହ୍ରାସ ପାଇଥିଲା। ପୁନଶ୍ଚ ୨୦୨୩–୨୪ରେ ଏହା ୬.୧୭%କୁ ହ୍ରାସ ପାଇବ।

ପ୍ରଧାନମନ୍ତ୍ରୀ କହିଛନ୍ତି , ବଜେଟ ଅମୃତ କାଳର ପ୍ରଥମ ବଜେଟ ଏବଂ ଏହା ସମାଜର ଅବହେଳିତ ଶ୍ରେଣୀଙ୍କ ଆଶା ପୂରଣ କରିବ। କିନ୍ତୁ ଯେଉଁ ମନରେଗା ଯୋଜନା ଅନେକ ଗରିବଙ୍କୁ ନିଯୁକ୍ତି ଯୋଗାଇଥିଲା, ବିଶେଷକରି କରୋନା ସମୟରେ ତାଙ୍କ ଜୀବନ ଓ ଜୀବିକା ବଞ୍ଚାଇଦେଇଛି ସେହି ଯୋଜନାରେ ବ୍ୟୟ ବରାଦ ହ୍ରାସ କରାଯାଇଛି। ୨୦୨୨–୨୩ର ସଂଶୋଧିତ ଅଟକଳରେ ଏହି ଯୋଜନା ବାବଦ ବ୍ୟୟ ବରାଦ ୯୮,୦୦୦ କୋଟି ଟଙ୍କା ହୋଇଥିଲାବେଳେ ୨୦୨୨–୨୩ ସଂଶୋଧିତ ଅଟକଳରେ ଏହା ୮୯,୪୦୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ଏହି ବଜେଟରେ ମାତ୍ର ୬୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଗରିବ, ଚାଷୀଙ୍କ ପାଇଁ ଆବଶ୍ୟକ ପେଟ୍ରୋଲିୟମ, ଖାଦ୍ୟ ଓ ତୈଳ ସବ୍‌ସିଡି ପରିମାଣ ୨୦୨୨–୨୩ ଅନୁସାରେ ୨୮.୩% ହ୍ରାସ କରାଯାଇ ଏହି ବଜେଟରେ ୩.୭୪ ଲକ୍ଷ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କ ମୁଣ୍ଡପିଛା ଆୟ ଦେଶବାସୀଙ୍କ ହାରାହାରି ମୁଣ୍ଡପିଛା ଆୟଠାରୁ କମ ରହିଛି। ମହାମାରୀ ସମୟରେ କୃଷିକ୍ଷେତ୍ରରେ ଯୁକ୍ତାତ୍ମକ ଅଭିବୃଦ୍ଧି ହୋଇଥିଲା। କିନ୍ତୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବ୍ୟୟ ବରାଦ ୭% ହ୍ରାସ କରାଯାଇଛି। ପିଏମ୍ କିଶାନ ଯୋଜନାରେ ବ୍ୟୟ ବରାଦ ଆଦୌ ବୃଦ୍ଧି ହୋଇନାହିଁ। ଶିକ୍ଷା ସ୍ୱାସ୍ଥ୍ୟ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟୟବରାଦ ସାମାନ୍ୟ ବୃଦ୍ଧି ଘଟିଛି। ବଜେଟରେ, ପୁଞ୍ଜି ବ୍ୟୟ କଥା କୁହାଯାଉଛି, କିନ୍ତୁ ଅନେକ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ ନ ହେବା ଯୋଗୁ ଧାର୍ଯ୍ୟ ବ୍ୟୟବରାଦ ବୃଦ୍ଧି ପାଉଛି। ସଞ୍ଚୟ ଓ ନିବେଶ ୨୦୦୭–୦୮ଠାରୁ ଜିଡିପି ଅନୁସାରେ ଦ୍ରୁତ ଗତିରେ ହ୍ରାସ ପାଇ ଚାଲିଛି।

ଏକ ବଜେଟକୁ ଭଲ କୁହାଯିବ, ଯଦି ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା ସହିତ ସରକାର ପୁଞ୍ଜିପତି, ଶିଳ୍ପପତିଙ୍କ ତଥା ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରି ବିଭିନ୍ନ କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲା ପରେ ଆହୁରି ଅଧିକ ବ୍ୟୟ କରନ୍ତି ଏବଂ ବିଭିନ୍ନ ଜନହିତକର କ୍ଷେତ୍ରରେ ଅଧିକ ବ୍ୟୟ କରିବା ସହିତ ନିଯୁକ୍ତି ବୃଦ୍ଧି ଓ ଦାରିଦ୍ର୍ୟ, ବେକାରି, କ୍ଷୁଧା, ବାସହୀନତା ଓ ବୈଷମ୍ୟ ହ୍ରାସ କରିବା ସହିତ ସାମ୍ପ୍ରତିକ ଆର୍ଥିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥା'ନ୍ତି ଏବଂ ସର୍ବୋପରି ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ସହିତ ପ୍ରୟାସ କରିଥା'ନ୍ତି। କିନ୍ତୁ ବଜେଟରେ ଏସବୁ ପ୍ରତି ଧ୍ୟାନ ଦିଆଯାଇନାହିଁ। ଅତି ଧନୀଙ୍କ ଉପରୁ ଆଦାୟ ହେଉଥିବା ସରଚାର୍ଜ ହାର ହ୍ରାସ କରିବା ବେଳେ ଗରିବ ଓ ମଧ୍ୟବିତ୍ତଙ୍କୁ ବାଧୁଥିବା ଓ ମୁଦ୍ରାସ୍ଫୀତି ବୃଦ୍ଧି କରୁଥିବା ପରୋକ୍ଷ କର ମାଧ୍ୟମରେ ଅଧିକ ସମ୍ବଳ ସଂଗ୍ରହ କରୁଛନ୍ତି। ଏହି ବଜେଟ ଗରିବଙ୍କ ପାଇଁ ନୁହେଁ, ଧନୀଙ୍କ ପାଇଁ ଉଦ୍ଦିଷ୍ଟ।

ମୋ: ୯୪୩୭୨୦୮୭୬୨

# ମହିମା ଗୋସେଇଁଙ୍କ ମହିମା ଧର୍ମ



ଡ. ଉଦ୍ଧବ ଚରଣ ନାୟକ

ମହିମା ଧର୍ମ ଓଡ଼ିଶାର ନିଜସ୍ୱ ଧର୍ମ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକେଶ୍ୱରବାଦ ଧର୍ମ ଭାବରେ ଏହା ସୁପରିଚିତ। ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ନୁହେଁ। ଏହା ଏକ ରୁଚିପୂର୍ଣ୍ଣ ବିଚାର। ହିନ୍ଦୁଧର୍ମରେ ସଂସ୍କାର ଆନୟନକାରୀ ମହାନ୍ ମତବାଦ। ହିନ୍ଦୁ ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା ଓ ବ୍ରାହ୍ମଣ୍ୟ ଧର୍ମର ପରାଭବରୁ ସମାଜକୁ ମୁକ୍ତ କରି ସୁସ୍ଥ ରଖିବା ହେଲା ମହିମା ଧର୍ମର ମୂଳଲକ୍ଷ୍ୟ। କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପରିହାର ପୂର୍ବକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣ ପଶିବା ବା ଆତ୍ମସମର୍ପଣ କରିବା ହେଲା ଏହି ଧର୍ମର ମୂଳତତ୍ତ୍ୱ। ବିଶ୍ୱନିୟତା ଶୂନ୍ୟପୁରୁଷ ବା ଅଲେଖ ପୁରୁଷ ସର୍ବବ୍ୟାପୀ। ତାଙ୍କର ଆକାର ନାହିଁ, ସେ ନିରାକାର, ଅଣାକାର। ତାଙ୍କ ମହିମାରେ ଚନ୍ଦ୍ର ସୂର୍ଯ୍ୟ ଗ୍ରହ ନକ୍ଷତ୍ର ଆଦି ଆତଯାତ। ତାଙ୍କ ମହିମା ଲେଖିବା ସମ୍ଭବ ନୁହେଁ। ତେଣୁ ସେ 'ଅଲେଖ'। ହିନ୍ଦୁ ଜଗତରେ ପ୍ରଚଳିତ ତେତ୍ରିଶ କୋଟି ଦେବଦେବୀଙ୍କ କଳ୍ପନା ଓ ଆରାଧନା, ବ୍ରାହ୍ମଣ୍ୟ ଧର୍ମର ଆଧିପତ୍ୟ ତଥା ବାହ୍ୟ ଆଡ଼ମ୍ବରକୁ ପ୍ରତ୍ୟାଖ୍ୟାନ ପୂର୍ବକ ଶୂନ୍ୟ ବ୍ରହ୍ମଙ୍କ ଉପାସନା ହେଉଛି ଏହି ଧର୍ମର ମୂଳଲକ୍ଷ୍ୟ। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି 'ମହିମା ସ୍ୱାମୀ' ବା 'ମହିମା ଗୋସେଇଁ'। ତାଙ୍କର ଜନ୍ମସ୍ଥାନ, ପିତାମାତା ଓ ଜନ୍ମ ସମୟ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳେ ନାହିଁ। ଫଳରେ ମହିମା ଧର୍ମୀମାନେ ତାଙ୍କୁ 'ଅଯୋନି ସମ୍ଭୂତ' ଭାବରେ ଆଖ୍ୟାୟିତ କରନ୍ତି। ଯାହା ଜଣାଯାଏ ୧୮୨୬ ମସିହାରେ ମହିମା ସ୍ୱାମୀଙ୍କର ଆବିର୍ଭାବ ଘଟିଥିଲା ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ 'ଧୂଳିଆ ଗୋସେଇଁ' ଭାବରେ। ଏହାପରେ ସେ ଖଣ୍ଡଗିରି ଚାଲିଆସି ନିଭୃତ ଅରଣ୍ୟରେ ସାଧନାରତ ଥିଲେ। ଏଠାରେ ବରମୁଣ୍ଡା ଗ୍ରାମନିବାସୀ ଭାଗ୍ୟଧର ଦଳେଇ ତାଙ୍କୁ ପ୍ରତ୍ୟହ ନୀର ଯୋଗାଉଥିଲେ। ସେ ତାକୁ ପାନ କରି ୧୨ ବର୍ଷ ବିତାଇଥିବାରୁ ଏହି ସମୟରେ ତାଙ୍କୁ ନିରାହାରୀ ଗୋସେଇଁ ଭାବରେ ଆଖ୍ୟାୟିତ କରାଯାଇଥିଲା। ୧୮୩୮ରେ ସେ ଢେଙ୍କାନାଳର କପିଳାସଠାରେ ୨ଟି ପର୍ଯ୍ୟାୟରେ ଦୀର୍ଘ ୨୪ ବର୍ଷ କାଳ ଆତ୍ମଯୋଗ ସମାଧିରେ ରହିଥିଲେ। ପ୍ରଥମ ୧୨ ବର୍ଷ ସଦାନନ୍ଦ ଶବର ଦ୍ୱାରା ଫଳମୂଳ ପ୍ରାପ୍ତ ହୋଇ ଜୀବନ ଧାରଣ କରିଥିବାରୁ ତାଙ୍କୁ ଫଳାହାରୀ ଗୋସେଇଁ ଭାବରେ ଆଖ୍ୟାୟିତ କରାଯାଇଥିଲା। ସେହିପରି ଦ୍ୱିତୀୟ ୧୨ ବର୍ଷ ତତ୍କାଳୀନ ଢେଙ୍କାନାଳ ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ତାଙ୍କୁ ପ୍ରତ୍ୟହ ଗୋ ଦୁଗ୍ଧ ନୂତନ ମୃତ୍ତିକା ଭାଣ୍ଡରେ ଯୋଗାଉଥିଲେ। ରାଜା ଭଗୀରଥ ଓ ତାଙ୍କର ପତ୍ନୀ ହୀରାପ୍ରଭା ଦେବୀ ମହିମା ସ୍ୱାମୀଙ୍କର ଗୃହୀଭକ୍ତ ପାଲଟି ଯାଇଥିଲେ। ୧୮୬୨ରେ ମହିମା ସ୍ୱାମୀ ତାଙ୍କର ଆତ୍ମଯୋଗ ସମାଧି ଶେଷ କରୁଥିବା ସମୟରେ ଗୋବିନ୍ଦ ବାବାଙ୍କୁ ସନ୍ନ୍ୟାସୀ ଧର୍ମରେ ଦୀକ୍ଷିତ କରି



ମିଶନ ଆରମ୍ଭ କରିଥିଲେ। ଏହାପରେ ମହିମା ସ୍ୱାମୀ ଖୋର୍ଦ୍ଧା ଜିଲାର ଦାରୁଠେଙ୍ଗ, ଅନ୍ଧାରୁଆ, ପଟିଆ ଆଦି ଅଞ୍ଚଳରେ ଭ୍ରମଣ କରି ପ୍ରଥମେ ଧୁନି ଘର ପ୍ରତିଷ୍ଠା କରି ବଉଦର ନରସିଂହ ଦାସ, କଟକ ସାଇଁଲୋ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣ ଦାସ, ଭାଇଗ ଦାସ ଓ ଦାରୁଠେଙ୍ଗର ମାଧବ ଦାସ, କୃପାସିନ୍ଧୁ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କୁ ଶିଷ୍ୟତ୍ୱ ପ୍ରଦାନ ସହ ଗୋବିନ୍ଦ ବାବାଙ୍କ ଦ୍ୱାରା ବଳ୍କଳ ପ୍ରଦାନ କରି ସନ୍ନ୍ୟାସୀ ଶ୍ରେଣୀ ଅନ୍ତର୍ଭୁକ୍ତ କରିଥିଲେ। ସେହିଠାରେ ମହିମା ଧର୍ମର ନୀତିନିୟମ ଓ ତାଙ୍କ ପରିପ୍ରଚାରିତ ଧର୍ମକୁ ମହିମା ଧର୍ମ ଭାବରେ ଅଭିହିତ କରିଥିଲେ। ସେ ମହିମା ଧର୍ମ ପ୍ରଚାର ଆରମ୍ଭ କରିଥିବାରୁ ଶିଷ୍ୟ ସନ୍ନ୍ୟାସୀମାନେ ତାଙ୍କୁ ମହିମା ଗୋସେଇଁ ଭାବରେ ଆଖ୍ୟାୟିତ କରିଥିଲେ। ୧୮୬୨ରେ ରେଢ଼ାଖୋଲ କାଙ୍କଣପଡ଼ାଠାରେ ଭୀମଭୋଇଙ୍କୁ କୂପରୁ ଉଦ୍ଧାର କରି ମହିମା ଧର୍ମରେ ଦୀକ୍ଷିତ କରିବା ସହ ତାଙ୍କୁ କବିତ୍ୱ ପ୍ରଦାନ କରିଥିଲେ। ଏହାପରେ ମହିମା ସ୍ୱାମୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିମା ଟୁଙ୍ଗି ଓ ଧୁନିଘର ସ୍ଥାପନ କରି ଧର୍ମ ପ୍ରଚାରରେ ବ୍ରତୀ ଥିଲେ। ସେ ଯେଉଁ ସ୍ଥାନରେ ଧୁନିଘର ସ୍ଥାପନ କରିଥିଲେ ସେଗୁଡ଼ିକ ହେଲା ଅନୁଗୋଳର ଅଙ୍ଗାରବନ୍ଧ, ହିନ୍ଦୋଳର ବ୍ରହ୍ମପୁର, ଆଠଗଡ଼ର ଖୁଣ୍ଟୁଣୀ, ଢେଙ୍କାନାଳର ମଢ଼ି(କାମାକ୍ଷାନଗର), ଯୋରନ୍ଦା, ବଉଳପୁର, କାଲୁରିଆ, କାଶିପୁର ଓ ଚୌଦ୍ୱାରର ଆଗ୍ରାହାଟ ଆଦି ପ୍ରଧାନ। ଏହି ସ୍ଥାନଗୁଡ଼ିକ ମହିମା ଧର୍ମ ଶିକ୍ଷାକେନ୍ଦ୍ର ବା ପ୍ରଚାର କେନ୍ଦ୍ର ଭାବରେ ବିବେଚିତ ହୋଇଥିଲା। ଏହାପରେ ବାଙ୍କୀର ମାଳବିହାରପୁର ଠାରେ ଧୁନିଘର ସ୍ଥାପନ କରି ବଳ୍କଳଧାରୀ ଶିଷ୍ୟ ନୃସିଂହ ଦାସ ବାବାଙ୍କ ଦ୍ୱାରା ୯୧ ଜଣଙ୍କୁ ବଳ୍କଳ ପ୍ରଦାନ କରି ସେମାନଙ୍କ ମଧ୍ୟରେ ୬୪ଜଣଙ୍କୁ ସିଦ୍ଧଭାବେ ଆଖ୍ୟାୟିତ କରିଥିଲେ। ନୃସିଂହବାବା ପରେ କୌପିନ ଧାରଣ କରି ବଳ୍କଳ ପ୍ରଦାନ କରୁଥିଲେ। ବଳ୍କଳ ପ୍ରଦାନରେ ନିଷେଧାଜ୍ଞା ଜାରି କରି ସେ ୧୮୭୪ରେ ଢେଙ୍କାନାଳର ଜହ୍ନାଠାରେ ୮୦ଜଣଙ୍କୁ ସିଦ୍ଧ କୌପିନ ବାନା ପ୍ରଦାନ କରି ସେମାନଙ୍କ ମଧ୍ୟରେ ୩୪ ଜଣଙ୍କୁ ସିଦ୍ଧ ଆଖ୍ୟା ପ୍ରଦାନ କରିଥିଲେ।

୧୮୭୬ରେ ମହିମା ସ୍ୱାମୀ ଯୋରନ୍ଦା ଆଶ୍ରମଠାରେ ଇହଲୀଳା ସାଙ୍ଗ କରିଥିଲେ। ସେଠାରେ ତାଙ୍କର ପ୍ରସିଦ୍ଧ ଶିଷ୍ୟ ସିଦ୍ଧ ବଡ଼ କୃପାସିନ୍ଧୁ ବାବା, ନୀଳାଦ୍ରି ବାବା, ସିଦ୍ଧ କୌପିନଧାରୀ ବିଦ୍ୟାଧର ବାବା ଓ ପରମାନନ୍ଦ ବାବାଙ୍କ ସହାୟତାରେ ସମାଧି ମନ୍ଦିର ନିର୍ମାଣ କରିବା ସହ ମଠ ଆଦି ନିର୍ମାଣ କରିଥିଲେ। କାରଣ ତାଙ୍କୁ ଢେଙ୍କାନାଳ ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ଯୋରନ୍ଦା, ନାଟିମା ଓ ପଟଣା ଗ୍ରାମରେ ମଠ ନିର୍ମାଣ ପାଇଁ ୭୬ ଏକର ଜମି ନିଷ୍କର ଭାବରେ ପ୍ରଦାନ କରିଥିଲେ। ମହିମା ସ୍ୱାମୀ ଯୋରନ୍ଦା ଆଶ୍ରମ ଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମେଳା ମହୋତ୍ସବ ପାଳନ କରୁଥିବାରୁ ତାଙ୍କର ବ୍ରହ୍ମଲୀନ ପରେ ଭକ୍ତ ଓ ସନ୍ନ୍ୟାସୀମାନେ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଏହି ତିଥିରେ ମେଳା ଅନୁଷ୍ଠିତ କରୁଛନ୍ତି।

ମୋ: ୯୪୩୮୨୯୯୧୭୪

## ଏଇ ଭାରତରେ

କଦଳୀ ବର୍ଜ୍ୟରୁ ଆକର୍ଷଣୀୟ ଜିନିଷ ତିଆରିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ମଧ୍ୟପ୍ରଦେଶର ମେହୁଲ ଶ୍ରଫ୍। ସେ ପରିବେଶ ଉପଯୋଗୀ ଷ୍ଟାର୍ଟଅପ୍ 'ମେହୁଲ ଇଣ୍ଡଷ୍ଟ୍ରିଜ୍' ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। କଦଳୀ ବର୍ଜ୍ୟର ତନ୍ତୁରୁ ସୁନ୍ଦର ଝୁଡ଼ି, ବ୍ୟାଗ୍, ଦଉଡ଼ି, ଝାଡ଼ୁ, କାନ୍ଥଘଣ୍ଟା ଫ୍ରେମ୍, ମ୍ୟାଟ୍, ଯୋଗ ମ୍ୟାଟ୍ ଆଦି ଜିନିଷ ତିଆରି କରାଯାଉଛି। ପ୍ରତିମାସରେ ୫ ଟନ୍ କଦଳୀ ବର୍ଜ୍ୟର ଉପଯୋଗ ହେଉଛି ଓ ଏହି ବ୍ୟବସାୟରୁ ମେହୁଲ ବର୍ଷକୁ ୩୦ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏମ୍‌ବିଏ ଶେଷକରି ମେହୁଲ ତାଙ୍କ ପାରିବାରିକ ବିଜ୍‌ନେସରେ ଯୋଗଦେଇଥିଲେ। କିନ୍ତୁ ପରେ ତାଙ୍କ ଅଞ୍ଚଳରେ ବିପୁଳ ପରିମାଣର କଦଳୀ ବର୍ଜ୍ୟକୁ କାମରେ ଲଗାଇବା ପାଇଁ ଯୋଜନା କରିଥିଲେ। ବୁରୁହାଁପୁରସ୍ଥିତ ନଭସାରି କୃଷି ବିଶ୍ୱବିଦ୍ୟାଳୟର କର୍ମଶାଳାରେ ଯୋଗ ଦେଇ କଦଳୀ ବର୍ଜ୍ୟର ଉପଯୋଗ ବିଷୟରେ ପ୍ରଶିକ୍ଷଣ ହାସଲ କରିବା ପରେ ୨୦୧୮ରେ ମେହୁଲ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା କରିଥିଲେ। ବୁରୁହାଁପୁରରେ ୧୬,୦୦୦ ହେକ୍ଟର ଜମିରେ କଦଳୀ ଚାଷ ହେଉଥିବାରୁ ସେ ସହଜରେ ବର୍ଜ୍ୟ ପାଇପାରୁଛନ୍ତି ଓ କୃଷକମାନେ ବି ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଫେବୃୟାରୀ ୧୯୯୮

- ବ୍ରାଜିଲର ଜନବହୁଳ ସହର ସାଓପୋଲଠାରେ ନିଶା ଔଷଧର ଚୋରା ବେପାରି ଏବଂ ପ୍ରଚୁର ମଦ୍ୟପାନ କାରଣରୁ ୬୭ ଜଣଙ୍କ ମୃତ୍ୟୁ।
- ଭାରତରତ୍ନ ଏ.ପି.ଜେ. ଅବଦୁଲ କାଲାମଙ୍କୁ 'ମ୍ୟାନ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଆସ ଗୋ ମୋର ଚପଳ ତାରା
ସନ୍ଧ୍ୟାରାଣୀ ଗଳାର ହାରା,
ଚାତକ ପ୍ରାଣେ ବରଷା ଧାରା, ସୁନ୍ଦରୀ
ଆସ ଗୋ ପ୍ରିୟେ ପରାଣ–ପଥେ ଗୁଞ୍ଜରି।
(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ନୀତି ବଢ଼ୁଛି କାହିଁକି

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦୁର୍ନୀତିମୁକ୍ତ ପ୍ରଶାସନ ଯୋଗାଇ ଦେଉଛନ୍ତି ଓ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ଦାବି କରୁଥିବା ବେଳେ ପ୍ରକୃତରେ ଦୁର୍ନୀତି କର୍କଟ ରୋଗ ପରି ମାଡ଼ିଯାଉଛି। ଏଥିପାଇଁ ସମଗ୍ର ଦେଶ ଭାରତକୁ ନିନ୍ଦା ଦୃଷ୍ଟିରେ ଦେଖୁଛନ୍ତି। ଏବେ ଦେଶବାସୀଙ୍କ ମନରେ ସ୍ୱତଃ ପ୍ରଶ୍ନ ହେଉଛି ଯେ, ଦୁର୍ନୀତି କରୁଛି କିଏ ଏବଂ ଏହା ହଟିବ କିପରି ? ଏହାର ଅତି ସହଜ ଉତ୍ତର ଅଛି। ରାଜନେତା ଓ ଅମଲାତନ୍ତ୍ରୀମାନେ ସବୁଠାରୁ ଅଧିକ ଦୁର୍ନୀତିଗ୍ରସ୍ତ। ଲୋକଦେଖାଣିଆ ଭାବରେ କିଛି ଅମଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। ଅବଶ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି। ତେବେ ସବୁଠାରୁ ଅଧିକ ସୁରକ୍ଷିତ ଅଛନ୍ତି ଦୁର୍ନୀତିଗ୍ରସ୍ତ ରାଜନେତାମାନେ। ସିବିଆଇ, ଇଡି, ଆୟକର ବିଭାଗ ଓ ଭିଜିଲାନ୍ସ ପରି ତଦନ୍ତକାରୀ ସଂସ୍ଥାଗୁଡ଼ିକ ରାଜନେତାଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି। ବାସ୍ତବରେ ଦୁର୍ନୀତିର ମୁଖ୍ୟକାରଣ ହେଉଛି ସରକାରଙ୍କ ଉଦାସୀନତା ଓ ଜନସାଧାରଣଙ୍କର ଦୁର୍ନୀତି ସହିଷ୍ଣୁତା ଏବଂ ପ୍ରତିବାଦ ବିମୁଖତା। ରାଜନୀତିକୁ ସାଧୁ, ସଚ୍ଚୋଟ ଓ ନିଃସ୍ୱାର୍ଥପର ଲୋକ ଆସିଲେ ଓ ରାଜନେତା ତଥା ଅମଲାତନ୍ତ୍ରୀମାନେ ଦେଶବାସୀଙ୍କୁ ନିଜ ପରିବାର ବୋଲି ଭାବି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ ସମ୍ପାଦନ କଲେ ହିଁ ଦେଶରୁ ଦୁର୍ନୀତି ହଟିପାରିବ।

– ଅକ୍ଷୟ କୁମାର ମହାନ୍ତି,
ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଲକ୍ଷ୍ମଣପଡ଼ା,୪।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲକ୍ଷ୍ମଣପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲିସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଦ୍ୱିତୀୟ ବାର୍ଷିକ ଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ଏଥିପାଇଁ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୋଲେରମ ସେବା ସଂଘ ମୁଖ୍ୟ ପପୁଲିତ, ସମ୍ମାନିତ ଅତିଥି ଭାବେ ସୁଦାମ ତ୍ରିପାଠୀ, ଦୀପକ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଝରଣା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ପ୍ରଭାସିନ ମୁଣ୍ଡା ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ କୁଳୁର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାଇ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀମାନେ ବିଦାୟୀ ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅଜିତ ଦଳବେହେରା, ଆଶିଷ କୁମାର ସାହୁ, ଅଜିତ କୁମାର ଗୁପ୍ତା, ଜଗିଶ୍ରୀ ପଟ୍ଟନାୟକ, କବିତା ମୁଖାର୍ଜି, ଅନିତା ପ୍ରଧାନ, ପଦ୍ମିନୀ ନାୟକ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସୁନ୍ଦରଗଡ଼ ଜିଲ୍ଲାର ସଫଳ ପ୍ରାକୃତିକ କୃଷି

କୁତ୍ରା, ୪।୨(ଡି.ଏନ୍.ଏ.)



କୁତ୍ରା ବ୍ଲକରେ କରାଯାଇଥିବା ପ୍ରାକୃତିକ କୃଷି କ୍ଷେତ୍ରରେ କୃଷକ ଓ ଅଧିକାରୀ।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ପ୍ରାକୃତିକ ଉପାୟରେ ସଫଳ ଭାବରେ ବିଭିନ୍ନ ପ୍ରକାରର ଫସଲ ଉତ୍ପାଦନ ହେଉଛି। ପ୍ରାକୃତିକ ଉପାୟରେ ଚାଷ କାର୍ଯ୍ୟ କରି ଚାଷୀଙ୍କ ମନରେ ବେଶ ଉତ୍ସାହ ଦେଖିବାକୁ ମିଳୁଛି। ବର୍ତ୍ତମାନର ଆଧୁନିକ କୃଷି ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ପାଇଁ ଫସଲରେ ରାସାୟନିକ ସାର ଓ ବିଷର ବହୁଳ ବ୍ୟବହାର କରାଯାଉଛି। ଫଳରେ ମୃତ୍ତିକା ଓ ଜଳ ପ୍ରଦୂଷିତ ହେବା ସହିତ ମନୁଷ୍ୟର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଛି। ଫଳରେ ପ୍ରାକୃତିକ କୃଷି ପଦ୍ଧତିରେ ବିନା ରାସାୟନିକ ଜିନିଷ ବ୍ୟବହାର କରି ଉତ୍ପାଦିତ ଖାଦ୍ୟ ପଦାର୍ଥର ଚାହିଦା ବୃଦ୍ଧି ପାଉଛି। କୁତ୍ରା ବ୍ଲକ ଅନ୍ତର୍ଗତ ଭୋଗରାଠାରେ ଅବସ୍ଥିତ କିଷାନ ସାଥୀ ଫାଉଣ୍ଡେସନ ଦ୍ୱାରା ଗତ ଖରିଫ ୨୦୨୨ରେ ପ୍ରାକୃତିକ କୃଷି ଆରମ୍ଭ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ର ଡ. ମନୋରଞ୍ଜନ କୁମାର ଜେନାଙ୍କ ପରାମର୍ଶରେ କୁତ୍ରା ବ୍ଲକର ଡେଲିଘଣ, ରଜାବସା, ଭୋଗରା, କର୍ମାବାହାଲ ଗ୍ରାମର ୧୨୦ ଚାଷୀଙ୍କ କ୍ଷେତରେ ପ୍ରାୟ ୧୦୦ ଏକର ଜମିରେ ପ୍ରାକୃତିକ କୃଷି ପଦ୍ଧତିରେ ଦେଶୀ କିସମର ଧାନ, ମାଣ୍ଡିଆ, ଚିନାବାଦାମ, କୋଦୋ, ହରଡ ଓ ପନିପରିବା ଚାଷ କରାଯାଇଥିଲା। ଏହି ପଦ୍ଧତିରେ ଫସଲରେ କୌଣସି ରାସାୟନିକ ସାର ଓ ବିଷ ପ୍ରୟୋଗ କରାଯାଇ ନ ଥିଲା। ବିହନ ବିଶୋଧନ ପାଇଁ ବୀଜାମୃତର ବ୍ୟବହାର କରାଯାଇଥିଲା। ଏହା ସହିତ ଜୀବାମୃତକୁ ଏକର ପ୍ରତି ୨୦୦ ଲିଟର ହିସାବରେ ପ୍ରତି ୧୦ ଦିନ ଅନ୍ତରରେ ୪ ମାସ ଓ ଘନ ଜୀବାମୃତକୁ ପ୍ରତିମାସରେ ଏକର ପ୍ରତି ୧୦୦ କିଲୋଗ୍ରାମ ହିସାବରେ ୪ ମାସ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପ୍ରାକୃତିକ ପଦ୍ଧତିରେ ଚାଷ କରିବା ଦ୍ୱାରା ଚିନାବାଦାମର ଫଳ ସଂଖ୍ୟା ରାସାୟନିକ ପ୍ରଣାଳୀ ଅପେକ୍ଷା ୧୪ ଶତକଡା ଅଧିକ ହେବା ସହିତ ଅଧିକ ମଞ୍ଜି ୬୨% ମିଳିଥିଲା। ରାସାୟନିକ ପଦ୍ଧତିରେ ଚାଷ କରାଯାଇଥିବା ଧାନ ଫସଲରୁ ହାରାହାରି ଅମଳ ଏକର ପ୍ରତି ୧୨ କୁଇଣ୍ଟାଲ ମିଳିଥିଲା। ପ୍ରାକୃତିକ ପଦ୍ଧତିରେ ଚାଷ କରାଯାଇଥିବା ସମସ୍ତ ଫସଲରୁ ଅଧିକ ଅମଳ ମିଳିବା ସହିତ ମରୁଡ଼ି ଓ ରୋଗପୋକ ସହଣି କ୍ଷମତା ବୃଦ୍ଧି ପାଇଥିଲା। ଫସଲଗୁଡ଼ିକ ସୁସ୍ଥ ଓ ନିରୋଗ ଥିବା ସହିତ ପ୍ରାକୃତିକ କୃଷିରୁ ଉତ୍ପାଦିତ ଖାଦ୍ୟ ପଦାର୍ଥ ସ୍ୱାଦିଷ୍ଟ ହୋଇଥିଲା। ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଓ ଜିଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାରେ ସଫଳ ଭାବେ କରାଯାଇଥିବା ଏହି ପ୍ରାକୃତିକ କୃଷି ଜିଲାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଆଗାମୀ ଦିନରେ ଜିଲାର ଅନ୍ୟ ଅଞ୍ଚଳରେ ମଧ୍ୟ ଏହା ହେବାର ସମ୍ଭାବନା ରହିଛି ବୋଲି କିଷାନ ସାଥୀ ଫାଉଣ୍ଡେସନର ଅଧ୍ୟକ୍ଷ ଅମୂଲ୍ୟ ପ୍ରଧାନ ଲାଲକା ମତ ରଖିଥିଲେ। ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଓ ଏହାର ଉତ୍ପାଦନକୁ ବିକ୍ରିବାପାଇଁ ବ୍ୟବସ୍ଥା କରାଗଲେ ନିଶ୍ଚିତ ଭାବରେ ସୁନ୍ଦରଗଡ଼ ଜିଲା ଏକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ।

## କ୍ରିକେଟ ପ୍ରତିଯୋଗିତା : ଝରବାହାଲ ଚାମ୍ପିୟନ



ଦେବଗଡ଼,୪।୨(ଡି.ଏନ୍.ଏ.): ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦୋପଡା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ପଲ୍ଲୀ ପ୍ରଗତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ବାବା ସର୍ବେଶ୍ୱର କପ୍ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ ଜିଲାର ଟେଣ୍ଡ୍ରା କ୍ରିକେଟ ଦଳକୁ ପରାସ୍ତ କରି ଦେବଗଡ଼ ଜିଲାର ଝରବାହାଲ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଅପରାହ୍ନରେ ପଲ୍ଲୀ ପ୍ରଗତି କ୍ଲବର ସଭାପତି ସରୋଜ କୁମାର ଗଡନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟ ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଉଁରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରକାଶ କୁମାର ପାଣି, କାଦୋପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଦୀପକ କୁମାର ନାୟକ, ଗୁଣ୍ଡୁଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ସଉଲା ଗ୍ରାମ ପଞ୍ଚାୟତର ସରପଞ୍ଚ ବିଦ୍ୟାଧର ପ୍ରଧାନ, କେଲଡା ଗ୍ରାମ ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଓ ଖରାକକ୍ଷେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମଣ କିଷାନ ଏବଂ ବକ୍ତା ଭାବେ କାଦୋପଡା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ପ୍ରଧାନ ଯୋଗଦେଇ ଚାମ୍ପିୟନ ଝରବାହାଲ କ୍ରିକେଟ ଦଳ ଓ ରନର୍ସ ଅପ ଟେଣ୍ଡ୍ରା କ୍ରିକେଟ ଦଳକୁ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ପଲ୍ଲୀ ପ୍ରଗତି କ୍ଲବର ଈଶ୍ୱର ଚନ୍ଦ୍ର ପ୍ରଧାନ, ପରେଶ କୁମାର ପ୍ରଧାନ, ବିକାଶ ନାୟକ, ପ୍ରିତମ ଗଡ଼ନାୟକ ଓ ଶ୍ରୀକାନ୍ତ ନାୟକ ସହଯୋଗ କରିଥିଲେ।

# ଔଷଧୀୟ ବୃକ୍ଷ ଚାଷ ସମ୍ପର୍କିତ ସଚେତନତା କର୍ମଶାଳା

ଦେବଗଡ଼, ୪।୨(ଡି.ଏନ୍.ଏ.):



ଔଷଧୀୟ ଉଦ୍ଭିଦର ଚାଷ ଓ ଚାହିଦା ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳାରେ ଉପସ୍ଥିତ ଅତିଥି।

ରାଜ୍ୟ ସରକାରଙ୍କ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଔଷଧୀୟ ଉଦ୍ଭିଦର ଚାଷ ଓ ଚାହିଦା ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଦେବଗଡ଼ ରୁମକୁଝୁମା ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଦିପ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଏସ୍‌କେୱାଇର ରାଜ୍ୟ ଉପଦେଷ୍ଟା ନିବେଦିତା ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସାଧନା ଦାଶ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡା. ସୁଜିତ କୁମାର ନାଥ ଓ ଷ୍ଟେଟ ମେଡିସିନଲ ବୋର୍ଡର ଡିସିଏଫ୍ ଅନୁସୂୟା ପ୍ରମୁଖ ମଞ୍ଚାସୀନ ଥିଲେ। ଔଷଧୀୟ ବୃକ୍ଷର ଚାହିଦାକୁ ଦୃଷ୍ଟିରେ ରଖି ଔଷଧୀୟ ବୃକ୍ଷ ଚାଷର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଦେବଗଡ଼ ଜିଲାରେ ଅତୀତରେ ଔଷଧୀୟ ବୃକ୍ଷର ଭଣ୍ଡାର ଥିବାବେଳେ ଧୀରେ ଧୀରେ ଏହା ନଷ୍ଟ ହେବାକୁ ବସିଛି। ସେହିପରି ଆୟୁର୍ବେଦ ଚିକିତ୍ସା ଉପରେ ନିର୍ଭର କରୁଥିବା ଜନସାଧାରଣ ପାଶ୍ଚାତ୍ୟ ଚିକିତ୍ସାକୁ ଗ୍ରହଣ କରିଥିବାବେଳେ ଆୟୁର୍ବେଦ ଚିକିତ୍ସା ଅବହେଳିତ ହୋଇପଡ଼ିଥିବା କର୍ମଶାଳାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଚାଷୀଙ୍କୁ ଔଷଧୀୟ ବୃକ୍ଷ ଚାଷ ପାଇଁ ଉତ୍ପାଦନଠାରୁ ବିକ୍ରି ପର୍ଯ୍ୟନ୍ତ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆର୍ଥିକ ସହଯୋଗ ଓ ସବ୍‌ସିଡି ସମ୍ପର୍କରେ ଉପସ୍ଥିତ ବୈଦ୍ୟଙ୍କୁ ଅବଗତ କରାଯାଇଥିଲା। ଏହି କର୍ମଶାଳାକୁ ବାମଣ୍ଡା ବନୌଷଧି ସଭାପତି ଓ ବୈଦ୍ୟ ବିକାଶ ସଂଘ ସମ୍ପାଦକ ସରୋଜ କୁମାର ଭୂୟାଁ ପରିଚାଳନା କରିଥିବାବେଳେ ଜିଲାର ଶତାଧିକ ବୈଦ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସଚ୍ଚିକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।


## ବିଶେଷ ସୂଚନା

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ବରଗଡ଼ଙ୍କ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଆସନ୍ତା ତା୬।୨।୨୦୨୩ରୁ ୧୦।୨।୨୦୨୩ ପର୍ଯ୍ୟନ୍ତ କୃଷକ ବଜାର ପ୍ରାଙ୍ଗଣ, ବରଗଡ଼ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ଅବସରରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ, ବିକ୍ରି ଓ ରିହାତି ଦରରେ ବିକ୍ରି ତଥା ଆନୁଷଙ୍ଗିକ ଋଣ ବ୍ୟବସ୍ଥା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ଆଲୋଚନାଚକ୍ରର ଆୟୋଜନ କରାଯାଉଅଛି। କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ, ବହୁ ସଂଖ୍ୟାରେ ଏହି କୃଷି ମେଳାରେ ଭାଗ ନେଇ ବିଭିନ୍ନ ସରକାରୀ ସହାୟତାର ସୁଯୋଗ ନେଇ ସମର୍ଥ ଓ ସମୃଦ୍ଧ ହୁଅନ୍ତୁ।

ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ
ବରଗଡ଼


## ସେବା ସମବାୟ ସମିତି କୋଠରିରୁ ପିଅନଙ୍କ ଝୁଲନ୍ତା ମୃତଦେହ ଜବତ

ଦେବଗଡ଼,୪।୨(ଡି.ଏନ୍.ଏ.):

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ସିଂହଶାଳ ସେବା ସମବାୟ ସମିତିରେ କାର୍ଯ୍ୟରତ ପିଅନ ଫକୀରମୋହନ ପ୍ରଧାନ (୫୮)ଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏହା ଆତ୍ମହତ୍ୟା ନା ହତ୍ୟା ଘଟଣା ତାହା ସ୍ପଷ୍ଟ ହୋଇନାହିଁ। ଖବର ମୁତାବକ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ସିଂହଶାଳ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସାର ଗୋଦାମକୁ ଲାଗିରହିଥିବା ନବ ନିର୍ମିତ ଅତିରିକ୍ତ କୋଠରୀରେ ପିଅନ ପ୍ରଧାନଙ୍କ ମୃତଦେହ ଏକ ରଶିରେ ଝୁଲୁଥିବା ଉକ୍ତ ସେବା ସମବାୟ ସମିତିର ସମ୍ପାଦକ ଅକ୍ଷୟ କୁମାର ମାହାନ୍ତ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ବାରକୋଟ ଥାନା ପୋଲିସକୁ ସୂଚନା ଦେବା ସହ ଫକୀରଙ୍କ ପରିବାର ଲୋକଙ୍କୁ ମଧ୍ୟ ସୂଚନା ଦେଇଥିଲେ। ସୂଚନା ପାଇ ଫକୀରଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ରଶି କାଟିବା ସହ ମୃତଦେହ ତଳକୁ ଓହ୍ଲାଇଥିଲେ। ଅନ୍ୟପକ୍ଷରେ ସମ୍ପାଦକ ମାହାନ୍ତଙ୍କ ଏତଲା ଆଧାରରେ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡି ନ ଥିବାବେଳେ ଗତ କିଛିଦିନ ହେଲା କୌଣସି କାରଣରୁ ସେ ମାନସିକ ଅଶାନ୍ତି ମଧ୍ୟ ଦେଇ ଗତି କରୁଥିବା ସାଧାରଣରେ ଆଲୋଚନା ହେଉଛି।


### ଭାରତ ସରକାର
### ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ

ଲଜପତ ନଗର IV, ମୂଲଚାନ୍ଦ ମେଟ୍ରୋ ଷ୍ଟେଶନ ନିକଟ,
ନୂଆଦିଲ୍ଲୀ - ୧୧୦୦୨୪ । ଟେଲି. ନଂ.୦୧୧-୨୬୪୩୬୭୮୮, ୨୬୪୩୫୨୭୦
ଇ-ମେଲ୍: PRINCIPAL@RAKCON.COM

**ନାମଲେଖା ବିଜ୍ଞପ୍ତି**
**ଏମ୍.ଏସ୍‌ସି. ନର୍ସିଂ (ଶିକ୍ଷାବର୍ଷ ୨୦୨୩-୨୦୨୫)**
**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ**

ଶିକ୍ଷାବର୍ଷ ୨୦୨୩–୨୦୨୫ ନିମନ୍ତେ ଏମ୍.ଏସ୍. ନର୍ସିଂ (୨ ବର୍ଷ)ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ www.rakcon.comରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ **ପ୍ରିନ୍ସିପାଲ, ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ**ଙ୍କ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ଟ.୭୫୦/-ର ଡିମାଣ୍ଡ ଡ୍ରାଫ୍ଟ ସହିତ **ତା୧୫।୦୨।୨୦୨୩ରିଖରୁ ୧୭।୦୩।୨୦୨୩ରିଖ ଅପରାହ୍ନ ୫ ଘଟିକା** ସୁଦ୍ଧା କଲେଜରେ (ହାତରେ କିମ୍ବା ଡାକ ଯୋଗେ) ଦାଖଲ କରାଯାଇପାରିବ । ଫର୍ମ ଦାଖଲର ସମୟ ନିର୍ଘଣ୍ଟ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ଗେଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫ ଘଟିକା ।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (୧୨+୪) ବର୍ଷିଆ ବି.ଏସ୍‌ସି. (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ସମତୁଲ୍ୟ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ପରୀକ୍ଷାରେ ସର୍ବମୋଟ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଏକ ଚିକିତ୍ସାଳୟ/ବିଶେଷଜ୍ଞତା ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ କିମ୍ବା ଜନ ସ୍ୱାସ୍ଥ୍ୟ/ଏଜେନ୍ସିରେ ଏକ ବର୍ଷର ଅଭିଜ୍ଞତା ହାସଲ କରିଥିବେ । ଅଭିଜ୍ଞତାକୁ **୧୭ ମାର୍ଚ୍ଚ, ୨୦୨୩** ପର୍ଯ୍ୟନ୍ତ ହିସାବ କରାଯିବ । ଚୟନ ପରୀକ୍ଷା **୩୦ ଏପ୍ରିଲ, ୨୦୨୩ ପୂର୍ବାହ୍ନ ୧୦.୦୦** ଘଟିକାରେ ଅନୁଷ୍ଠିତ ହେବ ।

CBC 17149/12/0002/2223



### ଜିଲ୍ଲା ପରିଷଦ, ମାଲକାନଗିରି

Dist.: Malkangiri - 764048, Phone No.: 06861-230409,
Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା:......../LIII-04/2023 ତାରିଖ:....../୦୧/୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବ୍ କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୨–୨୩ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତିସ୍ତରୀୟ ଜଣଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିରେ ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକା ଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଲା | ୨୦।୦୨।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଲା |
| ୨ | ମାଥିଲି | ୨୨।୦୨।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୨୪।୦୨।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୨୮।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୨୯।୦୩।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୩୦।୦୩।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୩୧।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



### Government of Odisha "e" Procurement Notice
### WORKS DEPARTMENT

No. B-1218

Bid Identification No. C.C.E.K.C., Keonjhar No. 38/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 516 Dt. 31.01.2023

1. No. of the Work : 2 Number Bridge Works
2. Estimated Cost : Rs.529.20 lakhs to Rs.926.14 lakhs
3. Class of Contractor : "A" Class & "Special" Class
4. Period of Completion : 9 (Nine) Calendar Months to 18 (Eighteen) Calendar Months
5. Date and time of availability of Bid document in the portal : From 11.30 hours of 08.02.2023 to 16.00 hours of 23.02.2023
6. Last date/time for receipt of bids in the portal : 16.00 hours of 23.02.2023
7. Date of Opening of Bid from Portal : 11.30 hours on 24.02.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0049/2223


## ଭାରପ୍ରାପ୍ତ ରେଞ୍ଜରଙ୍କ ଝୁଲନ୍ତା ମୃତଦେହ ଜବତ

ହେମଗିର,୪।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନିକାସ୍ଥିତ କେନ୍ଦୁପତ୍ର ଫରେଷ୍ଟ ଅଫିସର ଭାରପ୍ରାପ୍ତ ରେଞ୍ଜର କପିଳେନ୍ଦ୍ର ପଧାନ (୪୦)ଙ୍କ ଝୁଲନ୍ତା ମୃତଦେହ ତାଙ୍କ କ୍ୱାର୍ଟର୍ସରୁ ଶୁକ୍ରବାର ପୋଲିସ ଜବତ କରିଛି। ତାଙ୍କ ଘର ଝାରସୁଗୁଡ଼ା ଜିଲା କୁଲାବିରାସ୍ଥିତ ତରେଇକେଲାରେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ୩୦ ମହିଳା ନେଲେ ତାଲିମ

ଲୋଇସିଂହା,୪।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ପ୍ରଥମ ଏଡୁକେଶନ ଫାଉଣ୍ଡେସନ ଆନୁକୂଲ୍ୟରେ କୁଶଙ୍ଗଠାରେ ତିନିମାସିଆ ବିୟୁଟି କୋର୍ସ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗୌନ୍ତିଆ ବୃନ୍ଦାବନ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମ ଦଫାରେ ୩୦ଜଣ ମହିଳା ତାଲିମ ନେଉଛନ୍ତି। ଝୁଲଣା ଗଡତ୍ୟା ତାଲିମ ପ୍ରଦାନ କରୁଛନ୍ତି।


### SITUATION VACANT

CTTC, Bhubaneswar intends to hire trainers in the different sectors in following job roles. Those who are having experience in following job roles can apply. Preference will be given to **NSDC, Sector Skill Council Certified Trainer** in respective job roles and the assignment will be purely on Project basis.

| Sl. No. | Sector | Job Role | Qualification Pack No. |
|---|---|---|---|
| 1. | Agriculture | Power Tiller Operator | AGR/Q1103 |
| | | Floriculturist | AGR/Q0701 |
| | | Gardener | AGR/Q0801 |
| | | Mushroom Grower | AGR/Q7803 |
| | | Beekeeper | AGR/Q5301 |
| 2. | Automotive | Electric Vehicle Service Assistant | ASC/Q1435 |
| 3. | Tourism & Hospitality | Housekeeping Attendant (Manual Cleaning) | THC/Q0203 |
| 4. | Construction | Mason General | CON/Q0103 |
| | | Helper Mason | CON/Q0101 |
| 5. | Health Care | Diet Assistant | HSS/Q5201 |
| | | General Duty Assistant | HSS/Q5101 |
| 6. | Painting & Coating | Painting Helper | PCS/Q5005 |
| 7. | Plumbing | Plumber General | PSC/Q0104 |
| | | Plumber General Assistant | PSC/Q0102 |
| 8. | Food Processing | Baking Technician / Operative | FIC/Q5005 |
| 9. | Electronics | LED Light Repair Technician | ELE/Q9302 |
| 10. | Handicrafts and Carpet | Engraving and Stamping Artisan | HSC/Q2802 |
| | | Casting Operator (Metal Handicrafts) | HSC/Q2801 |
| | | Bamboo Work Artisan | HSC/Q8702 |
| | | Candle Making | NARQ30036 |
| | | Agrabatti Maker | HSC/Q7901 |

**Last date for receiving application : 18.02.2023**
**How to apply :** The interested candidates may apply with updated CV/Bio-data along with all their certificates, Mark sheets, experience certificate and recent passport size photograph. Shortlisted candidates will be called for interview. No TA/DA shall be provided for attending the interview.

Scan & Apply

**Link : https://forms.gle/NWwwTVVX8JeHEzcVA**
**For Details Contact : 9861162688 / 9338061473**

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 2654742 / 2654743
E-mail : cttc@cttc.gov.in, Website : www.cttc.gov.in

Ministry of MSME Govt. of India
ISO-9001, 29990 ISO-14001 OHSAS 18001



### GOVERNMENT OF ODISHA
### OFFICE OF THE SUPERINTENDING ENGINEER
### KEONJHAR (R&B) DIVISION, KEONJHAR

GOVT. OF ODISHA

No. G2/983/Date: 01.02.2023

**RFQ Identification No.SE-PWD-K-01/2022-23**

**Request for Qualification**

No.B-1221:- The Superintending Engineer, Keonjhar (R&B) Division, Keonjhar (the "Authority") on behalf of the Works Department, Government of Odisha (the "Government") invites Request for Qualification (RFQ) from Registered firms for the following works.

| Sl. No. | Name of the work | RFQ invitation for | Period of engagement |
|---|---|---|---|
| 1 | Empanelment of Design/ Consultancy/ Supervision Agencies for Various Works in Keonjhar District | Design/ Consultancy/ Supervision Service | 36 months |

2. In accordance with the provisions under the Guidelines for Engagement of Consultants and Outsourcing of Services issued in the Office Memorandum No. 37323/F Dt. 30. 11.2018 of the Finance Department, Government of Odisha, the Authority now invites eligible consulting firms / joint ventures to apply for above assignments.

3. Letter of Invitation of the Authority along with all other relevant details of Request for Qualification (RFQ) will be available in the website: www.odisha.gov.in from **10.00 A.M. of 07.02.2023 to 5.00 P.M. of 13.03.2023.**
Further details with any addendum, corrigendum and cancellation can be seen from www.odisha.gov.in.

4. Request for Qualification (RFQ) should be submitted by Speed Post / Registered Post only to the following address latest by **5.00 P.M. on 13.03.2023** during office hours only. Submission of bid through any other mode and late bid will be rejected.

5. Proposals received shall be opened at **11.00 A.M. on 14.03.2023** in the Office of the Superintending Engineer, Keonjhar (R&B) Division, Keonjhar- 758001.

6. The Authority reserves all rights to cancel any or all proposals without assigning any reason.

**Address of Authority**
**Superintending Engineer**, Keonjhar (R&B) Division, Keonjhar, Odisha, Pin-758001, Tel: +916766255473, Email: eepwdkeonjhar@yahoo.com / sepwdkeonjhar2022@gmail.com

**Sd./- Superintending Engineer, Keonjhar (R&B) Divison**

OIPR-34004/11/0016/2223



### ବିଜ୍ଞାପନ

**ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର – ୭୫୧୦୨୪**

No. L-130: ନିମ୍ନଲିଖିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ପୁନଃ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ପଦବୀ ସଂଖ୍ୟା:** (୧) କନିଷ୍ଠ ସହକାରୀ (Junior Helper) – ୧ (ଅନୁସୂଚିତ ଜନଜାତି), ୧୮ରୁ ୩୮ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ।

**ଚୟନ ପ୍ରକ୍ରିୟା:** ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୧୧୭୫୨/ସା.ପ୍ର. ତା୧୯।୦୪।୧୯୮୯ ଓ ସଂଖ୍ୟା ୧୯୮୧୫/ସା.ପ୍ର. ତା୨୨।୦୯।୧୯୮୯ ଅନୁସାରେ ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିୟୋଜନ କାର୍ଯ୍ୟାଳୟ ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ଖୋର୍ଦ୍ଧା ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରେ ହିଁ କରାଯିବ। ପ୍ରକାଶ ଥାଉକି ଭୁବନେଶ୍ୱର ତହସିଲ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଶିକ୍ଷାଗତ ଯୋଗ୍ୟତା:** ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖି ଓ ପଢ଼ି ପାରୁଥିବେ। ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସାଇକେଲ ଚାଳନା ଜାଣିଥିବା ଆବଶ୍ୟକ।

**ଚାକିରି ସର୍ତ୍ତାବଳୀ:** Odisha Group 'B', Group 'C', Group 'D' (Repeal & Special Provision) Rules - 2022 notified by GA & PG Dept. Notification No. 29076-PT 1-GAD-SC-GCS-0090/2022/Gen. ଅନୁସାରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ବେତନ:** ମନୋନୀତ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀଙ୍କୁ Odisha Group 'B', Group 'C', Group 'D' Post (Repeal & Special Provision) Rules - 2022ର ପରିଶିଷ୍ଟରେ ପ୍ରଦତ୍ତ Fitment ସାରଣୀ ଆଧାରରେ ମାସିକ Cell-1, Level - 2, Rs.17200/- ମୂଳ ବେତନ କରାଯିବ।

**କିପରି ଆବେଦନ କରିବେ:** ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ସ୍ଥାୟୀ ଠିକଣା, ବର୍ତ୍ତମାନ ରହୁଥିବା ସ୍ଥାନର ଠିକଣା, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଜାତୀୟତା, ଲିଙ୍ଗ, ଧର୍ମ, ଜାତି, ବୈବାହିକ ଅବସ୍ଥା, ଲେଖି ପଢ଼ି ପାରୁଥିବା ଭାଷା ଓ ମୋବାଇଲ ନମ୍ବର ଏକ ବାୟୋଡାଟା ଫର୍ମରେ ପୂରଣ କରି ବର୍ତ୍ତମାନର ପାସ୍‌ପୋର୍ଟ ଆକାରର ଦୁଇଗୋଟି ଫଟୋ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ, ଦୁଇଟି ଗେଜେଟେଡ୍ ଅଫିସରଙ୍କଠାରୁ ଦୁଇଟି ଚରିତ୍ର ପ୍ରମାଣପତ୍ର, ନିୟୋଜନ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇଥିବା ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ରର ନକଲ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ନକଲ ଓ ନିଜ ଠିକଣା ଲେଖାଥିବା ଏବଂ ଡାକ ଟିକଟ ଲଗାଯାଇଥିବା ଦୁଇଟି ଲଫାପା ସଂଲଗ୍ନ କରି ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ – ୭୫୧୦୨୪ଙ୍କ ଠିକଣାରେ ଆବେଦନ କରିପାରିବେ। କୌଣସି କାରଣ ନ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ, ସହକାରୀ ରେଶମ ଶିଳ୍ପ, ଭୁବନେଶ୍ୱରଙ୍କ ପରିସରଭୁକ୍ତ ଅଟେ।

**ବି.ଦ୍ର.:** ନିର୍ଦ୍ଧାରିତ ସମୟ ସୀମା ପରେ ଗ୍ରହଣ କରାଯାଇଥିବା ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ସ୍ୱା./– ସହକାରୀ ନିର୍ଦ୍ଦେଶକ
ରେଶମ ଶିଳ୍ପ, ଭୁବନେଶ୍ୱର – ୭୫୧୦୨୪

OIPR-01440/11/0005/2223

## ୩୦ ମହିଳା ନେଲେ ତାଲିମ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ପ୍ରଥମ ଏଡୁକେଶନ ଫାଉଣ୍ଡେସନ ଆନୁକୂଲ୍ୟରେ କୁଶଙ୍ଗଠାରେ ତିନିମାସିଆ ବିୟୁଟି କୋର୍ସ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗୌନ୍ତିଆ ବୃନ୍ଦାବନ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମ ଦଫାରେ ୩୦ଜଣ ମହିଳା ତାଲିମ ନେଉଛନ୍ତି। ଖୁଲଣା ଗଡତ୍ୟା ତାଲିମ ପ୍ରଦାନ କରୁଛନ୍ତି। ଜିଲା ସଂଯୋଜକ କୁମୁଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବର୍ଷେ ବିତିଲା, ପୋଲିସ ହାତ ଖାଲି

**ମ.ରାମପୁର,୪।୨(ଡି.ଏନ.ଏ.)**

ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ କଳାହାଣ୍ଡି ଜିଲା ମୋହନଗିରିର ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳ ନିହତ ହେବାର ବର୍ଷେ ପୂରିଲା । ହେଲେ ମୃତ୍ୟୁ ପୂର୍ବରୁ ସେ ଯେଉଁ ମୋବାଇଲରେ ମାଓବାଦୀ ପୋଷ୍ଟରର ଫଟୋ ଉଠାଇବାକୁ ଉଦ୍ୟମ କରିଥିଲେ ସେହି ମୋବାଇଲ ଓ ସିମ୍ କାର୍ଡର ପତ୍ତା ଆଜିଯାଏ ମିଳିଲା ନାହିଁ। ପୋଲିସ, ଫରେନ୍‌ସିକ୍ ଟିମ୍, ଡଗସ୍କ୍ୱାଡ୍ ବିସ୍ଫୋରଣ ସ୍ଥଳକୁ ଯାଇ ଛାନ୍‌ଭିନ୍ କଲେ। ଅଥଚ ମୋବାଇଲର ସନ୍ଧାନ କିପରି ମିଳିଲା ନାହିଁ ତାହା ବର୍ଷେ ପରେ ବି ରହସ୍ୟ ଘେରରେ ରହିଛି। ଅପରପକ୍ଷରେ ମୃତ ରୋହିତଙ୍କ ପରିବାରକୁ ସରକାରୀ ସହାୟତା ଦିଆଯାଇ ପ୍ରଶାସନ ନିଜ ଦାୟିତ୍ୱ ଶେଷ କରିଛି। ଗଣମାଧ୍ୟମ ପ୍ରତିନିଧି ଭାବେ ଘଟଣାର ସତ୍ୟାସତ୍ୟ ପରିବେଷଣ ପାଇଁ ଘଟଣାସ୍ଥଳକୁ ଯାଇ ମୃତ୍ୟୁକୁ ସାମନା କରିଥିବା ଖବରଦାତାଙ୍କ ପରିବାର ପ୍ରତି କାହାରି ଦରଦ ଥିଲା ପରି ମନେ ହୁଏନାହିଁ । ରୋହିତଙ୍କ ଦେହାନ୍ତ ପରେ ତାଙ୍କ ପରିବାରର ବୋଝ ସ୍ତ୍ରୀ ମାଧବୀଙ୍କୁ ସମ୍ଭାଳିବାକୁ ପଡୁଛି। ଯାହା ସରକାରୀ ସହାୟତା ମିଳିଥିଲା ସେଥିରେ ସେ ଦୁଇ ପିଲାଙ୍କ ପାଠପଢା ଖର୍ଚ୍ଚ ସାଙ୍ଗକୁ କୌଣସି ମତେ ପରିବାର ଚଳାଉଥିବା ଦୁଃଖର ସହ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀ ୫ ତାରିଖ ଦିନ ମ.ରାମପୁର ବ୍ଲକ ମୋହନଗିରିର ଧରିତ୍ରୀ ଖବରଦାତା ରୋହିତ ମ. ରାମପୁରଠାରୁ ୧୦ କିମି ଦୂର ରାହୁଲ ନଦୀ ଦୁଲେନ ଛକ ପିଚୁ ରାସ୍ତା କଡରେ ଲାଗିଥିବା ମାଓବାଦୀ ପୋଷ୍ଟରର ଫଟୋ ଉଠାଇବାକୁ ଯାଇ ବିସ୍ଫୋରଣରେ ନିହତ ହୋଇଥିଲେ । ବିସ୍ଫୋରଣ ପରେ ପୋଲିସ ଓ ସମ୍ପୃକ୍ତ ଅନ୍ୟ ବିଭାଗୀୟ ଅଧିକାରୀ ତଦନ୍ତ କରି ଫେରିଥିଲେ। କିନ୍ତୁ ରୋହିତ ବ୍ୟବହାର କରୁଥିବା ମୋବାଇଲ ଓ ସିମ୍ କାର୍ଡ ପୋଲିସ ଦ୍ୱାରା ଯେଭଳି ଖୋଜା ଯିବା କଥା ହୁଏତ ଖୋଜାଗଲା ନାହିଁ। ଫଳରେ ମୃତ୍ୟୁ ପୂର୍ବରୁ କେଉଁମାନେ ତାଙ୍କୁ ଫୋନ କରିଥିଲେ । ଉକ୍ତ ସ୍ଥାନକୁ ଆସିବାକୁ କେହି କହିଥିଲା କି ତାହା ଆଜି ବି ରହସ୍ୟ ଘେରରେ ରହିଛି । କାରଣ ମାଣିକେରାଠାରୁ ପାଖାପାଖି ୭ କିମି ପର୍ଯ୍ୟନ୍ତ ମାଓବାଦୀ ପୋଷ୍ଟର ଲାଗିଥିବା ବେଳେ ସେ ସାଢେ ୬ କିମି ଅତିକ୍ରମ କରି ଯେଉଁ ଗଛରେ ଟଙ୍ଗା ଯାଇଥିବା ପୋଷ୍ଟର, ଲିଫ୍‌ଲେଟର ଫଟୋ ଉଠାଇବାକୁ ଗଲେ ସେହିଠାରେ ହିଁ ଲ୍ୟାଣ୍ଡ ମାଇନ ବିଛା ଯାଇଥିଲା। ୧ କିଲୋମିଟର ଭିତରେ ଫଟୋ ନ ଉଠାଇ ଉକ୍ତ ସ୍ଥାନକୁ ଆସିବା ପାଇଁ ମୋହନଗିରିର କେତେଜଣ ନିର୍ଦ୍ଦିଷ୍ଟ ଠିକାଦାର, ଗଞ୍ଜେଇ ମାଫିଆ ହିଁ ବାରମ୍ବାର ଫୋନ କରିଥିଲେ ବୋଲି ଆଲୋଚନା ହେଉଛି। ଏପରି କି ସେମାନଙ୍କ ବିରୋଧରେ ଏକାଧିକବାର ମୋହନଗିରି ଫାଣ୍ଡିରେ ଲିଖିତ ଏତଲା ଦିଆଯାଇଥିବା ବେଳେ ଆପୋଷ ବୁଝାମଣା ହୋଇଥିଲା । କିନ୍ତୁ ଉକ୍ତ ଘଟଣାକୁ ପୋଲିସ ବିଭାଗ ଅଣଦେଖା କରି ମାଓବାଦୀଙ୍କ ଦ୍ୱାହି ଦେଇ ନିରାପଦ ଦୂରତା ବଜାୟ ରଖିଛି। ଏହି ଘଟଣାରେ ସରକାରଙ୍କ ତରଫରୁ ରୋହିତଙ୍କ ପରିବାରକୁ ୧୩ ଲକ୍ଷ ଟଙ୍କା ଓ ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ୩୨ ହଜାର ଟଙ୍କା ମିଳିଥିଲା। ପରିବାରରେ ତାଙ୍କ ସ୍ତ୍ରୀ ମାଧବୀ, ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ଝିଅ, ୮ମ ଶ୍ରେଣୀରେ ପଢୁଥିବା ପୁଅ, ବୃଦ୍ଧା ମା’, ଦିବ୍ୟାଙ୍ଗ ଭାଇ ଅଛନ୍ତି । ମାଧବୀ କ୍ଷୋଭର ସହ କହିଛନ୍ତି , ସ୍ୱାମୀଙ୍କୁ ସରକାର ଶହୀଦ ମାନ୍ୟତା ଦେଲେ ନାହିଁ । ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀରେ ନିଯୁକ୍ତି ପାଇଁ ଜିଲ୍ଲା ପ୍ରଶାସନ ଓ ବିଧାୟକ ଭୂପିନ୍ଦର ସିଂହଙ୍କ ଦୃଷ୍ଟି ଆକର୍ଷଣ କରି ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଶା ନିରାଶାରେ ଦିନ କାଟୁଛୁ । ବେସାହାରା ମା’ ଝୁରୁଛି ପୁଅକୁ, ପାଠ ପଢା ଝିଅପୁଅ ମୁହଁରୁ ଲିଭିଯାଇଛି ହସ । ପରିବାର ଚଳାଇବା ଚିନ୍ତା ଘାରିଛି । ଅପରପକ୍ଷରେ ରବିବାର ଦିନ ମୟୂରଭଞ୍ଜ ସଦର ମହକୁମା ବାରିପଦାଠାରେ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ମରଣୋତ୍ତର ସମ୍ମାନ ସହିତ ଆର୍ଥିକ ସାହାଯ୍ୟ ଦିଆଯିବା ପାଇଁ ପରିବାରବର୍ଗଙ୍କୁ ନିମନ୍ତ୍ରିତ କରାଯାଇଥିବା ଜଣାଯାଇଛି।

**ରିପୋର୍ଟ: ଶଶୀଭୂଷଣ ପ୍ରହରାଜ**



ରୋହିତ ବିଶ୍ୱାଳ(ଫାଇଲ ଫଟୋ)

**ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ ଖବରଦାତା ରୋହିତ ବିଶ୍ୱାଳ ନିହତ ମାମଲା**

**■ ଏଯାଏ ମିଳିନି ମୋବାଇଲ ଓ ସିମ୍ କାର୍ଡ**

**ସେମାନେ ଯାହା କୁହନ୍ତି ...**

“ ଅନୁସନ୍ଧାନ ବେଳେ ମୋବାଇଲ ଓ ସିମ୍ ମିଳିନାହିଁ।

**ସଚିନ୍ଦ୍ର ପ୍ରଧାନ, ମ. ରାମପୁର ଥାନା ଆଇଆଇସି**

“ ଗତ ୬ ମାସ ତଳେ ଏସ୍‌ପି ଅଭିଳାଷ ଜୀ ଡାକିଥିଲେ । ପୁଅ, ଝିଅଙ୍କ ପାଠ ପଢିବା ପାଇଁ ଷ୍ଟାଇପେଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ଯାଏ ମିଳିନାହିଁ। କୌଣସି ସରକାରୀ ସଂସ୍ଥାରେ ଚାକିରି ଦେବାର ବ୍ୟବସ୍ଥା କରାଗଲେ ଆମେ ଉପକୃତ ହେବୁ।

**ମାଧବୀ ବିଶ୍ୱାଳ**

# ଭୋଜି ଦେଇ ଶୁଦ୍ଧି ହୋଇ ସମାଜରେ ମିଶିଲେ ଭୂଞ୍ଜିଆ ଦମ୍ପତି

**ନୂଆପଡ଼ା ଅଫିସ୍, ୪।୨**

ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟରେ ବାସ କରୁଥିବା ଭୂଞ୍ଜିଆ ଦମ୍ପତି ସାଧାରଣତନ୍ତ୍ର ଦିବସରେ ରାଜଅତିଥି ହୋଇ ରାଜପଥକୁ ଯାଇଥିଲେ। ଦିଲ୍ଲୀରେ ରାଜ୍ୟର ପ୍ରତିନିଧିତ୍ୱ କରି ଫେରି ଆସିଛନ୍ତି ନୂଆପଡାକୁ ଭୂଞ୍ଜିଆ ଦମ୍ପତି। ବାହାରେ ବୁଲିଲେ,ରହିଲେ,ଖାଇଲେ ବୋଲି ସାମାଜିକ ରୀତିନୀତିରେ ଶୁଦ୍ଧି ହୋଇ ଜାତି ଭାଇମାନଙ୍କୁ ଶୁକ୍ରବାର ଭୋଜି ଦେଇ ଜାତିରେ ମିଶିଛନ୍ତି। ସୂଚନା ମୁତାବକ ନୂଆଦିଲ୍ଲୀରେ ରାଜ ଅତିଥି ହୋଇ ରାଜ୍ୟର ପ୍ରତିନିଧିତ୍ୱ କରିଥିଲେ ନୂଆପଡା ଜିଲା ସୁନାବେଡାର ଭୂଞ୍ଜିଆ ଦମ୍ପତି ଭୂଜବଲ ମାଝି ଓ ତାଙ୍କର ସ୍ତ୍ରୀ କୁଞ୍ଜବାଇ ମାଝି। ଗତ ଜାନୁୟାରୀ ୨୧ରେ ଦିଲ୍ଲୀ ଅଭିମୁଖେ ବାହାରି ଫେବୃୟାରୀ ୨ରେ ନୂଆପଡ଼ା ଫେରିଥିଲେ। ନୂଆପଡ଼ାରେ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତକରି କୃତଜ୍ଞତା ଜଣାଇ ସୁନାବେଡ଼ା ବାହାରିଥିଲେ। ସୁନାବେଡା ଯିବା ବାଟରେ ବିଭିନ୍ନ ଗାଁରେ ବନବାସୀ ଭବ୍ୟ ସ୍ୱାଗତ କରିଥିଲେ। ହେଲେ ସେମାନେ ବାହାରେ ଖାଇଲେ ବୋଲି ଅଛୁଆଁ ହୋଇଗଲେ। ରାତିରେ ନିଜ ଘର ବାହାରେ ଅଲଗା ଶୋଇଲେ ଭୂଞ୍ଜିଆ ଦମ୍ପତି। ଶୁକ୍ରବାର ସକାଳୁ ରୀତିନୀତି ଅନୁସାରେ ଜାତି ବନ୍ଧୁବାନ୍ଧବ ତାଙ୍କ ଘରକୁ ଆସିଥିଲେ। ଗାଁ ପାଖ ଝରଣାରେ ଗାଧୋଇ ସାରି ଘରକୁ ଆସିଲା ପରେ ଦମ୍ପତିଙ୍କୁ ତାଙ୍କର ବନ୍ଧୁ ସୁନାରୀପତ୍ରରେ କ୍ଷୀରପାଣି ସିଞ୍ଚନ କରି କିଛି ବୁନ୍ଦା କ୍ଷୀରପାଣି ପିଇବା ପାଇଁ ଦେଇଥିଲେ। ପରେ ସମାଜର ନିୟମ ଅନୁସାରେ ଗୋଟିଏ ବୋଦା, ଗୋଟିଏ କୁକୁଡା, ଗୋଟିଏ ପାରା, ୨୧ଟି ଲେମ୍ବୁ, ୨୧ଟି ନଡିଆ ଓ ଏକ ବସ୍ତା ଅରୁଆ ଚାଉଳ ଦେଇଥିଲେ। ସମାଜର ରୀତିନୀତି ଅନୁସାରେ ପଶୁପକ୍ଷୀମାନଙ୍କୁ ବଳି ଦେଲା ପରେ ଭୂଞ୍ଜିଆ ଦମ୍ପତିଙ୍କୁ ତାଙ୍କ ଲାଲବଙ୍ଗଳା ଓ ସୁନାଦେଈ ମନ୍ଦିର ନେଇଥିଲେ। ଇଷ୍ଟଦେବୀ ଦର୍ଶନ ପରେ ସେମାନେ ଶୁଦ୍ଧି ହୋଇ ସମାଜରେ ମିଶିଥିଲେ। ଅଭୟାରଣ୍ୟ ଅଞ୍ଚଳରେ ବସବାସ କରୁଥିବା ଶତାଧିକ ଜାତି ଭାଇ, ବନ୍ଧୁବାନ୍ଧବ ଶୁଦ୍ଧି ଭୋଜିରେ ସାମିଲ ହୋଇଥିଲେ। ବର୍ତ୍ତମାନଠାରୁ ଭୂଜବଳ ଓ କୁଞ୍ଜବାଈ ସମାଜରେ ପୁନଃ ମିଶିଥିବା ଘୋଷଣା କରିଥିଲେ। ଏକ ଉପାନ୍ତ ଜିଲାରୁ ଆଦିବାସୀ ଦମ୍ପତି ଦିଲ୍ଲୀ ଯାଇ ଜାତିର ଗର୍ବ ଓ ଗୌରବକୁ ବଢାଇ ଦେଇଥିବାରୁ ବହୁତ ପ୍ରଶଂସା କରିଥିଲେ।



ଜାତି ଭାଇମାନେ ଭୋଜି ଖାଉଛନ୍ତି।

# ଅଁଳାଯୁବା ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳିତ

**ନୂଆପଡ଼ା ଅଫିସ୍, ୪।୨**

ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ଅଁଳାଯୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ଥାନୀୟ ଶିବ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଥିଲା। ପୂର୍ବତନ ସରପଞ୍ଚ ଚୈତନ୍ୟ ମାଝିଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ପରିସର କାର୍ଯ୍ୟକ୍ରମ ସ୍ଥଳରେ ମଶାଲ ଓ କଳସ ସ୍ଥାପନ କରିଥିଲେ। ଏହି ଅବସରରେ କଟକ ରେଭେନ୍ସା କଲେଜର ଅଜୟ କୁମାର ମହାନ୍ତି ମୁଖ୍ୟଅତିଥି, ଅବସରପ୍ରାପ୍ତ ବିଆରସିସି ରାଧାରମଣ ଯୋଶୀ, ସଦର ସିଆରସିସି ଜିତେନ୍ଦ୍ର କୁମାର ଖମାରୀ, ଚିଚିରିପାଣି ସିଆରସିସି ଅଶୋକ ଦୀପ, ମଶାନକୁଣ୍ଡା ସିଆରସିସି ଦିନେଶ ଚନ୍ଦ୍ର ମାଝି, ପିପଲଛିଣ୍ଡି ପ୍ରଧାନ ଶିକ୍ଷକ ବୈଷ୍ଣବ ଭୋଇ, ଚୁହୁରି ପ୍ରଧାନ ଶିକ୍ଷକ ଗଙ୍ଗା ସାଗର ନିଆଲ, ଦହାନପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟୁନୁ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସଦର ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଡୋଲକିଆ ମୁଖ୍ୟ ଅତିଥି, କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଜିତେନ୍ଦ୍ର ସୁନା ମୁଖ୍ୟବକ୍ତା, ଅବନୀରଞ୍ଜନ ଯୋଶୀ, ଭାନୁ ପ୍ରତାପ ସିଂ ମାଝି, ଭରତଲା ରାଉତ, ଦର୍ଲିପଡା ସରପଞ୍ଚ ସନ୍ଧ୍ୟାରାଣୀ ମିର୍ଦ୍ଧା, ଅଶୋକ ଦଣ୍ଡସେନା, ପ୍ରଧାନ ଶିକ୍ଷୟିତ୍ରୀ ମୀନତି ଦାସ, ଟଙ୍କଧର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥି ଡୋଲକିଆ ବିଦ୍ୟାଳୟର ଆନୁସଙ୍ଗିକ ଭିତ୍ତିଭୂମି ସକାଶେ ସବୁ ପ୍ରକାର ସହଯୋଗ କରିବା ପାଇଁ ପ୍ରକାଶ କରିଥିଲେ। ପୁରନ୍ଦର ମାଝି, ଧନଞ୍ଜୟ ମାଝିଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଁଳାଯୁବା କ୍ଲଷ୍ଟର ସିଆରସିସି ଶରତ କୁମାର ପଣ୍ଡା ପରିଚାଳନା କରିଥିଲେ।


## ବିଶେଷ ସୂଚନା

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ବରଗଡ଼ଙ୍କ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଆସନ୍ତା ତା୬।୨।୨୦୨୩ରୁ ୧୦।୨।୨୦୨୩ ପର୍ଯ୍ୟନ୍ତ କୃଷକ ବଜାର ପ୍ରାଙ୍ଗଣ, ବରଗଡ଼ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ଅବସରରେ ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ, ବିକ୍ରି ଓ ରିହାତି ଦରରେ ବିକ୍ରି ତଥା ଆନୁଷଙ୍ଗିକ ଋଣ ବ୍ୟବସ୍ଥା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ଆଲୋଚନାଚକ୍ରର ଆୟୋଜନ କରାଯାଉଅଛି। କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ, ବହୁ ସଂଖ୍ୟାରେ ଏହି କୃଷି ମେଳାରେ ଭାଗ ନେଇ ବିଭିନ୍ନ ସରକାରୀ ସହାୟତାର ସୁଯୋଗ ନେଇ ସମର୍ଥ ଓ ସମୃଦ୍ଧ ହୁଅନ୍ତୁ।

**ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ**
**ବରଗଡ଼**


# ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ

**କୋକସରା,୪।୨(ଡି.ଏନ.ଏ.):** ଜଳସମ୍ପଦ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ଉପର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ପକ୍ଷରୁ ଶନିବାର ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ପାଣି ପଞ୍ଚାୟତ ରଥକୁ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ସ୍ୱାଗତ କରିଥିଲେ। କୁସୁମଖୁଣ୍ଟି ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ମୁଖୀଗୁଡା ଇନ୍ଦ୍ରାବତୀ ନିର୍ମାଣ ଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କୁସୁମଖୁଣ୍ଟି ବାମ କେନାଲ ଡିଭିଜନ ଅଧୀନରେ ଥିବା ପାଣି ପଞ୍ଚାୟତ କମିଟିର କର୍ମକର୍ତ୍ତା ଓ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ କହିଥିଲେ, ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ଧର୍ମଗଡ ଉପଖଣ୍ଡ ଅଞ୍ଚଳ ଶସ୍ୟ ଶ୍ୟାମଳା ହୋଇଛି। ଚାଷୀମାନେ ସ୍ୱାବଲମ୍ବୀ ହେବା ସହ ଅର୍ଥନୈତିକ ସ୍ଥିତି ସୁଦୃଢ଼ ହୋଇଛି। ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀ କୁସୁମଖୁଣ୍ଟି ତୃପ୍ତ କୁମାର ପାତ୍ର, ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ଭୋଇ, ଜୟପାଟଣା ବ୍ଲକ କୃଷି ଅଧିକାରୀ ଅନନ୍ତ ଚରଣ ଦାସ ଯୋଗଦେଇ କୁସୁମଖୁଣ୍ଟି ଡିଭିଜନ ଅଧୀନରେ ଥିବା ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କ ସହ ଜଳସେଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରି ପାଣିର ସୁବିନିଯୋଗ ଓ ପରିଚାଳନାରେ ସହଯୋଗ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ଇନ୍ଦ୍ରାବତୀ ହାଇସ୍କୁଲ ଡଙ୍ଗରିଗୁଡା ଓ କୋକସରା ଜବାହାର ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ୪ ଜଣ ସଫଳ ଚାଷୀ ଜୟପାଟଣା ବ୍ଲକର ସୌମ୍ୟ ରଞ୍ଜନ ପଣ୍ଡା, କୋକସରା ବ୍ଲକର ପ୍ରଭାକର ବେହେରା, କଲମପୁର ବ୍ଲକର ଟଙ୍କଧର ନାଏକ, ଜୁନାଗଡ ବ୍ଲକର ସୁମନ୍ତ ରଞ୍ଜନ ପଣ୍ଡାଙ୍କୁ ମାଛ, ଛତୁ ଓ ପନିପରିବା ସହ ଧାନ ଚାଷରେ ଉଲ୍ଲେଖଯୋଗ୍ୟ ସଫଳତା ପାଇଁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଇନ୍ଦ୍ରାବତୀ ମୁଖୀଗୁଡାର କର୍ମଚାରୀ ଚିତ୍ତରଞ୍ଜନ ଦଳପତି ମଞ୍ଚ ପରିଚାଳନା କରିଥିଲେ। କୁସୁମଖୁଣ୍ଟି ବାମ କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ଶୁଭେନ୍ଦ୍ର କୁମାର ସାହୁ ଓ କର୍ମଚାରୀମାନେ ସହଯୋଗ କରିଥିଲେ।


## ଭାରତ ସରକାର
### ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ

ଲଜପତ ନଗର IV, ମୂଳଚାନ୍ଦ ମେଟ୍ରୋ ଷ୍ଟେଶନ ନିକଟ,
ନୂଆଦିଲ୍ଲୀ - ୧୧୦୦୨୪ । ଟେଲି. ନଂ.୦୧୧-୨୬୪୩୬୭୮୮, ୨୬୪୩୫୨୭୦
ଇ-ମେଲ୍: PRINCIPAL@RAKCON.COM

**ନାମଲେଖା ବିଜ୍ଞପ୍ତି**
**ଏମ୍.ଏସ୍‌ସି. ନର୍ସିଂ (ଶିକ୍ଷାବର୍ଷ ୨୦୨୩-୨୦୨୫)**
**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ**

ଶିକ୍ଷାବର୍ଷ ୨୦୨୩-୨୦୨୫ ନିମନ୍ତେ ଏମ୍.ଏସ୍. ନର୍ସିଂ (୨ ବର୍ଷ)ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ www.rakcon.comରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ **ପ୍ରିନ୍ସିପାଲ, ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂଙ୍କ** ସପକ୍ଷରେ ନୂଆଦିଲ୍ଲୀଠାରେ ପେଠଯୋଗ୍ୟ ଟ.୭୫୦/-ର ଡିମାଣ୍ଡ ଡ୍ରାଫ୍ଟ ସହିତ **ତା୧୫।୦୨।୨୦୨୩ରିଖରୁ ୧୭।୦୩।୨୦୨୩ରିଖ ଅପରାହ୍ଣ ୫ ଘଟିକା** ସୁଦ୍ଧା କଲେଜରେ (ହାତରେ କିମ୍ବା ଡାକ ଯୋଗେ) ଦାଖଲ କରାଯାଇପାରିବ । ଫର୍ମ ଦାଖଲର ସମୟ ନିର୍ଘଣ୍ଟ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ଗେଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି ସୋମବାରରୁ ଶୁକ୍ରବାର ପୂର୍ବାହ୍ଣ ୧୦.୦୦ ଘଟିକାରୁ ଅପରାହ୍ଣ ୫ ଘଟିକା ।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (୧୨+୪) ବର୍ଷିଆ ବି.ଏସ୍‌ସି. (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ସମତୁଲ୍ୟ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ପରୀକ୍ଷାରେ ସର୍ବମୋଟ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଏକ ଚିକିତ୍ସାଳୟ/ବିଶେଷଜ୍ଞତା ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ କିମ୍ବା ଜନ ସ୍ୱାସ୍ଥ୍ୟ/ଏଜେନ୍ସିରେ ଏକ ବର୍ଷର ଅଭିଜ୍ଞତା ହାସଲ କରିଥିବେ । ଅଭିଜ୍ଞତାକୁ **୧୭ ମାର୍ଚ୍ଚ, ୨୦୨୩** ପର୍ଯ୍ୟନ୍ତ ହିସାବ କରାଯିବ । ଚୟନ ପରୀକ୍ଷା **୩୦ ଏପ୍ରିଲ, ୨୦୨୩ ପୂର୍ବାହ୍ଣ ୧୦.୦୦ ଘଟିକାରେ** ଅନୁଷ୍ଠିତ ହେବ ।

CBC 17149/12/0002/2223



## ଜିଲ୍ଲା ପରିଷଦ, ମାଲକାନଗିରି

Dist.: Malkangiri - 764048, Phone No.: 06861-230409,
Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା:......../LIII-04/2023 ତାରିଖ:....../୦୧/୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବ୍ କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତିସ୍ତରୀୟ ଜଣଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିରେ ନାମ | ତାରିଖ ଏବଂ ସମୟ ପୂର୍ବାହ୍ଣ ଘ୧୧.୦୦ଟିକା ଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଳା | ୨୦।୦୨।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୨ | ମାଥିଲି | ୨୨।୦୨।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୨୪।୦୨।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୨୮।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୨୯।୦୩।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୩୦।୦୩।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୩୧।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



## Government of Odisha “e” Procurement Notice
## WORKS DEPARTMENT

No. B-1218

Bid Identification No. C.C.E.K.C., Keonjhar No. 38/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 516 Dt. 31.01.2023

1. No. of the Work : 2 Number Bridge Works
2. Estimated Cost : Rs.529.20 lakhs to Rs.926.14 lakhs
3. Class of Contractor : “A” Class & “Special” Class
4. Period of Completion : 9 (Nine) Calendar Months to 18 (Eighteen) Calendar Months
5. Date and time of availability of Bid document in the portal : From 11.30 hours of 08.02.2023 to 16.00 hours of 23.02.2023
6. Last date/time for receipt of bids in the portal : 16.00 hours of 23.02.2023
7. Date of Opening of Bid from Portal : 11.30 hours on 24.02.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal “**http://tendersodisha.gov.in**”.

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0049/2223



## SITUATION VACANT

CTTC, Bhubaneswar intends to hire trainers in the different sectors in following job roles. Those who are having experience in following job roles can apply. Preference will be given to **NSDC, Sector Skill Council Certified Trainer** in respective job roles and the assignment will be purely on Project basis.

| Sl. No. | Sector | Job Role | Qualification Pack No. |
|---|---|---|---|
| 1. | Agriculture | Power Tiller Operator | AGR/Q1103 |
| | | Floriculturist | AGR/Q0701 |
| | | Gardener | AGR/Q0801 |
| | | Mushroom Grower | AGR/Q7803 |
| | | Beekeeper | AGR/Q5301 |
| 2. | Automotive | Electric Vehicle Service Assistant | ASC/Q1435 |
ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ବୁଦେଲପାଲିଠାରେ ଆଞ୍ଚଳିକ ସହଁରା ସମାଜର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନେଶ୍ୱର, ଝୁଝୁମୁରା ଓ ଧନକଉଡା ବ୍ଲକର ୫୫ ଖଣ୍ଡ ଗ୍ରାମର ସହଁରା ସମାଜର ଲୋକେ ଉପସ୍ଥିତ ଥିଲେ। ଝୁଝୁମୁରା ନେଉଳବାରି ଆଞ୍ଚଳିକ ସଂଘ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ସମାଜର ସଭାପତି ଅନିରୁଦ୍ଧ ଭୋଇ, ସମ୍ପାଦକ ହରିଶଚନ୍ଦ୍ର ଭୋଇ, ଉପସଭାପତି ଶ୍ରୀମତ ବେହେରା, ସହ ସମ୍ପାଦକ ଅଶୋକ କୁମାର ଭୋଇ, କୋଷାଧ୍ୟକ୍ଷ ସୁଶୀଲ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ସହଁରା ସମାଜର ଆରାଧ୍ୟ ଦେବତା ଶବରି ନାରାୟଣଙ୍କ ପୂଜାର୍ଚ୍ଚନା ଓ ନାମ ସଂକୀର୍ତ୍ତନ ହୋଇଥିଲା। ପୂଜାରେ ସୁରେଶ ଭୋଇ ଓ ସଚ୍ଚିଦାନନ୍ଦ ବେହେରା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମଣ୍ଡପରେ କଳସ ସ୍ଥାପନ ପରେ ପୂଜାର୍ଚ୍ଚନା କରାଯାଇଥିଲା। ଆମ୍ ଆଦ୍‌ମୀ ପାର୍ଟି ସମ୍ବଲପୁର ଜିଲା ସଭାପତି ଲାଲମଣି ଲୁଗୁନ ଓ ଜିଲା ଆଦିବାସୀ ଦଳିତ ସେନା ସଭାପତି ସୁବେଶ ମୁଣ୍ଡା ଯୋଗ ଦେଇ ପ୍ରଭୁ ଶବରି ନାରାୟଣଙ୍କୁ ଦର୍ଶନ କରିଥିଲେ।



ଜୟନ୍ତପୁରରେ ଶବରି ନାରାୟଣଙ୍କ ପୂଜା ।

## ଝୁଝୁମୁରାରେ ପୋଷଣ ମାସ ସମ୍ମିଳନୀ

ସମ୍ବଲପୁର,୪।୨(ବ୍ୟୁରୋ)

ଝୁଝୁମୁରା ବ୍ଲକ ଅଫିସ ପରିସରରେ ପ୍ରକଳ୍ପସ୍ତରୀୟ ପଞ୍ଚମ ପୋଷଣ ମାସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମମତା ନାଏକ ମୁଖ୍ୟଅତିଥି, ଡିଏସ୍‌ଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର ମୁଖ୍ୟବକ୍ତା ଓ ବିଡିଓ ନୀଳାମ୍ବର ମହାନନ୍ଦ, ଝୁଝୁମୁରା ଅତିରିକ୍ତ ତହସିଲଦାର ମମତା ମଞ୍ଜରୀ ତ୍ରିପାଠୀ, ସବିତା ଦାସ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, କସଂର ସରପଞ୍ଚ ଦିବାକର ବେହେରା, ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍. ଗଡ଼ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁଷ୍ଟିହୀନତା ଓ ଏହାକୁ କିଭଳି ଭାବେ ଦୂର କରାଯାଇପାରିବ ସେ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। ଝୁଝୁମୁରା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସବିତା ନାୟକ ସ୍ୱାଗତ ଭାଷଣ ଓ କ୍ଷେତ୍ର ପରିଦର୍ଶିକା ଆରତି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରେଷ୍ଠ ବିବେଚିତ ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସହାୟିକା, ଟିଁକି ମାଉସୀ, ସୁସ୍ଥ ଶିଶୁ, କିଶୋରୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୁନି ବାଳିକାମାନେ ନୃତ୍ୟ ପରିବେଷଣ କରିଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁପୋଷଣ ଦୂର କରିବା ପାଇଁ ପୋଷଣ ଗଛ ଚାରା ବଣ୍ଟନ କରାଯାଇଥିଲା। ଏହାସହ ପୁଷ୍ଟିକର ଖାଦ୍ୟ ଉପରେ ସଚେତନ କରିବା ପାଇଁ ପ୍ରଦର୍ଶନୀ ହୋଇଥିଲା। ଏହାସହ ମା' ଓ କିଶୋରୀ ବାଳିକାଙ୍କୁ ନେଇ ଦସ୍ତଖତ ଅଭିଯାନ ଓ ପୋଷଣ ସମ୍ବନ୍ଧୀୟ କୁଇଜ୍ ଆୟୋଜିତ ହୋଇଥିଲା।

## ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ କ୍ୟାମ୍ପସ ନିଯୁକ୍ତି ଶିବିର




କ୍ୟାମ୍ପସ ନିଯୁକ୍ତି ଶିବିରରେ ଯୋଗଦେଇଥିବା ଅଧିକାରୀ।

ସମ୍ବଲପୁର,୪।୨(ବ୍ୟୁରୋ)

ସମ୍ବଲପୁର ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ କ୍ୟାମ୍ପସ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କ୍ୟାମ୍ପସ ପ୍ଲେସମେଣ୍ଟ ମଧ୍ୟରୁ ବେଲପାହାଡସ୍ଥିତ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରୀ ଲିମିଟେଡରେ ୨୦୨୩ ମସିହାରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ସକାଶେ ଶିବିର ହୋଇଥିଲା। ଛାତ୍ରୀଛାତ୍ର ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର ଦେଇଥିଲେ। ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ ପ୍ରିନ୍ସପାଲ ସୌମ୍ୟଜିତ ମିଶ୍ର, ମ୍ୟାନେଜମେଣ୍ଟ ସଦସ୍ୟ ଆଦର୍ଶ ଅଗ୍ରୱାଲ୍ ଏବଂ ଟ୍ରେନିଂ ଓ ପ୍ଲେସମେଣ୍ଟ ଅଧିକାରୀ ରାଜଶେଖର ସିହ୍ନା ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଟିଆର୍‌ଏଲ୍ କ୍ରୋସାକି ଲିମିଟେଡକୁ କୃତଜ୍ଞତା ଜଣାଇଛନ୍ତି । ଆସନ୍ତା ମାର୍ଚ୍ଚ ୬ରେ ଡିପ୍ଲୋମା ଇଞ୍ଜିନିୟରିଂ, ବିସିଏ, ବିବିଏ ଓ ବି.କମ୍ ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାମ୍ପସ ନିଯୁକ୍ତି ଶିବିର କରିବାକୁ ବିଭିନ୍ନ କମ୍ପାନୀ ଧାର୍ଯ୍ୟ କରିଛନ୍ତି। ଡିପ୍ଲୋମା ଇଂରାଜୀ, ଡିଗ୍ରୀ ପାଠ୍ୟକ୍ରମ, ବିସିଏ/ବିବିଏ ପାଠ୍ୟକ୍ରମ, ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସେଲ ଛାତ୍ରୀଛାତ୍ରଙ୍କୁ ସ୍ଥାନିତ କରିବାକୁ ଖ୍ୟାତିସମ୍ପନ୍ନ କମ୍ପାନୀର କ୍ୟାମ୍ପସ ନିଯୁକ୍ତି ଆୟୋଜନ କରାଯାଇଥାଏ । ଯଦ୍ୱାରା ଛାତ୍ରୀଛାତ୍ର ସୁବିଧାରେ ନିଯୁକ୍ତି ପାଇଥାନ୍ତି। ନିଯୁକ୍ତିରେ ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନ ରେକର୍ଡ କରିଥିବା ସମ୍ପାଦକ ସଞ୍ଜୀବ ଅଗ୍ରୱାଲ କହିଛନ୍ତି ।

## କୁସୁମୀ ହାଇସ୍କୁଲର ବାର୍ଷିକୋତ୍ସବ

କୁଚିଣ୍ଡା, ୪।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଲୁମ୍‌ନୀ ସଭାପତି ବିହାରିଲାଲ ପଟେଲଙ୍କ ପୌରୋହିତ୍ୟରେ ହୋଇଥିବା ଉତ୍ସବରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ଏବିଇଓ ଗୌରାଙ୍ଗ କୁସୁମ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ସଂକୀର୍ତ୍ତନ କିଷାନ, ସମିତିସଭ୍ୟ ଧ୍ରୁବଚରଣ କିଷାନ, ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁପ୍ରସାଦ ପଟେଲ, ସ୍କୁଲ ପରିଚାଳନା କମିଟି ସଭାପତି ଯତିନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲିଲି ପୁନମ ମିଞ୍ଜ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପିଇଟି ଶ୍ରୀକାନ୍ତ ପଟେଲ ଅତିଥି ପରିଚୟ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ଅରୁଣ କୁମାର ନାଏକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୪।୨(ବ୍ୟୁରୋ)

ବିଜୁ ଛାତ୍ର ଜନତା ଦଳ ସମ୍ବଲପୁର ଜୋନ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ସମ୍ବଲପୁର ଜୋନ ସଭାପତି ମିଲନ ହୋତାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁପତ୍ର କର୍ମଚାରୀ ୱେଲଫେୟାର ଉପଦେଷ୍ଟା ସଞ୍ଜିତ ମହାନ୍ତି ଯୋଗଦେଇଥିଲେ। ଅତିଥିମାନେ ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସ ନିଜର ପରିଶ୍ରମ ଓ ସାଂଗଠନିକ ଦକ୍ଷତା ବଳରେ କିପରି ସଫଳ ରାଜନୀତିଜ୍ଞ ହୋଇପାରିଥିଲେ ସେ ଉପରେ ଆଲୋଚନା କରିଥିଲେ। ଏହାସହ କ୍ୟାଣ୍ଡେଲ ଜାଳି ତାଙ୍କ ସ୍ମୃତିଚାରଣ କରିଥିଲେ। ଜିଏମ୍‌ୟୁ ବିସିଜେଡି ଆବାହକ ଚୁମନ ପ୍ରଧାନ, ନିଖିଲ ବାବୁ, କବିତା ପୁରୋହିତ, ମୋହିତ ନାୟକ, ଜିଲା ଯୁବ ସଭାପତି ଲକ୍ଷ୍ମୀ ମହାପାତ୍ର, କିଶୋର ପଣ୍ଡା, ଅନୁଜ ଜେନା, ପ୍ରଶାନ୍ତ ଥାପା, ଭିଏସ୍‌ଏସ୍ ଅଟୋ ସଂଘ ସଭାପତି ପ୍ରେମାନନ୍ଦ ମିତ୍ର, ବିରେନ୍ଦ୍ର ସାହୁ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

## ସମ୍ବଲପୁର ରେଳ ମଣ୍ଡଳରେ ସାଂସ୍କୃତିକ ପ୍ରତିଯୋଗିତା

ସମ୍ବଲପୁର,୪।୨(ବ୍ୟୁରୋ)

ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳସ୍ଥିତ କମ୍ୟୁନିଟି ହଲଠାରେ ଆନ୍ତଃବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ରେଳ ମଣ୍ଡଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଶାଖା ଅଧ୍ୟକ୍ଷା ଅଞ୍ଜନୀ ସିଂ ସମ୍ମାନିତ ଅତିଥି ଥିଲେ । ରଙ୍ଗୋଲି, କୌତୁକ ବେଶ, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା।



ପ୍ରତିଯୋଗିତାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

## ଭାଜପାର ବ୍ଲକ ଅଫିସ ଘେରାଉ

**ପିଏମ୍‌ଏୱାଇରେ ଅନିୟମିତତା**

ସମ୍ବଲପୁର/ କୁଚିଣ୍ଡା, ୪।୨
(ବ୍ୟୁରୋ/ ଡି.ଏନ.ଏ.)




ଭାଜପା ପକ୍ଷରୁ ଧନକଉଡା ବ୍ଲକ ଘେରାଉ ।



କୁଚିଣ୍ଡାଠାରେ ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ରାଜ୍ୟ ସରକାର ନିଜ ଦଳର ସମର୍ଥକ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରୁଛନ୍ତି। ତାଲିକାରେ ବ୍ୟାପକ ତ୍ରୁଟି ରହିଛି ବୋଲି ସମ୍ବଲପୁର ଜିଲା ଧନକଉଡା ବ୍ଲକ ଘେରାଉ କରି ଭାଜପା କର୍ମକର୍ତ୍ତା ରାଜ୍ୟ ସରକାର ଉପରେ ବର୍ଷିଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରଶ ପଟେଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ଖେଳପଡିଆରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିଡିଓ ଏସ୍.କେ. ପଟେଲଙ୍କୁ ଦାବିପତ୍ର ଦେଇଥିଲେ। ପିଏମ୍‌ଏୱାଇରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ନିୟମ ରହିଛି। ହେଲେ ରାଜ୍ୟ ସରକାର ଚକ୍ରାନ୍ତ କରି ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲି କରିଛନ୍ତି। ନିର୍ଦ୍ଧାରିତ ସମୟ ଭିତରେ ଅଭିଯୋଗ କରିବା ପରେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ଭିତରେ ଦାମୋଦର କର, ଅଶ୍ୱିନୀ ମାଝି, ପ୍ରଦିପ ବେହେରା, କଳାମାଟି ସରପଞ୍ଚ ସୁଷମା ସାହୁ, ଆରତି ବରାଡ, ଅନ୍ନପୂର୍ଣ୍ଣା ବାରିକ, ରୁନୁ ପ୍ରଧାନ, ସଞ୍ଜୁକ୍ତା ପ୍ରଧାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି କୁଚିଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଭାଜପା ପକ୍ଷରୁ ଶନିବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ କର୍ମୀମାନେ ପୂର୍ତ୍ତ ବିଭାଗ ବଙ୍ଗଳାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକରେ ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ ପଡିଥିବାବେଳେ ଅନେକ ଅଯୋଗ୍ୟ ହିତାଧିକାରୀ ତାଲିକାରେ ସାମିଲ ହୋଇଥିବା ଅଭିଯୋଗ କରାଯାଇଛି। ଏହାଛଡା ଭାଜପା ପକ୍ଷରୁ କୁଚିଣ୍ଡା ବିଡିଓଙ୍କୁ ଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ପ୍ରଦାନ କରାଯାଇଛି। ତଦନ୍ତ କରି ୧୫ରୁ୨୦ଦିନ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ ନ କଲେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି । କୁଚିଣ୍ଡା ବିଡିଓ ନିରଞ୍ଜନ ସା ଖୁବ୍‌ଶୀଘ୍ର ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଏହି ଆନ୍ଦୋଳନରେ ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ସମିତି ସଭ୍ୟ ସମୀର କଉଡି, ଚିତ୍ତରଞ୍ଜନ ଭୋଇ, ରାଜକୁମାର ରକ୍ସା, ହରିହର ସାହୁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଜଳଖିଆ ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁମୁସର-ପୁଟୁକେଲଚୁଆଁ ରାସ୍ତାର ସାପ୍ତାହିକ ବଜାର ନିକଟରେ ଥିବା ଏକ ଜଳଖିଆ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି । ପୁଟୁକେଲଚୁଆଁର ନରେନ୍ଦ୍ର ମାଝି ଏକ ଚାଲ ଛପର ଘର କରି ଜଳଖିଆ ଦୋକାନ ଖୋଲିଥିଲେ। ସବୁଦିନ ପରେ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳେ ଦୋକାନ ଖୋଲିବାକୁ ଆସିବା ବେଳେ ଦୋକାନ ଘର ପୋଡି ଯାଇଥିବା ଦେଖିବାକୁ ପାଇଥିଲେ।

## ସଂକ୍ଷେପରେ

### କଫ ସିରପ ବେପାରୀଙ୍କୁ କୋର୍ଟଚାଲାଣ

ବଲାଙ୍ଗୀର ଅଫିସ, ୪।୨: ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହରର ବରପାଲିପଡା ନିବାସୀ ପ୍ରଶାନ୍ତ ଜେନା (୪୩)ଙ୍କ ଘରେ ଚଢ଼ାଉ କରିଥିଲା। ସେଠାରେ ସେ ବେଆଇନଭାବେ କଫ ସିରପ ବିକ୍ରି କରୁଥିବା ଧରାପଡିଥିଲା। ତାଙ୍କ ଘରୁ ୪୭ଟି ସିଲ ଥିବା ଏସ୍‌କାଫ କଫ୍ ସିରପ ବୋତଲ, ଅଧା ଷ୍ଟ୍ରିପ ଆଲପାଜୋଲମ୍ ଟାବଲେଟ, ୫୦୦ ମିଲି ଲିଟର ନାରଙ୍ଗୀ ରଙ୍ଗ ପାଣି, ଗୋଟିଏ ଲୁଜ ଏସକାଫ କଫ ସିରପ, ୯୩୯୦ ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ପ୍ରଶାନ୍ତଙ୍କ ବିରୋଧରେ ଟାଉନ୍ ଥାନାରେ ଏକ ମାମଲା (୫୩/୨୩) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ସଦର ଏସ୍‌ଡିପିଓ ତୋଫାନ୍ ବାଗ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ରବିଋଣ ପ୍ରଦାନ ଟାର୍ଗେଟ ପୂରଣ ନେଇ ଅନିଶ୍ଚିତତା

**ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା**

■ଶାଖା ପରିଚାଳକଙ୍କ କାର୍ଯ୍ୟକୁ ନେଇ ପାକ୍ସ ସମ୍ପାଦକ ଅସନ୍ତୁଷ୍ଟ

ଦେଓଗାଁ,୪।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ କେତେକ କାର୍ଯ୍ୟରେ ପାକ୍ସ ସମ୍ପାଦକମାନେ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି। ଏଥିଯୋଗୁ ରବିଋଣ ପ୍ରକ୍ରିୟା ବ୍ୟାହତ ହୋଇଛି । ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଚଳିତ ବର୍ଷ ରବିଋତୁରେ ଚାଷୀଙ୍କ ଋଣ ପ୍ରଦାନ ପାଇଁ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ୩୦ କୋଟି ଟଙ୍କା ଟାର୍ଗେଟ ଦିଆଯାଇଥିଲା । ଅଦ୍ୟାବଧି ୧୫ କୋଟି ଟଙ୍କାର ଋଣ ଚାଷୀଙ୍କୁ ପ୍ରଦାନ କରାଯାଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡିଛି । ଉକ୍ତ ସମବାୟ ବ୍ୟାଙ୍କ ଅଧୀନରେ ଜରାସିଂହା, ମହଲାଇ, ଗୌରଗୋଠ, ଉପରଝର ଓ ଅର୍ଜୁନପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ରହିଛି । କିନ୍ତୁ ଗତ ସାତ ଦିନ ହେଲା ଜରାସିଂହା ବ୍ୟାଙ୍କ ଶାଖା ପରିଚାଳକ ଦେବଦତ୍ତ ନେଗି ଓ ଉକ୍ତ ୫ ପାକ୍ସ ସମ୍ପାଦକଙ୍କ ମଧ୍ୟରେ ତାଳମେଳ ନ ରହିବାରୁ କୌଣସି ଚାଷୀଙ୍କ ରବି ଋଣ ମଞ୍ଜୁର ହୋଇପାରୁନାହିଁ। ମାର୍ଚ୍ଚ ମାସରେ କାର୍ଯ୍ୟଗୁଡିକର ବିଭାଗୀୟ ସମୀକ୍ଷା କାର୍ଯ୍ୟକ୍ରମ ରହୁଥିବାରୁ ଏହି ମାସରେ ଋଣ ବଣ୍ଟନ ସମ୍ଭବପର ନୁହେଁ ବୋଲି ନାମ ଗୋପନ ରଖି ଜନୈକ ସମ୍ପାଦକ ପ୍ରକାଶ କରିଛନ୍ତି । ଘଟଣାକୁ ନେଇ ଶାଖା ପରିଚାଳକ ନେଗିଙ୍କୁ ପଚାରିବାରୁ କାହିଁକି ୫ ପାକ୍ସର ସମ୍ପାଦକମାନେ ବ୍ୟାଙ୍କକୁ ଆସୁନାହାନ୍ତି ତାହ ମୁଁ ଜାଣିନାହିଁ। ଏ ବିଷୟରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଡିଆରସିଏସଙ୍କୁ ଜଣାଇଛି । ସୋମବାର ଉଭୟ ଅଧିକାରୀ ଜରାସିଂହା ଶାଖାକୁ ଆସିବେ ଏବଂ ସମସ୍ତଙ୍କୁ ନେଇ ଏକ ଆଲୋଚନା ବୈଠକ କରାଯିବ। ସମସ୍ୟା ସମାଧାନର ବାଟ ବାହାର କରାଯିବ ବୋଲି ଶାଖା ପରିଚାଳକ ନେଗି କହିଛନ୍ତି ।

### ସିଭିଲ କୋର୍ଟରେ ଭର୍ଚୁଆଲ ହାଇକୋର୍ଟ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ,୪।୨: ଲୋକଙ୍କୁ ଦ୍ୱାରଦେଶରେ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି ଓଡ଼ିଶା ଭର୍ଚୁଆଲ ହାଇକୋର୍ଟ। ଏହି ଭର୍ଚୁଆଲ ହାଇକୋର୍ଟକୁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିଛନ୍ତି। ଏହି ଭର୍ଚୁଆଲ ଉଦ୍‌ଘାଟନୀ ଉତ୍ସବରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍ ମୁରଲିଧରନ, ଜଷ୍ଟିସ ସଞ୍ଜୀବ ପାଣିଗ୍ରାହୀ ଉପସ୍ଥିତି ଥିଲେ। ଏହି ଅବସରରେ ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ଜିଲା ଦୌରା ଜଜ୍ ଲଲାଟେନ୍ଦୁ ଜେନା ଓ ଅନ୍ୟ ବିଚାରପତି ମାନେ ଉପସ୍ଥିତ ଥିଲେ। ଭର୍ଚୁଆଲ ହାଇକୋର୍ଟ ମାଧମରେ ଜନସାଧାରଣ ବଲାଙ୍ଗୀରରୁ କେଶ୍ ଫାଇଲିଂଠାରୁ ଆରମ୍ଭ କରି କେଶ ଶୁଣାଣି, ରିମୋଭାଲ ଅଫ ଡିଫେକ୍ଟସ ଉପସ୍ଥାପନ ଓ କେଶର ନକଲ ପାଇବା ପରି ସୁବିଧା ପାଇପାରିବେ। ଏହା ସମ୍ପୂର୍ଣ୍ଣ ରୂପେ ଏକ ହାଇକୋର୍ଟ ପରି କାର୍ଯ୍ୟ କରିବ ବୋଲି କୁହାଯାଇଛି। ଏହି ଅବସରରେ ସ୍ଥାନୀୟ ବାର୍ ହଲ୍ ଠାରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ଆବାହକତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ, ସଂଘ ଉପସଭାପତି ସରୋଜ ଗୁପ୍ତା ମଞ୍ଚାସୀନ ଥିଲେ। ଟିଟିଲାଗଡ ବାର ଆସୋସିଏଶନ୍‌ର ପଙ୍କଜ କୁମାର ପାଢ଼ୀ, ପାଟଣାଗଡ ବାର ଆସୋସିଏସନ୍ ସଭାପତି ବିପିନ ବିହାରୀ ପାଣିଗ୍ରାହୀ ମତ ଉପସ୍ଥାପନ କରିଥିଲେ।

# ଗ୍ରାମସଭାରେ ହେବନି ଅନୁମୋଦନ

ବଲାଙ୍ଗୀର ଅଫିସ, ୪।୨



ବଲାଙ୍ଗୀର ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲା ସରପଞ୍ଚ ସଂଘ ସଦସ୍ୟମାନେ।

**କଡା ନିଷ୍ପତ୍ତି ନେଲା ବଲାଙ୍ଗୀର ଜିଲା ସରପଞ୍ଚ ସଂଘ**

■ଆବାସ ଯୋଜନା ତାଲିକା ସଂଶୋଧନ କରିବାକୁ ପ୍ରସ୍ତାବ ଦେଲେ

■ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରାଯିବ ନାହିଁ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ଅନୁମୋଦନ ସଂକ୍ରାନ୍ତରେ ବଲାଙ୍ଗୀର ଜିଲା ସରପଞ୍ଚ ସଂଘ କଡା ଆଭିମୁଖ୍ୟ ଗ୍ରହଣ କରିଛି। ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଜିଲା ସରପଞ୍ଚ ସଂଘ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ଆବାସ ତାଲିକା ଅନୁମୋଦନକୁ ନେଇ ରୋକ୍‌ଠୋକ୍ ଶୁଣାଇଛନ୍ତି। କୌଣସି ପରିସ୍ଥିତିରେ ସେମାନେ ଗ୍ରାମସଭାରେ ଏହି ତାଲିକା ଅନୁମୋଦନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଆଗାମୀ ଫେବୃୟାରୀ ମାସରେ ପ୍ରତ୍ୟେକ ପଞ୍ଚାୟତରେ ହେବାକୁ ଥିବା ଗ୍ରାମସଭାକୁ ଆୟୋଜନ କରାଯିବ। ମାତ୍ର ଉକ୍ତ ଗ୍ରାମସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ଅନୁମୋଦନ କରାଯିବ ନାହିଁ। ଏହାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଯୋଜନା ସଂକ୍ରାନ୍ତରେ ଉକ୍ତ ଗ୍ରାମସଭାରେ ନିଷ୍ପତ୍ତି ନିଆଯିବ ବୋଲି ସରପଞ୍ଚ ସଂଘ ନିଷ୍ପତ୍ତି ନେଇଥିବା ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯେଉଁ ତାଲିକା ପ୍ରସ୍ତୁତ କରାଯାଇଛି ସେଥିରେ ଅନେକ ତ୍ରୁଟି ରହିଛି। ଅନେକ ଯୋଗ୍ୟ ଲୋକ ଯୋଜନାରୁ ବାଦ୍ ପଡିଛନ୍ତି। ଚୁଡାପାଲି ସରପଞ୍ଚ ଘାସିରାମ ବେହେରା କହିଛନ୍ତି ଯେ, ୨୦୧୧ ମସିହା ଜନସଂଖ୍ୟା ସର୍ଭେ ତାଲିକା ଆଧାରରେ ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ପ୍ରସ୍ତୁତ କରାଯାଇଛି। କୋଭିଡ ମହାମାରୀ କାରଣରୁ ୨୦୨୧ ଜନସଂଖ୍ୟା ତାଲିକା ପ୍ରସ୍ତୁତ ହୋଇନଥିବାରୁ ଅନେକ ଯୋଗ୍ୟ ହିତାଧିକାରୁଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ବାଦ୍ ଦିଆଯାଇଛି। ଏଣୁ ଏହା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି। ନୂଆ ସର୍ଭେ କରିବା ପରେ ଯାଇ ତାଲିକା ଅନୁମୋଦନ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକାରୀ ସଭାପତି ବଳଦେବ ସାହୁ କହିଛନ୍ତି ଯେ, ସରପଞ୍ଚମାନଙ୍କ ଉପରେ ତାଲିକା ଅନୁମୋଦନ ଚାପ ପକାଇବା ପରିବର୍ତ୍ତେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉ। ଏହାପରେ ଏହାକୁ ଅନୁମୋଦନ କରାଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ଗ୍ରାମସଭାରେ ଅନୁମୋଦନ କରାଯିବାକୁ କୁହାଯିବା ପରେ ଜିଲାର ୩୧୭ ଗ୍ରାମ ପଞ୍ଚାୟତ ସରପଞ୍ଚ ଗତ ଜାନୁୟାରୀ ୨୬ ତାରିଖ ସ୍ୱତନ୍ତ୍ର ଗ୍ରାମସଭା ଓ ଜାନୁୟାରୀ ୩୦ ଗ୍ରାମସଭାକୁ ବର୍ଜନ କରିଥିଲେ।

# ଭାଜପା ପକ୍ଷରୁ ବ୍ଲକ ଘେରାଉ

ଭବାନୀପାଟଣା/କୋକସରା, ୪।୨(ସ୍ୱ.ପ୍ର./ ଡି.ଏନ.ଏ.)

**ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି**

ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ନେଇ ଭାଜପା ପକ୍ଷରୁ କଳାହାଣ୍ଡି ଜିଲାର ଭବାନୀପାଟଣା, ଜୁନାଗଡ଼ ଓ ଧର୍ମଗଡ଼ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭବାନୀପାଟଣା ବ୍ଲକଠାରେ ଅନୁଷ୍ଠିତ ବିକ୍ଷୋଭରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ନେତୃତ୍ୱ ନେଇଥିଲେ। ଏଥିରେ ଭାଜପା ନେତ୍ରୀ ସୁନୀତି ମୁଣ୍ଡ, ରୋହିତ ଦୁର୍ଗା, ଯୁଗୋଳ କିଶୋର ପୋଢ଼ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜୁନାଗଡ଼ରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର,ଜିଲା ସମ୍ପାଦିକା କାଞ୍ଚନ ବାଗ,ପୂର୍ବତନ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝୀ,ଉପାଧକ୍ଷା ଟଙ୍କଧର ନାଏକ, ଜୁନାଗଡ଼ ନଗର ସଭାପତି ଶିବରାମ ରାଉତ, ଲକ୍ଷ୍ମୀ ନାରାୟଣ ବାଣୁଆ ପ୍ରମୁଖ ସାମିଲ ହୋଇଥିଲେ। ଧର୍ମଗଡ଼ରେ ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଷୀଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନଗର ମଣ୍ଡଳ ସଭାପତି ହରେକୃଷ୍ଣ ପଣ୍ଡା ସଭା ପରିଚାଳନା କରିଥିଲେ । ଧର୍ମଗଡ ନଗର ପ୍ରଭାରୀ ଶିଶୁଦେବ ମୁଣ୍ଡ, ଅପ୍ରେସ ସ୍ୱାଇଁ, ହିମାଂଶୁ ଶେଖର ପଣ୍ଡା, ଜୟ ଶଙ୍କର ମୁଣ୍ଡ, ଏକାଦଶୀ ଗୋପାଳ, ବଳରାମ ସା ବିଭୁଦତ୍ତ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଘେରାଉରେ ସାମିଲ ହୋଇଥିଲେ।

କୋକସରା ଭାଜପା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀଙ୍କ ସଭାପତିତ୍ୱରେ କୋକସରା ବ୍ଲକ ସମ୍ମୁଖରେ ବିକ୍ଷୋଭ ସହ ପ୍ରତିବାଦ ସଭା ହୋଇଥିଲା । ଏଥିରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, କୋକସରା ବ୍ଲକ ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ଆମପାଣି ମଣ୍ଡଳ ସଭାପତି ଅର୍ଜ୍ଜୁନ ଭାଟି, ମୋଟେର ମଣ୍ଡଳ ସଭାପତି ସ୍ୱୟମ୍ବର ବାଗ, ନୀଳକଣ୍ଠ ମାଝୀ,ବରିଷ୍ଠ ନେତା ଘନଶ୍ୟାମ ନାଏକ, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଉପ ସଭାପତି ଗୋପାଳ ଅଗ୍ରୱାଲ ଯୋଗଦେଇ ଆବାସ ଯୋଜନା ଅନିୟମିତତାର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ଗରୁଡ଼ ଧ୍ୱଜ ମାଝୀ, ମଧୁବନ ପାତ୍ର, ଭଜମନ ନାଏକ, ନାରୀନେତ୍ରୀ କୁନ୍ତି ପାଳଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆବାସ ଯୋଜନାରେ ହୋଇଥିବା ଅନିୟମିତତାକୁ ନେଇ ପ୍ରତିବାଦ କରିଥିଲେ। ଆଗକୁ ଅଯୋଗ୍ୟଙ୍କୁ ତାଲିକାରୁ ବାଦ ଦିଆ ନ ଗଲେ ବ୍ୟାପକ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।




ଭବାନୀପାଟଣାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।

# ୭କୁଟିଆ ମଦ ବେପାରୀଙ୍କ ବିରୋଧରେ ୧୧୦ଦଫା

ବଲାଙ୍ଗୀର ଅଫିସ, ୪।୨



୧୧୦ ଦଫାରେ କୋର୍ଟଚାଲାଣ ହୋଇଥିବା ଅଭିଯୁକ୍ତମାନେ ।

ବାରମ୍ବାର ଗିରଫ ହୋଇ ଜେଲଯିବା ସତ୍ତ୍ୱେ ଜାମିନ୍‌ରେ ବାହାରି ସହରରେ ପୁଣି କୁଟିଆ ମଦ ବେପାର କରୁଥିବା ୭ଜଣ ଅଭ୍ୟାସଗତ ଅଭିଯୁକ୍ତଙ୍କ ବିରୋଧରେ ବଲାଙ୍ଗୀର ଟାଉନ୍ ପୋଲିସ ୧୧୦ ସିଆରପିସି ଦଫାରେ କୋର୍ଟଚାଲାଣ କରିଛି। ସଦର ଏସ୍‌ଡିପିଓ ତୋଫାନ ବାଗ ଏ ସଂକ୍ରାନ୍ତରେ ଟାଉନ୍ ଥାନାରେ ଶୁକ୍ରବାର ଖବରଦାତା ସମ୍ମିଳନୀ ଡାକି ସୂଚନା ଦେଇଥିଲେ। ୧୧୦ ସିଆରପିସି ଧାରା ଲଗାଯାଇଥିବା ଅଭିଯୁକ୍ତମାନେ ହେଲେ ନେହେରୁନଗରର କିଶୋର ଠେଲା, ଖଇରାପଡାର ସୁରୁ ଓରଫ ସୁରେଶ ଭୋଇ, ଠିକାଦାରପଡାର ରଞ୍ଜିତ ଓରଫ ଲୁଲୁ ପଧାନ, ସୁଦପଡାର ସୀତାକାନ୍ତ ପ୍ରଧାନ, ରାଜୁ ବାଗ, ଶାନ୍ତିପଡାର ବିଜୟ ଗାଇଗରିଆ ଏବଂ ପେଲସ ଲାଇନ୍‌ର ଶ୍ରୀକାନ୍ତ ମଟାରୀ। ଏହି ୭ ଜଣଙ୍କ ନାମରେ ୧୧୦ ଦଫା ଲାଗାଯାଇଛି। ଶୁକ୍ରବାର ଟାଉନ୍ ପୋଲିସ ଏହି ୭ଜଣଙ୍କ ମଧ୍ୟରୁ ଶ୍ରୀକାନ୍ତ ପାତ୍ରଙ୍କ ବ୍ୟତୀତ ଅନ୍ୟ ୬ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ଅଭିଯୁକ୍ତ ଶ୍ରୀକାନ୍ତ ଅନ୍ୟ ଏକ ମାମଲାରେ କୋର୍ଟଚାଲାଣ ହୋଇ ଜେଲରେ ରହିଛନ୍ତି। ଏହି ଅଭିଯୁକ୍ତମାନେ କୋର୍ଟରେ ବଣ୍ଡ ଲେଖି ମଦ ବେପାର କରିବୁ ନାହିଁ ବୋଲି କହି ଜାମିନ୍‌ରେ ଆସିଥିଲେ। ମାତ୍ର ଜେଲରୁ ବାହାରିବା ପରେ ପୁଣି ଥରେ ମଦ କାରବାରରେ ଲିପ୍ତ ରହିବାରୁ ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ସେମାନଙ୍କ ବିରେଧରେ ୧୧୦ ଦଫା ଲଗାଯାଇଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଥିଲେ। ଏହାପରେ ଉପରୋକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ୱାରେଣ୍ଟ ଇସ୍ୟୁ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଥିଲା।

# ଏସସି ସଂରକ୍ଷଣ ତାଲିକାରୁ ବାଦ୍ ନ ଦେଲେ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୪।୨

ଓଡିଶା ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ଏବଂ ବଲାଙ୍ଗୀର ଜିଲା କେଉଁଟ କୈବର୍ତ୍ତ ଓ ଧୀବର ହଟାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସମିତି ରାଜ୍ୟ କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାର କହିଥିଲେ ଯେ, ୧୯୭୮ ମସିହାରେ ଅନୁସୂଚିତ ଜାତିବର୍ଗ ଭିତରକୁ ଜଣେ ବିଚାରପତିଙ୍କ ଆଦେଶ ବଳରେ କେଉଁଟ କୈବର୍ତ୍ତ ଓ ଧୀବର ଗଳି ଆସିଥିଲେ। ଏହି ବର୍ଗର ଲୋକମାନେ ଗାଁରେ ସବର୍ଣ୍ଣ ଜାତି ସହ ମିଶିକରି ରହୁଛନ୍ତି। ଏହାସତ୍ତ୍ୱେ ଏମାନେ ଅନୁସୂଚିତ ବର୍ଗ ସଂରକ୍ଷଣ ତାଲିକା ଭିତରେ ପଶିଯିବା ଫଳରେ ସେମାନେ ପ୍ରକୃତ ଅନୁସୂଚିତ ବର୍ଗଙ୍କ ସଂରକ୍ଷଣର ଲାଭ ଉଠାଇ ନେଉଛନ୍ତି। ରାଜ୍ୟରେ ୮୦ ଲକ୍ଷ ଅନୁସୂଚିତ ବର୍ଗ ରହିଥିବାବେଳେ ପ୍ରାୟ ୪ ଲକ୍ଷ କେଉଁଟ କୈବର୍ତ୍ତ ଓ ଧୀବର ରହିଛନ୍ତି। ଏମାନେ ପ୍ରକୃତ ଅନୁସୂଚିତ ବର୍ଗର ସମସ୍ତ ସଂରକ୍ଷଣ ସୁବିଧା ମାରି ନେଉଛନ୍ତି। ଏହାକୁ ବିରୋଧ କରିବା ପାଇଁ ଜିଲାସ୍ତରରୁ କେଉଁଟ କୈବର୍ତ୍ତ ଓ ଧୀବର ହଟାଅ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟସ୍ତରରେ ଏହି ଅଭିଯାନ ଜୋରଦାର କରାଯିବ। କେନ୍ଦ୍ର ଏବଂ ରାଜ୍ୟସରକାରଙ୍କ ସ୍ତରରେ ଏହି ବିଷୟ ଉପସ୍ଥାପନ ହେବା ସତ୍ତ୍ୱେ ରାଜନୈତିକ କାରଣରୁ ଏଯାଏ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ। ଆଗାମୀ ଦିନରେ ଏହି ସୁବିଧାବାଦୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଏବଂ ଏମାନଙ୍କୁ ସଂରକ୍ଷଣ ତାଲିକାରୁ ବାଦ୍ ନଦେଲେ ରାଜ୍ୟ ଓ ଜାତୀୟ ସ୍ତରରେ ଅଭିଯାନ ଓ ଆନ୍ଦୋଳନ କରାଯିବ ବୋଲି କୁମ୍ଭାର କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରୀ ସଭାପତି କୁମ୍ଭାରଙ୍କ ସହ ଦଳିତ ନେତା ଦ୍ରୋଣ କୁମ୍ଭାର, ଡ. ବିପିନ କୁଶଲିଆ, ବରିଷ୍ଠ ନେତା ସତ୍ୟାନନ୍ଦ ସୁନା ଏବଂ ବାସୁଦେବ ମୁଗ୍ରୀ ଉପସ୍ଥିତ ଥିଲେ।

# ସ୍ୱପ୍ନା ସ୍ୱୟଂପ୍ରଭା ସଭାପତି, ସୁଶାନ୍ତ ସାଧାରଣ ସମ୍ପାଦକ

ବଲାଙ୍ଗୀର ଅଫିସ, ୨।୨

**ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଶିକ୍ଷକ ସଂଘ ସାଧାରଣ ଅଧିବେଶନ**

ଓଡିଶା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଶିକ୍ଷକ ସଂଘ ସାଧାରଣ ଅଧିବେଶନ ଏବଂ ନିର୍ବାଚନୀ ସଭା ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡିଶାର ସମସ୍ତ ୩ଟି ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଶିକ୍ଷକ ଉପସ୍ଥିତ ଥିଲେ। ସଭାଟି ବଲାଙ୍ଗୀର ଆୟୁର୍ବେଦ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅରୁଣ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରଥମାର୍ଦ୍ଧରେ ସଂଘର ପୂର୍ବତନ ସଭାପତି ପ୍ରଫେସର ସୀମାଦ୍ରୀ ଭୂଷଣ ନାୟକ ଏବଂ ସାଧାରଣ ସମ୍ପାଦକ ପ୍ରଫେସର ଶିବବ୍ରତ ବେହେରା ବିଗତ ସଂଘ କାର୍ଯ୍ୟାବଳୀ ବିଷୟରେ ଆଲୋକପାତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସଂଘ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନୂତନ କର୍ମକର୍ତ୍ତା ଭାବେ ଡା. ସ୍ୱପ୍ନା ସ୍ୱୟଂପ୍ରଭା ସଭାପତି, ଡା. ଶିବ ପ୍ରସାଦ ରାଉତ ଉପସଭାପତି, ଡା. ସୁଶାନ୍ତ କୁମାର ମେହେର ସାଧାରଣ ସମ୍ପାଦକ, ଡା. ଚନ୍ଦନ କୁମାର ସାହୁ ସହକାରୀ ସାଧାରଣ ସମ୍ପାଦକ, ଡା. ଗଣେଶ କୁମାର ମେହେର କୋଷାଧକ୍ଷ ତଥା ଅନ୍ୟ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ । ନବନିର୍ବାଚିତ ସଭାପତି ଏବଂ ସାଧାରଣ ସମ୍ପାଦକ ସଂଘ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଡାକ୍ତର ଲିପ୍‌ସା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ନବନିର୍ବାଚିତ ସଂଘ କାର୍ଯ୍ୟକର୍ତ୍ତାଙ୍କ ସହ ଆୟୁର୍ବେଦ କଲେଜ ଅଧକ୍ଷ ଡା ଅରୁଣ କୁମାର ଦାସ।

# ସୁସ୍ଥ ସମାଜ ଗଠନରେ ସହାୟକ ହୁଅ

ଲୋଇସିଂହା, ୪।୨(ଡି.ଏନ.ଏ.)




ମୁଖ୍ୟଅତିଥି ବିଧାୟକ ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖୁଛନ୍ତି।

**ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ତ୍ରିଦିବସୀୟ ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଗୋବିନ୍ଦ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ରେଡକ୍ରସ ଜିଲା ସଂଯୋଜକ ଦୈତାରୀ ସାହୁ, ସମ୍ପାଦକ ଅମୃତସିଂ ବରିହା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ମହାଲିଙ୍ଗ କହିଥିଲେ ଯେ, ରେଡକ୍ରସ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତ୍ୱର ପ୍ରତୀକ। ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ । ଏହାବାଦ ଲୋଇସିଂହା କଲେଜର ଭିତ୍ତିଭୂମି ବିକାଶ ପାଇଁ ୫ଟିରେ ସାମିଲ କରି ନିର୍ବାଚନ ମଣ୍ଡଳୀର ଏକ ଶ୍ରେଷ୍ଠ କଲେଜ ପାଇଁ ଲକ୍ଷ୍ୟ ରଖିଥିବା ସେ କହିଥିଲେ। ଜିଲା ସଂଯୋଜକ ସାହୁ ଯୁବ ସମାଜ ପାଇଁ ରେଡକ୍ରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ତଥା କାଉନସିଲର ମାନସ କୁମାର ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ହିମାଂଶୁ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ନିମନ୍ତ୍ରିତ ୫୨ କଲେଜ ମଧ୍ୟରୁ ଶିବିରେ ୪୦ କଲେଜର କାଉନସେଲର ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

# ବ୍ଲକ ଅଫିସ ଘେରିଲା ଭାଜପା

ଖପ୍ରାଖୋଲ, ୪।୨(ଡି.ଏନ.ଏ.)

**ଆବାସ ଯୋଜନାରୁ ଯୋଗ୍ୟ ବ୍ୟକ୍ତି ବାଦ୍ ପଡିବାର ପ୍ରତିବାଦ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନିୟମିତତା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଦାବି କରିଛି ଖପ୍ରାଖୋଲ ବ୍ଲକ ଭାଜପା । ଦଳ ପକ୍ଷରୁ ଏ ନେଇ ଶନିବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ କର୍ମୀ ଏବଂ ଯୋଗ୍ୟ ହିତାଧିକାରୀମାନେ ସ୍ଥାନୀୟ ପେଟ୍ରୋଲ ପମ୍ପ ପାଖରୁ ବ୍ଲକ କାର୍ଯ୍ୟାଳୟ ଯାଏ ଶୋଭାଯାତ୍ରାରେ ଯାଇଥିଲେ। ବ୍ଲକ ଅଫିସ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ୨୭ ଲକ୍ଷ ୫୮ ହଜାର ଘର ଓଡିଶାକୁ ଯୋଗାଇ ଦେଇଥିବା ବେଳେ ପ୍ରାୟ ୩ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ଥିବାରୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। ସେମାନଙ୍କୁ ତୁରନ୍ତ ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସଂଯୋଗ କରିବା ପାଇଁ ଦାବି କରିଥିଲେ। ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଶଶି ପୂଝାରୀ, ପୂର୍ବତନ ଜିଲା ପରିଷଦ ବିପ୍ର ବିଶି, ଦଶରଥ ପାଣିଗ୍ରାହୀ, କୁନା ବିଶାଳ ପ୍ରମୁଖ ଉପସ୍ଥଇତ ଥିଲେ।

# ରେଳ ବିଭାଗ ନେଲା ଅଧିକ, ଦେଲା କମ୍

ବଲାଙ୍ଗୀର ଅଫିସ, ୪।୨

**ଓଡ଼ିଶା ପାଇଁ ରେଳ ବଜେଟ**

■ଓଡ଼ିଶାରୁ ଆୟ ୨୦ ହଜାର କୋଟି, ବ୍ୟୟ ଅଟକଳ ୧୦ ହଜାର କୋଟି

ଚଳିତ ବଜେଟ୍ ଉପସ୍ଥାପନ ପରେ ପୁଣି ଥରେ ଓଡିଶାକୁ ରେଳବିଭାଗର ଅନୁଦାନ ଘୋଷଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ରାଜ୍ୟରୁ ରେଳବିଭାଗ ଯେତିକି ଆୟ କରିଛି ତା'ଠୁ ଢ଼େର ପରିମାଣରୁ କମ୍ ଅନୁଦାନ ଘୋଷଣା କରିଛି। ସବୁଠୁ ବେଶୀ ଚର୍ଚ୍ଚାର ବିଷୟ ହୋଇଛି ରାଜ୍ୟ ସରକାରଙ୍କ ରେଳ ଅନୁଦାନ ଦାବି କରିବା ପ୍ରସଙ୍ଗ। ଚଳିତ ରେଳ ବଜେଟରେ ରାଜ୍ୟର ରେଳ ବିକାଶ ପାଇଁ ଓଡିଶା ସରକାର ୮୪୦୦ କୋଟି ଟଙ୍କା ଦାବି କରିଥିବାବେଳେ ରେଳ ବଜେଟରେ ୧୦ ହଜାର ୧୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଓଡିଶା ଦାବି କରିଥିବା ୮୪୦୦ କୋଟି ଟଙ୍କାର କୌଣସି ଆଧାର ନାହିଁ ଏବଂ ଏହା ରାଜ୍ୟର ବୃହତ୍ତର ସ୍ୱାର୍ଥର ପରପନ୍ଥୀ ବୋଲି ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ କୁମାର ପଣ୍ଡା ଏକ ପ୍ରେସବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

ରାଜ୍ୟର ବର୍ଦ୍ଧିତ ରେଳଯାତ୍ରୀ ସଂଖ୍ୟା ଓ ମାଲ ପରିବହନ ଜନିତ ଆୟକୁ ଅନୁଧ୍ୟାନ କଲେ ରେଳ ବିକାଶ ପାଇଁ ଆବଶ୍ୟକତାଠାରୁ ରାଜ୍ୟ ସରକାର ବହୁତ କମ୍ ଅର୍ଥ ଦାବି କରିଛନ୍ତି ବୋଲି ପଣ୍ଡା କହିଛନ୍ତି । ଗତ ଆର୍ଥିକ ବର୍ଷରେ ଓଡିଶା ପାଇଁ ବଜେଟ ଅଟକଳ ୯ ହଜାର ୭୩୪ କୋଟି ଥିବାବେଳେ ଚଳିତବର୍ଷ ଓଡିଶା ଦାବି କରିଛି ମାତ୍ର ୮ ହଜାର ୪୦୦ କୋଟି ଟଙ୍କା । ପୁନଶ୍ଚ ଗତ ଆର୍ଥିକ ବର୍ଷ ତଥା ୨୦୨୧-୨୨ ଆର୍ଥିକ ବର୍ଷରେ ରେଳ ବିଭାଗ ଓଡିଶାରୁ ରେକର୍ଡ ଅର୍ଥରାଶି ଆୟ କରିଥିବାବେଳେ ରେଳ ବିଭାଗର ଏହି ବିପୁଳ ଆୟ ପରିମାଣର ଅଧା ଅର୍ଥରାଶି ମଧ ରାଜ୍ୟ ଦାବି କରିନାହିଁ। ରେଳ ବିଭାଗ ଗତ ଆର୍ଥିକ ବର୍ଷରେ ଓଡିଶାରୁ ତଥା କେବଳ ଇଷ୍ଟକୋଷ୍ଟ ରେଳୱେରୁ ରେକର୍ଡ ପରିମାଣ ୧୯ ହଜାର ୯୬୭ କୋଟି ୮ ଲକ୍ଷ ଟଙ୍କା ଆୟ କରିଛି ବୋଲି ସୂଚନା ଅଧିକାର ଆଇନ ବଳରେ ସୂଚନା କର୍ମୀ ପଣ୍ଡାଙ୍କୁ ଇଷ୍ଟକୋଷ୍ଟ ରେଳୱେ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡିଛି। ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ଇଷ୍ଟକୋଷ୍ଟ ରେଳୱେ ୧୭ ହଜାର ୪୭୨ କୋଟି ୧୧ ଲକ୍ଷ ଟଙ୍କା ଆୟ କରିଥିଲା । କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ଠାରୁ ଆହୁରି ଅଧିକ ୨ ହଜାର ୫୦୦ କୋଟି ଟଙ୍କା ଆୟ କରି ୧୯ ହଜାର ୯୬୭ କୋଟି ଟଙ୍କା ଆୟ କରିଛି । ଏହି ବିପୁଳ ଆୟ ପରିମାଣର ଅର୍ଦ୍ଧେକ ଅର୍ଥ ମଧ ଓଡିଶା ଚଳିତବର୍ଷ ପାଇଁ ଦାବି କଲାନାହିଁ । ଗତ ବର୍ଷ ରେଳ ବଜେଟରେ ଓଡିଶା ପାଇଁ ବଜେଟ ବ୍ୟୟ ଅଟକଳ ଏବଂ ଓଡିଶାରୁ ରେଳ ବିଭାଗର ବିପୁଳ ଆୟକୁ ଅନୁଧ୍ୟାନ କରା ନ ଯାଇ ଉପରଠାଉରିଆ ଭାବେ ଓଡିଶା ସରକାର ଏଭଳି ଦାବି ଉପସ୍ଥାପନ କରିଛନ୍ତି ବୋଲି ପଣ୍ଡା କହିଛନ୍ତି। ରେଳମନ୍ତ୍ରୀ ରାଜ୍ୟରୁ ରାଜ୍ୟ ସଭାକୁ ପ୍ରତିନିଧିତ୍ୱ କରୁଛନ୍ତି। ରାଜ୍ୟ ଅଧିକ ଅର୍ଥ ଦାବି କରିଥିଲେ ମିଳିବା ସମ୍ଭାବନା ଅଧିକ ଥିଲା। ଓଡିଶା ପଇଁ ଗତ ବର୍ଷର ୯ ହଜାର ୭୩୪ କୋଟି ବଜେଟ ବ୍ୟୟ ଅଟକଳ ବୃଦ୍ଧି ପାଇ ଚଳିତବର୍ଷ ୧୦ ହଜାର କୋଟି ହୋଇଛି। ଏଥିରେ କୌଣସି ନୂତନତ୍ୱ ନାହିଁ ବୋଲି ପଣ୍ଡା କହିଛନ୍ତି ।

## ଜର୍ଜ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ବରଗଡ଼ ଅଫିସ୍ :** ବରଗଡ଼ ଜର୍ଜ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଃ ତୋଲାମଣି ଶତପଥିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଜା ଟପ୍ପୋ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଆଦିକନ୍ଦ ସ୍ୱାଇଁ, ଡାକ୍ତର ଭୋଇ, ପଦ୍ମଜା ପତି, ସୁରେଶ ଦାଶ, ଅମୃତଲାଲ ବେହେରା, ସଦାନନ୍ଦ ଜାଲ, ସାଧନା ସାହୁ, ପ୍ରିୟବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମାହାବର୍ହା ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷିତ

**ସୋନପୁର,୪।୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାହାବର୍ହା ସରପଞ୍ଚ



ପ୍ରମୋଦିନୀ ଯୁଆଡିଙ୍କୁ ଜିଲାପାଳ ଅବୋଲି ସୁନିଲ ନରୱଣେ ଅଯୋଗ୍ୟ ଘୋଷଣା କରିଛନ୍ତି। ତା୨୧।୪।୧୯୯୫ରିଖ ପରେ ପ୍ରମୋଦିନୀଙ୍କ ଗର୍ଭରୁ ତୃତୀୟ ପିଲା ଜନ୍ମ ହୋଇଥିବା ମାହାବର୍ହା ପଞ୍ଚାୟତ ଜୀବନଦାଦର ଗ୍ରାମର ଦିଲ୍ଲିପ କୁମାର ବଗର୍ତି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କ ଅଦାଲତରେ ଏକ ମାମଲା(୨/୨୨) ରୁଜୁ ହୋଇଥିଲା । ପ୍ରମୋଦିନୀଙ୍କ ତିନି ପିଲାଙ୍କ କାଗଜାତ ଓ ଜନ୍ମ ପ୍ରମାଣପତ୍ର ଯାଞ୍ଚ ପରେ ଅଭିଯୋଗର ସତ୍ୟତା ଥିବା ଜଣାପଡିଥିଲା। ସରପଞ୍ଚଙ୍କ ଗର୍ଭରୁ ୧୯୯୯ରେ ବଡ ଝିଅ, ୨୦୦୨ରେ ମଝିଆ ଝିଅ ଓ ୨୦୦୩ ମସିହାରେ ଏକମାତ୍ର ପୁଅ ଜନ୍ମ ହୋଇଥିବା ସ୍ପଷ୍ଟ ହୋଇଥିଲା। କାଗଜପତ୍ରକୁ ଯାଞ୍ଚ କରିବା ପରେ ଜିଲାପାଳ ନରୱଣେ ଗତ ୨ ତାରିଖରେ ସରପଞ୍ଚ ପ୍ରମୋଦିନୀଙ୍କୁ ଅଯୋଗ୍ୟ ଘୋଷଣା ସମ୍ପର୍କିତ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ସେହିପରି ଗ୍ରାମପଞ୍ଚାୟତ ଆଇନ ୧୯୬୪ ଅନୁଯାୟୀ ଜିଲା ପଞ୍ଚାୟତ ଅଧିକାରୀ ଓ ଡୁଙ୍ଗୁରିପାଲି ବିଡିଓ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

### ଝାରବନ୍ଧରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଝାରବନ୍ଧ,୪।୨(ଡି.ଏନ.ଏ.):** ଝାରବନ୍ଧ ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆରବିଏସ୍‌କେ ମ୍ୟାନେଜର ରାକେଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ୦ରୁ ୧୮ ବର୍ଷର ସମସ୍ତ ଶିଶୁଙ୍କ ସାମଗ୍ରିକ ବିକାଶରେ ବାଧକ ହେଉଥିବା ଜନ୍ମଗତ ତ୍ରୁଟି, ବୟସ ଅଭିବୃଦ୍ଧିରେ ଅସୁବିଧା, ପୃଷ୍ଟି ଅଭାବଜନିତ ରୋଗ, ଗ୍ରହଣ ଖଣ୍ଡିଆ ତଥା ବିଭିନ୍ନ ପ୍ରକାର ରୋଗରେ ପୀଡିତ ଶିଶୁମାନଙ୍କୁ ପରୀକ୍ଷା କରାଯିବ। ଏହାସହ ସେମାନଙ୍କୁ ଭୁବନେଶ୍ୱର ଓ ରାୟପୁରକୁ ମୁକ୍ତ ଚିକିତ୍ସା ପାଇଁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ଡାକ୍ତର ଅନାମିକା ପ୍ରତିହାରୀ ଦାସ, ଆଦିତ୍ୟ ଭୋଇ, ଝରଣା ପ୍ରଧାନ, ସୁନୀଲ କୁମାର ନାୟକ, ପାୟଲ ଚୌଧୁରୀ, ଯଶୋବନ୍ତ ମେହେର, ଲାଲବାହାଦୁର ସାହୁ ପ୍ରମୁଖ ୫୩ ଜଣ ଶିଶୁଙ୍କୁ ପରୀକ୍ଷା କରିଥିଲେ।

### କ୍ରିକେଟ: ଫାଇନାଲରେ ଫୁଲଝର

**ପଦ୍ମପୁର,୪।୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଜମଲା କ୍ରୀଡ଼ା କମିଟି ଆନୁକୂଲ୍ୟରେ ଚାଲିଥିବା ୨ୟ ଲୋକେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖପ୍ରାଖୋଲ ଏବଂ ଫୁଲଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଫୁଲଝର ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇ ଖପ୍ରାଖୋଲ ଦଳକୁ ୧୩୭ ରନରେ ସୀମିତ ରଖିଥିଲା। ଜବାବରେ ଫୁଲଝର ୧୩୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ୧ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଅପରାହ୍ନରେ ନାରାୟଣ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫୁଲଝର ଦଳର ଆକାଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଓସିଏ ଅମ୍ପାୟାର ନାରାୟଣ ମେହେର, ହନୁ ଅଗ୍ରୱାଲ ମ୍ୟାଚ୍ ପରିଚାଳନା କରିଥିଲେ।

# ମାନବବାଦ କ୍ଷେତ୍ରରେ ଭୀମ ଭୋଇ ଉଜ୍ଜ୍ୱଳ ଜ୍ୟୋତିଷ୍କ

### ସମାଧି ପୀଠରେ ମାଘମେଳା ସମାରୋହ

**ସୋନପୁର,୪।୨(ନି.ପ୍ର.)**

ସନ୍ଥ କବି ଭୀମଭୋଇ ଧର୍ମ, ସଂସ୍କୃତି, ସାହିତ୍ୟ ଓ ମାନବବାଦ କ୍ଷେତ୍ରରେ ଏକ ମହାନ ଏବଂ ଉଜ୍ଜ୍ୱଳମୟ ଜ୍ୟୋତିଷ୍କ। ତାଙ୍କ ଦର୍ଶନ ଏବଂ ଜ୍ଞାନାଲୋକ ସମସ୍ତ ମାନବଜାତିକୁ ପଥ ପ୍ରଦର୍ଶନ କରୁଛି। ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା। ଭାରତୀୟ ସାହିତ୍ୟରେ ସନ୍ଥ କବି ଭୀମ ଭୋଇ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ। ପ୍ରଚଣ୍ଡ ମାନବବାଦୀ ଏହି ଦୃଷ୍ଟିହୀନ କବି ଜଗତର ଉଦ୍ଧାର ପାଇଁ ନିଜକୁ ନର୍କରେ ନକ୍ଷେପ କରିବାକୁ ପ୍ରସ୍ତୁତ ଥିଲେ। ତାଙ୍କ ଅମୂଲ୍ୟ ରଚନାରେ ଓଡିଆ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ବୋଲି ସୁବର୍ଣ୍ଣପୁର ଜିଲା ଖଲିଆପାଲିଠାରେ ଥିବା ସନ୍ଥକବି ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠରେ ଶନିବାର ଅନୁଷ୍ଠିତ ସାରସ୍ୱତ



ମାଘମେଳା ବିଶେଷାଙ୍କ ମହିମାକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି ।

ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲା ସଭାରେ ପୌରୋହିତ୍ୟ କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସନ୍ଥ କବି କେବଳ କବି ନ ଥିଲେ, ସେ ଥିଲେ ଏକାଧାରରେ ଜଣେ ବିପ୍ଳବୀ ଓ ସମାଜ ସଂସ୍କାରକ। ତାଙ୍କର ମୂଳ ଲକ୍ଷ୍ୟ ଥିଲା ଆଧ୍ୟାତ୍ମିକତା। ତାଙ୍କ କବିତାକୁ ସେ ଶବ୍ଦର ବିଳାସରେ ପରିପୂର୍ଣ୍ଣ କରି ନ ଥିଲେ। ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା। ଖଲିଆପାଲି ପୀଠ ଆମ ଜିଲାର ଗର୍ବ ଓ ଗୌରବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୀମ ଭୋଇଙ୍କ ବାଣୀ ଦେଶର ଲୋକସଭା ପରିସରରେ ଓ ଜାତିସଂଘର କାନ୍ଥରେ ଶୋଭା ପାଉଛି। ସ୍ତୁତି ଚିନ୍ତାମଣି ସେ ଖଲିଆପାଲିରେ ରଚନା କରିଥିଲେ। ତାଙ୍କ ପାଇଁ ଏହି ମାଟି ପବିତ୍ର ହୋଇଛି । ଭୀମଭୋଇ ଅହିଂସାର ପୂଜାରୀ ଥିଲେ ବୋଲି ଏସ୍‌ପି କହିଥିଲେ । ଟ୍ରଷ୍ଟର ତତ୍ତ୍ୱାବଧାରକ ଛତ୍ରଧାରୀ ଅଗ୍ରୱାଲ କବିଙ୍କ ଅନନ୍ୟ କାବ୍ୟ ସୃଷ୍ଟି ଓ ପୀଠର ଉନ୍ନତି ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରେମାନିଧି ସେଠ୍‌ଙ୍କୁ ଭୀମ ଭୋଇ ସ୍ମୃତି ସମ୍ମାନ, ବାବା ରମେଶ ଦାସଙ୍କୁ ଭୀମ ଭୋଇ ମହିମା ସମ୍ମାନ, ଚନ୍ଦ୍ରାବତୀ ପାଣ୍ଡେଙ୍କୁ ଭୀମ ଭୋଇ କଳା ସମ୍ମାନ, ପ୍ରଦୀପ କୁମାର ପଣ୍ଡାଙ୍କୁ ଭୀମ ଭୋଇ ସାହିତ୍ୟ ସମ୍ମାନ, ପଞ୍ଚାନନ ଜଗଦଲାଙ୍କୁ ଭୀମ ଭୋଇ ଯୁବ ପ୍ରତିଭା ସମ୍ମାନ ଓ ଜିତା ପାତ୍ରଙ୍କୁ ଭୀମ ଭୋଇ କ୍ରୀଡା ସମ୍ମାନ ପ୍ରଦାନ କରା ଯାଇଥିଲା । ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଘ ମେଳା ବିଶେଷାଙ୍କ ମହିମାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସେହିପରି ଭୀମଭୋଇଙ୍କ ଉପରେ ରିସର୍ଚ୍ଚ କରୁଥିବା ତାଳଚେର ଅଞ୍ଚଳର ଦୀନେଶ କୁମାରଙ୍କ ହିନ୍ଦୀ ପୁସ୍ତକ ରଶ୍ମିଲୋଚନ ଏବଂ ଡ. ସୌରଭ ରଞ୍ଜନ ଖମାରୀ ଓ ସୁଦାମ ନାଏକଙ୍କ ପୁସ୍ତକ ଭୀମ ଭୋଇଙ୍କ ଜୀବନ ଓ ସୃଜନକୁ ମୁଖ୍ୟ ଅତିଥି ମନ୍ତ୍ରୀ ପୂଜାରୀ ଉନ୍ମୋଚନ କରିଥିଲେ। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମାଘ ମେଳା ରବିବାର ପର୍ଯ୍ୟନ୍ତ ଚାଲିବ। ପରମ୍ପରାମତେ ଶନିବାର ଅପରାହ୍ନରେ ମନ୍ଦିରର ଦ୍ୱାର ଉନ୍ମୁକ୍ତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଧାଡିବାନ୍ଧି ସମାଧି ମନ୍ଦିରକୁ ଦର୍ଶନ କରିଛନ୍ତି। ମେଳା ଅବସରରେ ସମାଧି ପୀଠ ରବିବାର ମଧ ଶ୍ରଦ୍ଧାଳୁଙ୍କ ସକାଶେ ଖୋଲା ରହିବ। କରୋନା ପାଇଁ ଦୁଇ ବର୍ଷ ମାଘମେଳା କେବଳ ନୀତିକାନ୍ତିରେ ସମ୍ପନ୍ନ ହେଉଥିଲା। ତେବେ ଚଳିତ ଥର ସାରସ୍ୱତ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କବିଙ୍କ ପାଦୁକା ଓ ସମାଧିଙ୍କୁ ଦର୍ଶନ କରି ଭକ୍ତ ନିଜକୁ ଧନ୍ୟ ମନେ କରୁଛନ୍ତି।

## କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୪।୨**

ବରଗଡ଼ ସହରରେ ଶନିବାର ବିଶ୍ୱ କର୍କଟ ରୋଗ ଦିବସ ପାଳିତ ହୋଇଛି। ଆୱାକେନ ଟ୍ରଷ୍ଟ ଏବଂ କାର୍ସିନୋଭା ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଭା ଓ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସ୍ଥାନୀୟ ଗାନ୍ଧୀଛକରୁ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ଟାଉନ ହଲରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଜିଲାପାଳ ମୋନିଷା ବାନାର୍ଜୀ, ପୌରାଧ୍ୟକ୍ଷା କଳ୍ପନା ମାଝି, କାର୍ସିନୋଭା ଫାଉଣ୍ଡେଶନର ଅଧ୍ୟକ୍ଷ ଡା. କ୍ଷିତିଶ ଚନ୍ଦ୍ର ମିଶ୍ର, ଅଙ୍କୋଲୋଜିଷ୍ଟ ଦିଲୀପ କର ପ୍ରମୁଖ ଯୋଗଦାନ କରିଥିଲେ। ଆୱାକେନର ମୁଖ୍ୟ ସ୍ୱାଗତିକା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହିତ ସେ ନିଜେ କିଭଳି କର୍କଟ ଯୋଦ୍ଧା ସାଜିଥିଲେ ତାହା କହିଥିଲେ। ଗୁଟ୍‌ଖା, ମାଦକ ଦ୍ରବ୍ୟ, ପଲିଥିନ ବ୍ୟବହାରରୁ ଦୂରେଇ ରହିବା ତଥା ଏହାକୁ ବର୍ଜନ କରିବା ପାଇଁ ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ଗାନ୍ଧୀ ଛକରେ ଅରେଞ୍ଜ କଲର୍ ଲାଇଟିଂ ପ୍ରୋଗ୍ରାମ ହୋଇଥିଲା।

# ସଂସ୍କୃତ ଭାଷାର ସଂରକ୍ଷଣ ପାଇଁ ଉଦ୍ୟମ



ସଂସ୍କୃତ ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

### ଦେଓଗାଁ ଉଚ୍ଚବିଦ୍ୟାଳୟରେ ସଂସ୍କୃତ ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗିତା

**ବରଗଡ଼ ଅଫିସ, ୪।୨**

ବରଗଡ଼ ବ୍ଲକ ଦେଓଗାଁ ଉଚ୍ଚବିଦ୍ୟାଳୟରେ ସଂସ୍କୃତ ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମହାପାତ୍ର ଓ ସଂସ୍କୃତ ପଣ୍ଡିତ ନିଗମାନନ୍ଦ ମିଶ୍ରଙ୍କ ଉଦ୍ୟମରେ ଆୟୋଜିତ ଦୁଇଦିନିଆ ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ସଂରକ୍ଷଣ ପାଇଁ ଏଭଳି ଆୟୋଜନର ପ୍ରଶଂସା କରିଥିଲେ। ବିଚାରକ ଭାବେ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଓ ପୂଜା ନାଏକ ପ୍ରଦୀପ କୁମାର ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଲିଲି ଠାକୁର, ମୌସୁମୀ ଭୁଏ, ଅଙ୍କିତା ଭୁଏ, ରୋଜା ପଟେଲ, ସାଳିନୀ ବାରିକ, ତିବ୍ରତ ରାଉଳ, ସୁମିତ ଠାକୁର ପ୍ରମୁଖ ପୁରସ୍କୃତ ହୋଇଥିଲେ। ଡଃ ପ୍ରଶାନ୍ତ କୁମାର ମିଶ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପୁସ୍ତକ ପଠନ ସୃଜନୀ ଶକ୍ତିକୁ ବୃଦ୍ଧି କରେ

**ବରଗଡ଼ ଅଫିସ୍,୪।୨**

ପିଲାଙ୍କ ପାଖରେ ପାଠାଗାର ପହଞ୍ଚାଇବାର ପ୍ରୟାସ ଜାରି ରଖିଥିବା ବରଗଡ଼ର 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ପକ୍ଷରୁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅମ୍ବାଭୋନା ସ୍ଥିତ କେଦାରନାଥ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସୁନୀଲ କୁମାର ସାହୁ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଏବଂ ଶିକ୍ଷୟିତ୍ରୀ ନିରୂପମା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୁସ୍ତକ ପଠନ ବ୍ୟକ୍ତିର ସୃଜନୀ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ତୁଳାରାମ ପ୍ରଧାନ, ଶିବ କୁମାର ଦାଶ, ଜିତେନ୍ଦ୍ର ନାୟକ, ଅଚ୍ୟୁତ ନାୟକ, ଉପମ ପ୍ରଧାନ, ଶିକ୍ଷୟିତ୍ରୀ ଝରଣା ଦାସ, ସ୍ୱପ୍ନା ସାହୁ, ସୈରେନ୍ଦ୍ରୀ ରଥ, ସରସ୍ୱତୀ ଭୋଇ, ସିଲା ଭୋଇ ଓ ଗୌରୀ ସେଠ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତକ ପଠନ ଓ ପାଠାଗାରର ଉପାଦେୟତା ବିଷୟରେ ବୁଝାଇଥିଲେ। ପୁସ୍ତକ କିଣିବା ଓ ଉପହାର ପ୍ରଦାନ କରିବାର ଅଭ୍ୟାସ ଜାରି ରଖିବାକୁ ସେମାନେ ଆହ୍ୱାନ ଦେଇଥିଲେ। ପାଠକୀୟ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ସଂଧ୍ୟାରାଣୀ ସେଠ, କବିତା ଖଡିଆ ଓ ଶ୍ରୁତି ମାଝି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଜିଲାସ୍ତରରେ ପୁରସ୍କୃତ ହେବା ପାଇଁ ମନୋନିତ ହୋଇଥିଲେ। ପାଠାଗାର ଆବାହକ ଶିଶୁ ସାହିତ୍ୟିକ ଡଃ ରବିନାରାୟଣ ସାହୁ ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଦିନବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପାଣି ପଞ୍ଚାୟତ ସମାବେଶ

**ତରଭା, ୪।୨(ଡି.ଏନ.ଏ.)**

ଓଡିଶା ସରକାରଙ୍କ ଜଳସେଚନ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ସୁବର୍ଣ୍ଣପୁର ଜିଲା ତରଭା ଚୁଡାଖାଇ ପାଦଦେଶରେ ଶୁକ୍ରବାର ପାଳିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୋଦ କୁମାର ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ବିଡିଓ ବିନୟ କୁମାର ପଟେଲ, ସମ୍ମାନୀତ ଅତିଥି ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ଦାସ, ମେଗା ଲିଫ୍ଟ ସହକାରୀ ଯନ୍ତ୍ରୀ କମଳାକାନ୍ତ ସେନାପତି, ସହକାରୀ ଯନ୍ତ୍ରୀ ବିଜୟ ସେଠୀ, ଦିଲୀପ ପରିଡା, କବିନ ବେହେରା ଯୋଗଦେଇଥିଲେ। ସୁବିଧାରେ ଚାଷଜମିକୁ ପାଣି ଯୋଗାଇବା ଏବଂ କେନାଲର ରକ୍ଷଣାବେକ୍ଷଣ କିପରି କରାଯାଇପାରିବ ସେ ସମ୍ପର୍କରେ ସମାବେଶରେ ଆଲୋଚନା କରାଯାଇଥିଲା। ଚାଷୀ ଓ ବିଭାଗୀୟ କର୍ମଚାରୀଙ୍କ ମିଳିତ ସମନ୍ୱୟରେ କେନାଲ ପାଣି ଆବଣ୍ଟନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ତଳମୁଣ୍ଡର ଚାଷୀଙ୍କୁ ପାଣି ଉପଲବ୍ଧକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ସୁରକ୍ଷିତ ପରିବହନ ଦାବିକଲା ଅଭିଭାବକ ମହାସଂଘ

**ବରଗଡ଼ ଅଫିସ, ୪।୨**

ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ପରିବହନ ଦାବିରେ ଶନିବାର ଓଡ଼ିଶା ଅଭିଭାବକ ମହାସଂଘ, ବରଗଡ଼ର ଏକ ପ୍ରତିନିଧି ଦଳ ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ଏସ୍. ମାଝୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ସଂଘର ଜିଲା ଆବାହକ ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ପରିବହନ ଓ ସ୍କୁଲ ବସ୍ ଫିଟ୍‌ନେସ ଆଦି ଉପରେ ଆଲୋଚନା କରିଥିଲେ। ଯେଉଁମାନେ ପରିବହନ ନିୟମ ଖିଲାପ କରୁଛନ୍ତି, ସେମାନଙ୍କ



ଅଭିଭାବକ ସଂଘ କର୍ମକର୍ତ୍ତା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିନିଧି ଦଳ ଦାବି କରିଥିଲେ। ପ୍ରତିନିଧି ଦଳରେ ସାଧାରଣ ସମ୍ପାଦକ ସୁଜୀତ ମିଶ୍ର, ବାଲ୍ମିକି ଷଡ଼ଙ୍ଗୀ, ସୁଷେନ ବହିଦାର, ଶିବାନନ୍ଦ ମଟାରୀ, ବିର ପଣ୍ଡା, ବୃନ୍ଦାବନ ସାହୁ, ସାରଥୀ ମେହେର, ରଞ୍ଜିତା ମହାନା, ସପ୍ତର୍ଷି ମିଶ୍ର, ଅମୀୟ ଦାଶ, ରଞ୍ଜିତ ଦାସ, ଜ୍ୟୋତ୍ସ୍ନା ପାଇକ, ଦାଉ ଲାଲ, ଶୁଭେନ୍ଦୁ ବଗାର ପ୍ରମୁଖ ଉପସ୍ଥିତ ଥିଲେ।

# ଇମ୍ପେରିୟଲ କଲେଜରେ ଖୋଲିଲା ଏନ୍‌ସିସି ଶାଖା

**ବରଗଡ଼ ଅଫିସ, ୪।୨**

ଛାତ୍ରୀଛାତ୍ରମାନଙ୍କୁ ସାମରିକ ଶିକ୍ଷାରେ ପ୍ରସ୍ତୁତ କରିବା ପାଇଁ ବରଗଡ଼ ଇମ୍ପେରିୟଲ କଲେଜରେ ଏନ୍‌ସିସିର ଏକ ଶାଖା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିସିର କର୍ଣ୍ଣେଲ ସି. ସି. ନାଗ ଏବଂ ଏସ୍. ଏମ୍. ପ୍ରକାଶସିଂ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଝରଣା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଦୀପକ ଗୋୟଲ ଓ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ମଞ୍ଚାସୀନ ଥିଲେ। ସୁସ୍ଥ ରହିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଅନ୍‌ଲାଇନ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ବଲିଉଡ୍ ନାୟିକା ପ୍ରୀତି ଝିଙ୍ଗାନି ଓ ପରବିନ ଦେବାସ ଛାତ୍ରୀଛାତ୍ରଙ୍କ ସହ ମତବିନିମୟ କରିଥିଲେ। ପରେ କଲେଜର ଏନ୍‌ସିସି ୟୁନିଟ ପାଇଁ କ୍ୟାଡେଟ ମନୋନୟନ କରାଯାଇଥିଲା। ଶେଷରେ ଅଧ୍ୟାପିକା ହରିପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଇମ୍ପେରିୟଲ କଲେଜରେ ଏନ୍‌ସିସି ଶାଖା ଉଦ୍‌ଘାଟନ କରାଯାଉଛି।

# ପଞ୍ଚାୟତିରାଜ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରଗଡ଼ ଅଫିସ/ସୋହେଲା,୪।୨**

ବରଗଡ଼ ଜିଲା ସୋହେଲା ବ୍ଲକ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହାୟତାରେ ତିନିଦିନ ଧରି ଚାଲିଥିବା ପ୍ରଶିକ୍ଷଣକୁ ସୋହେଲା ବିଡିଓ ବିଶ୍ୱରଞ୍ଜନ କର ଉଦ୍‌ଘାଟନ କରିଥିଲେ। ପଞ୍ଚାୟତିରାଜ ଅନୁଷ୍ଠାନର ତାଲିମଦାତା ଲୀଳାମୟ ବେହେରା ଓ ଗୁରୁଦେବ ପଧାନ ଯୋଗଦେଇ ୱାର୍ଡସଭ୍ୟାସଭ୍ୟମାନଙ୍କ ଭୂମିକା, ଦାୟିତ୍ୱ, ଗ୍ରାମପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି, ପ୍ରଶାସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ଭୂମିକା ଆଦି ବିଷୟବସ୍ତୁ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନିମାଲ, ସାଲେପାଲି ଓ କୁଟିପାଲି ଆଦି ପଞ୍ଚାୟତର ବିଭିନ୍ନ ୱାର୍ଡରୁ ୱାର୍ଡସଭ୍ୟାସଭ୍ୟମାନେ ଯୋଗଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମର ତୃତୀୟ ଦିନରେ ସୋହେଲା ଗ୍ରାମପଞ୍ଚାୟତର ୫-ଟି ସ୍କୁଲ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପ୍ରଶିକ୍ଷାର୍ଥୀମାନେ ବୁଲି ଦେଖିଥିଲେ। ସେହିପରି ସମସ୍ତ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମହାଶକ୍ତି ଫାଉଣ୍ଡେଶନର ଉପସଭାନେତ୍ରୀ ରୋଜାଲିନ ଭୂୟାଁ ଧନ୍ୟବାଦ ଦେଇଥିଲେ। ଝୁନୁ ଦାସ, ଗୌର ରଣା, ସସ୍ମିତା ବିଶ୍ୱାଲ, ପ୍ରଶାନ୍ତ ମହାରଣା ସହଯୋଗ କରିଥିଲେ।



ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଜିଲାସ୍ତରୀୟ ବିଶ୍ୱ କର୍କଟ ଦିବସ



ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୪।୨(ନି. ପ୍ର.)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। କର୍କଟ ରୋଗୀ ଓ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ମଧ୍ୟରେ ବ୍ୟବଧାନ ହ୍ରାସ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ସାମ୍ପ୍ରତିକ ସମୟର ଆହ୍ୱାନ ବୋଲି ଏହି ଅବସରରେ ଡାକ୍ତର ପତି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶିନୀ କୁମାର ଭୋଇ ପ୍ରମୁଖ କର୍କଟର କାରଣ ଓ ନିରାକରଣ ଉପରେ ବିଶେଷ ଆଲୋଚନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅସିଷ୍ଟାଣ୍ଟ ମ୍ୟାନେଜର ଏନସିଡି ଗୀତାଞ୍ଜଳି ମେହେର ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକରୁ ସିଏଚ୍‌ଓମାନେ ଯୋଗ ଦେଇଥିଲେ।

# ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ବରପାଲି,୪।୨(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ବିଜୟପଲ୍ଲୀ ସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ୩୪ ତମ ବାର୍ଷିକୋତ୍ସବ ଅଧ୍ୟକ୍ଷ ଡ. ବଦ୍ରି ନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଶନିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ସମ୍ମାନିତ ଅତିଥି, ବଲାଙ୍ଗୀର ବିଦ୍ୟା ଭୂଷଣ ସଂସ୍କୃତ କଲେଜର ଅଧ୍ୟାପକ ରାଜେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରକୃତ ବିଦ୍ୟାରେ ମଣିଷତ୍ୱ, ମାନବିକତା ସୃଷ୍ଟି ହୋଇଥାଏ ଏବଂ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଦେବତୁଲ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ସଭା ସଞ୍ଚାଳନ କରିଥିବା ବେଳେ ଡ଼ ରମେଶ ଚନ୍ଦ୍ର କର ବିବରଣୀ ପାଠ କରିଥିଲେ। ଅଧ୍ୟାପକ କାମପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷୟ କୁମାର ଭୋଇଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

## ସଂକ୍ଷେପରେ

### ଅତନୁ ଭୌମିକ ସମ୍ମାନିତ

**ରାଉରକେଲା ଅଫିସ,୪।୨:** ରାଉରକେଲା ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଶନିବାର ବିଶିଷ୍ଟ ଦକ୍ଷ ପ୍ରତିଷ୍ଠିତ ପୂର୍ବତନ ଛାତ୍ର-୨୦୨୩ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶନିବାର ଏନ୍‌ଆଇଟି ପକ୍ଷରୁ ଆୟୋଜିତ ସମାବର୍ତ୍ତନ ସମାରୋହରେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ତାଙ୍କୁ ବିଶିଷ୍ଟ ଦକ୍ଷ ପ୍ରତିଷ୍ଠିତ ପୂର୍ବ ଛାତ୍ର ସମ୍ମାନରେ ସମ୍ମାନିତ କରିଥିଲେ। ଏହି ସମୟରେ ସେଲ୍ ଅଧକ୍ଷା ତଥା ଉତ୍ସବର ମୁଖ୍ୟଅତିଥି ସୋମା ମଣ୍ଡଳ, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉପସ୍ଥିତ ଥିଲେ।

### ଶିକ୍ଷା ହେଉଛି ସଂସ୍କୃତି, ସାହିତ୍ୟର ପରିସ୍ଫୁଟନ

**ରାଉରକେଲା ଅଫିସ,୪।୨:** ରାଉରକେଲା ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶାସ୍ତ୍ରୀ ଓ ଉପଶାସ୍ତ୍ରୀ ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମହାତ୍ମାଗାନ୍ଧୀ ଗ୍ଲୋବାଲ ଶାନ୍ତି ପ୍ରତିଷ୍ଠାନର ବ୍ରାଣ୍ଡ୍ ଆମ୍ବାସାଡର ପ୍ରଫେସର ସୁବାଷ ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍ତମ ଶିକ୍ଷା, ସଂସ୍କାର ସହ ପିତାମାତା ଓ ଗୁରୁଜନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧକ୍ଷ ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସମାଜସେବୀ ଶ୍ରଦ୍ଧା ଷଡ଼ଙ୍ଗୀ, ପ୍ରେମାନନ୍ଦ ମହାପାତ୍ର ଓ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିକ୍ଷା ହେଉଛି ସଂସ୍କୃତି ଓ ସାହିତ୍ୟର ପରିସ୍ଫୁଟନ ବୋଲି ମତ ଦେଇଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଲୁଟ୍ ଅଭିଯୋଗରେ ଗିରଫ

**ରାଉରକେଲା ଅଫିସ,୪।୨:** ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁଲୁଙ୍ଗା ଅଞ୍ଚଳର ଦୀପକ ମାଝି(୨୩)। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତବର୍ଷ ମେ ୨୧ରେ ବେଦବ୍ୟାସ ପାର୍କିଂ ଏରିଆରେ ଏକ ଟ୍ରକ ପାର୍କିଂ ହୋଇଥିଲା। ଏହି ସମୟରେ ଦୀପକ ଟ୍ରକ ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ୧୦ ହଜାର ଟଙ୍କା ସହ ଏକ ମୋବାଇଲ ଲୁଟ୍ କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ କୁଲୁଙ୍ଗା ଅଞ୍ଚଳରୁ ଗିରଫ କରିଥିଲା।

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୪।୨:** ଛେଣ୍ଡ ପୋଲିସ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ଶନିବାର ଜବତ କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରଧାନପାଲି ସ୍ଥିତ ସାଇମନ୍ଦିର ପାଖରେ ଅପରାହ୍ନ ସାଢ଼େ ୧ଟାରେ ଜଣେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହକୁ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖି ଘଟଣାର ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ସାଢେ ୯ଟା) ମୃତକଙ୍କ ପରିଚୟ ମିଳିନାହିଁ।

# ଚାହିଦା ବଢ଼ିଛି, ସୁବିଧା ମିଳୁନି

**ରାଉରକେଲା ଅଫିସ,୪।୨**


ରାଉରକେଲାର ଏକ ଛକରେବସ୍‌ଷ୍ଟପ୍ ନିର୍ମାଣ କାମ ଚାଲିଛି।

ହକି ବିଶ୍ୱକପ୍ ପୂର୍ବରୁ ସ୍ମାର୍ଟସିଟି ରାଉରକେଲାରେ ମୋ ବସ ସେବା ଆରମ୍ଭ ହୋଇଛି। ସହରରେ ମୋ ବସ୍ ସେବାର ଚାହିଦା ବଢ଼ିଥିବାବେଳେ ଏଯାଏ ଯାତ୍ରୀମାନଙ୍କ ପାଇଁ ସେଭଳି ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ ହୋଇପାରିନାହିଁ।

ରାଜ୍ୟ ସରକାର ଗତ ଜାନୁଆରୀ ୫ରେ ପ୍ରଥମ ପର୍ଯ୍ୟାୟରେ ଷ୍ଟିଲସିଟିରେ ୩୦ଟି ବସ ସେବାର ଶୁଭାରମ୍ଭ କରିଥିଲେ। ଉକ୍ତ ବସ୍‌ଗୁଡିକ ଚଳାଚଳ କରୁଥିଲେ ମଧ୍ୟ କିଛି ଛକରେ ଷ୍ଟପେଜ୍ ବ୍ୟବସ୍ଥା ଥିବାବେଳେ ଆଉ କିଛି ଛକରେ ଏହା କରାଯାଇନାହିଁ। ସେହିପରି ପ୍ରଥମ ପର୍ଯ୍ୟାୟରେ ଯେଉଁ କେତେକ ବସ୍‌ଷ୍ଟପେଜ ନିର୍ମାଣ କରାଯାଇଥିଲା ସେଠାରେ କେଉଁ ବସ୍ କେଉଁ ରୁଟରେ ଯିବ ଓ ତାର ସମୟ କଣ ରହିବ ସେଭଳି କିଛି ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସହରରେ ଏକ ମାସ ଧରି ମୋ ବସ ସେବା ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ଷ୍ଟପେଜ ନିର୍ମାଣ କାମ ଚାଲିଛି। ବିଶେଷ କରି ଏନ୍‌ଆଇଟି, ଝିରପାଣି, ଜଗଦା, ଇନ୍ଦିରାଗାନ୍ଧୀ ପାର୍କ, ରାଉରକେଲା ମହିଳା କଲେଜ ରୁଟ୍‌ରେ ଯାଉଥିବା ବସ୍ ନଂ ୧୦୩ ଓ ୧୦୪ର ଷ୍ଟପେଜ ନିର୍ମାଣ ହୋଇନାହିଁ। ଯାତ୍ରୀମାନେ ରାସ୍ତା କଡରେ ବସ୍‌କୁ ଅପେକ୍ଷା କରିବାକୁ ପଡୁଛି। ଏହି ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ

**ରାଉରକେଲାରେ ମୋ ବସ୍ ସେବା**

କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ମୋ ବସ୍ ଷ୍ଟପେଜଗୁଡ଼ିକରେ ଆଲୋକ ସାଙ୍ଗକୁ ଯାତ୍ରୀଙ୍କ ମୋବାଇଲ ଚାର୍ଜ ବ୍ୟବସ୍ଥା କରାଯାଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବିଭିନ୍ନ ଷ୍ଟପେଜରେ କେଉଁ ବସ୍ କେଉଁ ରୁଟରେ ଯିବ ତାହା ସୂଚିତ କରାଯିବ। ଏଥିସହ ଯାତ୍ରୀମାନଙ୍କୁ ରୋଡ୍ ମ୍ୟାପ୍ ଓ ଷ୍ଟପେଜ ସ୍ଥାନ ସୂଚନା ଫଳକ ମାଧ୍ୟମରେ ଅବଗତ କରାଯିବ। ସେହିପରି ଆର୍‌ଏସ୍‌ପି ବିଭିନ୍ନ ସେକ୍ଟର ଅଞ୍ଚଳରେ ଷ୍ଟପେଜ ନିର୍ମାଣ କାର୍ଯ୍ୟ ଜାରି ରଖିଛି। କାମ ସରିଲା ପରେ ସହରବାସୀ ଏହାର ସୁବିଧା ପାଇପାରିବେ ବୋଲି ଆର୍‌ଏମ୍‌ସି ଉପଆୟୁକ୍ତ ଭୋଇ କହିଥିଲେ।

## ପୁସ୍ତକ ଲୋକାର୍ପଣ ଉତ୍ସବ

**ରାଉରକେଲା ଅଫିସ,୪।୨**

ରାଉରକେଲାର ଭଜକୃଷ୍ଣ ସାରସ୍ୱତ ସ୍ମୃତି ସଂସଦ ଆନୁକୂଲ୍ୟରେ ସୁଶ୍ରୀ ଏଲିନା ମହାନ୍ତିଙ୍କ ଇଂରାଜୀ କବିତା ପୁସ୍ତକ 'ଏ କପ୍ ଅଫ୍ ସୋସାଇଟି' ଓ 'ଲୁମିନସ' ପତ୍ରିକା ଭଞ୍ଜ ଭବନରେ ଶନିବାର ଉନ୍ମୋଚିତ ହୋଇଛି। କବିତା ପୁସ୍ତକ ସମଗ୍ର ମଣିଷ ଜାତିର ପ୍ରତିଟି ଜୀବନରେ ଘଟୁଥିବା ପ୍ରସଙ୍ଗଗୁଡ଼ିକୁ ଅତ୍ୟନ୍ତ ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ସନ୍ନିବେଶିତ ହୋଇଛି। ନାରୀର ଜୀବନଧାରା, ସମସ୍ୟା, ପ୍ରକୃତି, ମଣିଷ ଏବଂ ପ୍ରକୃତିର ପ୍ରତିଟି ଉପାଦନ କବିତାର ଚରିତ୍ର ପାଲଟିଛି। ସାଧାରଣ ଶିଶୁଙ୍କଠାରୁ ଆରମ୍ଭ କରି ଆକାଶର ପକ୍ଷୀ, ଯୋଦ୍ଧା, ସୈନିକ ଓ ଡାକ୍ତରଙ୍କ ସେବା ତଥା ମଣିଷର ମନସ୍ତତ୍ତ୍ୱ ଆଦି ବିଷୟ କବିତାରେ ଥିବାରୁ ଏହି କବିତା ପୁସ୍ତକ ସର୍ବପଠନୀୟ ବୋଲି ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଇଂ. ଅଭୟ କୁମାର ଦାଶ ଓ ଅନ୍ୟାନ୍ୟ ଅତିଥିବୃନ୍ଦ ମତପ୍ରକାଶ କରିଛନ୍ତି। ସଂସଦ ସଭାପତି ପ୍ରଶାନ୍ତ କୁମାର ପତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ କୁଞ୍ଜ ବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଭଞ୍ଜ ଭବନରେ ପୁସ୍ତକ ଉନ୍ମୋଚନ କରାଯାଉଛି।

## କେନ୍ଦ୍ର ବଜେଟ୍ ବିରୋଧରେ କୁଶ ପୁତ୍ତଳିକା ଦାହ

**ରାଉରକେଲା ଅଫିସ,୪।୨**


ଯୁବ କଂଗ୍ରେସ କର୍ମୀମାନେ କୁଶ ପୁତ୍ତଳିକା ଦାହ କରୁଛନ୍ତି।

ରାଉରକେଲା ଜିଲା ଯୁବ କଂଗ୍ରେସ ପକ୍ଷରୁ ୨୦୨୩-୨୪ କେନ୍ଦ୍ର ବଜେଟ୍ ବିରୁଦ୍ଧରେ ଉଦିତନଗର ଆମ୍ବେଦକର ଛକରେ ଶନିବାର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହାସହ ଯୁବ କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଯୁବ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାରଙ୍କ ବଜେଟ୍ କୃଷି, ଶ୍ରମିକ ବିରୋଧୀ ଏବଂ ଯୁବ ସମାଜକୁ ନିରାଶ କରିଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଶାସନ ସମୟରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଅତ୍ୟନ୍ତ ଗରିବ ଲୋକଙ୍କୁ ଅଣଦେଖା କରି ପୁଞ୍ଜିପତିମାନଙ୍କ ସପକ୍ଷରେ ଏହି ବଜେଟ୍ ତିଆରି କରିଛନ୍ତି ସେମାନେ ଅଭିଯୋଗ କରିଥିଲେ। ରାଉରକେଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଯୁବ, ଛାତ୍ର ଏବଂ ମହିଳା କଂଗ୍ରେସର ବହୁ କର୍ମୀ ସାମିଲ ହୋଇଥିଲେ।

## ସେଲ୍‌ର ସର୍ବାଧିକ ମାସିକ ଉତ୍ପାଦନରେ ରେକର୍ଡ

**ରାଉରକେଲା ଅଫିସ,୪।୨**

କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଅଧୀନ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ସେଲ୍) ସର୍ବଶ୍ରେଷ୍ଠ ମାସିକ ଉତ୍ପାଦନରେ ରେକର୍ଡ ହାସଲ କରିଛି। ୨୦୨୨ ମାର୍ଚ୍ଚରେ ହାସଲ ହୋଇଥିବା ଶ୍ରେଷ୍ଠ ଉତ୍ପାଦନ ତୁଳନାରେ ୨୦୨୩ ଜାନୁଆରୀରେ ୧.୭୨ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ହୋଇଛି। ଏହା ଚଳିତବର୍ଷ ସର୍ବଶ୍ରେଷ୍ଠ ମାସିକ ଉତ୍ପାଦନ। ସେଲ ମଧ ଚଳିତ ମାସରେ ୧.୮ ନିୟୁତ ଟନ ଏବଂ ୧.୬୧ ନିୟୁତ ଟନ୍ ଉତ୍ତପ୍ତ ଧାତୁ ଓ ବିକ୍ରି ଯୋଗ୍ୟ ଇସ୍ପାତର ସର୍ବଶ୍ରେଷ୍ଠ ଉତ୍ପାଦନ ହାସଲ କରି ରେକର୍ଡ ସୃଷ୍ଟି କରିବାରେ ସଫଳ ହୋଇଛି। ୨୦୨୨ ମାର୍ଚ୍ଚରେ ହାସଲ ହୋଇଥିବା ଉତ୍ପାଦନ ତୁଳନାରେ ଏହା ସର୍ବଶ୍ରେଷ୍ଠ ବୋଲି ସେଲ୍ ପକ୍ଷରୁ କୁହାଯାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

**ବ୍ରଜରାଜନଗର,୪।୨(ଡି.ଏନ.ଏ.)**

ବ୍ରଜରଜନଗର ପୌରାଞ୍ଚଳର ଶାସ୍ତ୍ରୀନଗର ଲାଲ ବହାଦୁର ଯୁବକ ସଂଘ ପକ୍ଷରୁ ଦିବଂଗତ ନେତା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପନଗରପାଳ ଗୋପାଳ ସୀତାନୀ, ପୂର୍ବତନ ଉପନଗରପାଳ ଜୟନ୍ତ ଦୀକ୍ଷିତ ଅତିଥି ଭାବେ ଯୋଗଦେଇ ସ୍ମୃତିଚରଣ କରିଥିଲେ। ଯୁବକ ସଙ୍ଘ କର୍ମକର୍ତ୍ତାଙ୍କ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶାସ୍ତ୍ରୀ ଛକରୁ ବାହାରି କ୍ଲବ ପର୍ଯ୍ୟନ୍ତ ଯାଇଥିଲା। କ୍ଲବ ସଭାପତି ରାଜୁ ପତ୍ରିଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।



ସଭାରେ ଅତିଥିଙ୍କ ସହ ଯୁବକ ସଂଘ କର୍ମକର୍ତ୍ତା।

## ଆବାସ ଯୋଜନା ସେମାନଙ୍କ ଲାଗି ସ୍ୱପ୍ନ

**ବଡ଼ଗାଁ, ୪।୨(ଡି.ଏନ୍.ଏ.)**


ଭେଲୁଆବାହାଲ ଗ୍ରାମର ବିଧବା ବୃଦ୍ଧା ଖତି ମହାନନ୍ଦିଆଙ୍କ ଭଙ୍ଗା ଘର।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ଚୟନ ବ୍ୟବସ୍ଥା ଯୋଗୁ ଅନେକ ଗରିବ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନେ ଦୀର୍ଘ ବର୍ଷ ହେଲା ଭଙ୍ଗା ମାଟି ଘରେ ବିପଦସଙ୍କୁଳ ଅବସ୍ଥାରେ ରହିଆସୁଛନ୍ତି। ଗ୍ରାମସଭା, ପଲ୍ଲୀସଭାରେ ଜଣାଇ ଆସୁଛନ୍ତି। ସରପଞ୍ଚ, ୱାର୍ଡମେମ୍ବର ଓ ବିଡ଼ିଓଙ୍କଠାରେ ମଧ ଗୁହାରି କରୁଛନ୍ତି। ତଥାପି ଏଭଳି ପରିସ୍ଥିତିରେ ଥିବା ଯୋଗ୍ୟ ହିତାଧିକାରୀଙ୍କ କଥା କେହି ଶୁଣୁନାହାନ୍ତି। ସତେ ଯେପରି ଆବାସ ଯୋଜନା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଦୀର୍ଘ ବର୍ଷ ହେଲା ସରକାର ଆବାସ ଯୋଜନା ଦେଇଆସୁଥିଲେ ମଧ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତର ପ୍ରତ୍ୟେକ ଗାଁରେ ୫ ରୁ ୧୦ ଗରିବ ପରିବାରର ଯୋଗ୍ୟ ହିତାଧିକାରୀ ଦୀର୍ଘ ବର୍ଷରୁ ଘର ପାଇଁ ବାରମ୍ବାର ଜଣାଇ ନିରାଶ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଲେ ବରଙ୍ଗାକଛାର ପଞ୍ଚାୟତ ଭେଲୁଆବାହାଲ ଗ୍ରାମର ବିଧବା ବୃଦ୍ଧା ଖତି ମହାନନ୍ଦିଆ। ଦୁଇ ବର୍ଷ ପୂର୍ବେ ସ୍ୱାମୀ ଆରପାରିକୁ ଚାଲିଗଲେ। ଦୁଇ ଝିଅଙ୍କୁ ବିବାହ କଲା ପରେ ଘରେ ଏକାକୀ ରହୁଛନ୍ତି। ବୃଦ୍ଧାଙ୍କ ସମସ୍ୟା ସମ୍ପର୍କରେ ସୂଚନା ପାଇ ଆମ ପ୍ରତିନିଧି ତାଙ୍କ ଘରକୁ ଯାଇଥିଲାବେଳେ ସେ ବିପଦସଙ୍କୁଳ ଅବସ୍ଥାରେ ଥିବା ଘର ବାରଣ୍ଡାରେ ରୋଷେଇ କରୁଥିବା ଦେଖିଥିଲେ। ଦୁଇ ବଖରା ଭଙ୍ଗା ମାଟି ଘର ମଧ୍ୟରୁ ଗୋଟିଏ ବଖରାରେ ଖପର ନାହିଁ। ଘର ଭିତରେ ଦୁଇ ଫୁଟ ଉଚ୍ଚର ଉଇ ହୁଙ୍କା ହେଲାଣି। ଅନ୍ୟ ଏକ ବଖରାର ଅଧିକାଂଶ ସ୍ଥାନରେ ଖପର ନାହିଁ। ତାଙ୍କୁ ପଚାରିବାରେ ସେ କହିଥିଲେ, ଭୋଟ ବେଳେ ସମସ୍ତେ ଆସିବେ, ଘର କରିଦେବୁ କହି ଚାଲିଗଲା ପରେ କାହାରି ଦେଖାନାହିଁ। ବର୍ଷା ସମୟରେ ପଡ଼ିଶା ଘରେ ଆଶ୍ରୟ ନେଇଥାଏ। ପାଉଥିବା ବାର୍ଦ୍ଧକ୍ୟ ଭତ୍ତା ଓ ଚାଉଳରେ ଚଳୁଛି। ବୁଢ଼ୀ ହେଲିଣି,କାମ କରିପାରୁନାହିଁ। ମୋ ପାଇଁ ଘରଟିଏ କରିଦିଅନ୍ତୁ କହିଥିଲେ। ସେହିପରି ବରଙ୍ଗାକଛାର ଗାଁର କୁନ୍ତଳା ମାଝିଙ୍କ ଚାରି ଅବିବାହିତ ଝିଅ ଓ ଗୋଟିଏ ପୁଅ। ମାତ୍ର ଦୁଇ ବଖରା ମାଟି ଘରେ ପରିବାରର ୭ଜଣ ପ୍ରାପ୍ତ ବୟସ୍କ। ତାଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ପାଇଁ ଜିଇଓ ଟେଗ୍ କରାଯାଇଥିଲା। କିନ୍ତୁ ଘର କଟି ଯାଇଥିବା ତାଙ୍କଠାରୁ ଜଣାପଡିଛି। ଏହି ପଞ୍ଚାୟତ ଅଧୀନ କୁଲଗା ଟୁଙ୍କୁରିପଡାର ପ୍ରଦୀପ ଡୁଙ୍ଗଡୁଙ୍ଗ ୨୦ ବର୍ଷ ହେଲା ଗୋଟିଏ ବଖରା ଥିବା ମାଟି ଘରେ ରହିଆସୁଛନ୍ତି। ଶ୍ରମିକ କାମ କରି ପରିବାର ଚଳାଉଥିବା ପ୍ରଦୀପ ଗ୍ରାମସଭା, ପଲ୍ଲୀସଭାରେ ଜଣାଇବା ସହିତ ଜନପ୍ରତିନିଧିମାନଙ୍କୁ ଜଣାଇଆସୁଛନ୍ତି। ଏହି ଗ୍ରାମର ପ୍ରଫୁଲ୍ଲ ବ୍ରିନେତ ତିନି ବଖରା ଭଙ୍ଗା ମାଟି ଘରେ ରହୁଛନ୍ତି। ଘର ସଜାଡ଼ିବା ପାଇଁ ସମ୍ବଳ ନାହିଁ। କୁଲଗା ଗାଁର ଚେରୁ ତାଜନ ତାଙ୍କ ସ୍ତ୍ରୀ, ଚାରି ବିବାହିତ ପୁଅଙ୍କୁ ନେଇ ପରିବାର। ତିନି ବଖରା ଭଙ୍ଗା ମାଟି ଘରେ ପୁଅମାନେ ରହୁଥିଲାବେଳେ ଚେରୁ ଓ ତାଙ୍କ ସ୍ତ୍ରୀ ବାରଣ୍ଡାରେ ରହନ୍ତି। ସେହିପରି ଏହି ଗାଁର ରବି ମାଝୀ ଓ ତାଙ୍କ ଭାଇ ସାଧୁ ମାଝୀଙ୍କ ପରିବାର ତିନି ବଖରା ମାଟି ଘରେ ରହୁଛନ୍ତି। କୁଲଗାଁର କୌଶିକ ମହାନନ୍ଦିଆଙ୍କ ଦୁଇ ବଖରା ମାଟି ଘର। ଘର ଭାଙ୍ଗି ଯାଇଥିବାରୁ ସେ ଓ ତାଙ୍କ ପୁଅ ବଡ଼ଭାଇ ବାରିଦ ମହାନନ୍ଦିଆଙ୍କ ଘରେ ରହୁଛନ୍ତି। ୧୫ ବର୍ଷ ହେଲା ଘର ପାଇଁ ଆବେଦନ କରିଆସୁଛନ୍ତି। ବରଙ୍ଗାକଛାର ଗ୍ରାମର ୱାର୍ଡ ମେମ୍ବର ପୁଷ୍ପଲତା ପ୍ରଧାନଙ୍କୁ କିଏ ଯୋଗ୍ୟ ହିତାଧିକାରୀ ଅଛନ୍ତି ପଚାରିବାରୁ ସେ ଗୋବର୍ଦ୍ଧନ ତାଣ୍ଡିଆ ନାମକ ଜଣେ ବ୍ୟକ୍ତିଙ୍କ ଘରକୁ ନେଇ ଦେଖାଇଥିଲେ। ଦୁଇ ବଖରା ମାଟିଘରେ ରହୁଥିବା ଗୋବର୍ଦ୍ଧନ ଅନେକ ଥର ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ କରି ନିରାଶ ହୋଇଛନ୍ତି। ସେହିପରି ବିଧବା ମହିଳା ରୁକ୍ମିଣୀ ସା ଦୁଇ ଛୋଟ ପୁଅଙ୍କୁ ନେଇ ଭଙ୍ଗା ଦଦରା ଘରେ ରହୁଛନ୍ତି। ତଳିମୁଣ୍ଡା ଗୀର୍ଜାପଡାର ହାବିଲ ଟପ୍ପୋ କୌଣସି ମୂହୂର୍ତ୍ତରେ ଧସି ପଡ଼ିବା ଭଳି ଭଙ୍ଗା ମାଟି ଘରେ ରହୁଛନ୍ତି।

## ଗାଡ଼ି ଧକ୍କାରେ ନାବାଳିକାଙ୍କ ମୃତ୍ୟୁ

**ଟେନ୍‌ସା,୪।୨(ଡି.ଏନ୍.ଏ.)**

ଶନିବାର ସକାଳ ୯ଟାରେ ସୁନ୍ଦରଗଡ଼ ଜିଲା ଟେନ୍‌ସା କୋଇଡା ରାସ୍ତାର ତେନ୍ତୁଳିଡ଼ିହି ନିକଟରେ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ସୁନିତା ବଦ୍ରା (୧୦) ନାମ୍ନୀ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କୋଇଡ଼ା ବ୍ଲକର କୁଶୁମୁଣ୍ଡି ଗ୍ରାମରେ ବୋଲି ଜଣାପଡିଛି। ସୁନିତା ମାମୁ ଘର କୋଇଡା ଥାନା ନିକଟ ଡେଙ୍ଗୁଳା ଗ୍ରାମପଞ୍ଚାୟତ ତେନ୍ତୁଳିଡ଼ିହି ଗ୍ରାମକୁ ଆସିଥିଲେ। ତେନ୍ତୁଳିଡ଼ିହି ନିକଟରେ କୌଣସି ଗାଡି ତାଙ୍କୁ ଧକ୍କା ଦେଇ ଥିଲା। ଦୁର୍ଘଟଣା ପରେ ଗ୍ରାମର ଲୋକେ ତାଙ୍କୁ ତୁରନ୍ତ କୋଇଡା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କୋଇଡ଼ା ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## 'କୋକୁଆ' ଶ୍ରେଷ୍ଠ ନାଟକ

**ରାଉରକେଲା ଅଫିସ,୪।୨**

**ପଶ୍ଚିମ ଓଡିଶା ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ନାଟକ ମହୋତ୍ସବ ଉଦ୍‌ଯାପିତ**

ରାଉରକେଲା ସିଭିକ୍ ସେଣ୍ଟର ସ୍ଥିତ ନାଟ୍ୟ ମଣ୍ଡପରେ ଦ୍ୱିତୀୟ ପଶ୍ଚିମ ଓଡିଶା ଆନ୍ତଃ ମହାବିଦ୍ୟାଳୟ ଓଡିଆ ନାଟକ ମହୋତ୍ସବ-୨୦୨୩ ଶନିବାର ଉଦ୍‌ଯାପିତ ହୋଇଛି। ଏହି ନାଟ୍ୟ ମହୋତ୍ସବ ୩ ଦିନ ଧରି ସିଭିକ ସେଣ୍ଟରରେ ଚାଲିଥିଲା। ଉଦ୍‌ଯାପନୀ ସମାରୋହରେ ପ୍ରଫେସର ଡଃ ସମର ମୁଦାଲି ମୁଖ୍ୟ ଅତିଥି, ବିମଳ ବିଶି ଓ ଆଇଆଇପିଏମ୍ ନିର୍ଦ୍ଦେଶକ ଡଃ ସୁଧିର ଘୋଷ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ତିନିଦିନ ବ୍ୟାପୀ ଚାଲିଥିବା ନାଟ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ କୋକୁଆ (ଏକକ ନାଟକ), ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ରଶ୍ମିପ୍ରଭା ମଥାନ, ଶ୍ରେଷ୍ଠ ଅଭିନେତା ଭାବେ ଶିବନାରାୟଣ ବାଗ (ବାନା), ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସ୍ମୃତିଶିଖା ନାୟକ (କୋକୁଆ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବେ ଅନ୍ୱେଷା କୁମାର ମିଶ୍ର (ବାକ୍ସ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ଶିବାନୀ ମହାନ୍ତି (ଜୀବନ ମିତ୍ର), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବେ ଗିରିଜା ଶଙ୍କର ସ୍ୱାଇଁ (କୋକୁଆ), ଶ୍ରେଷ୍ଠ ସଙ୍ଗୀତ ଓ ଶ୍ରେଷ୍ଠ ମଞ୍ଚ ସାଜସଜ୍ଜା ଭାବେ ନାଟକ ବାକ୍ସ, ଶ୍ରେଷ୍ଠ ପାଣ୍ଡୁଲିପି ନାଟକ 'ଜୀବନ ମିତ୍ର', ଶ୍ରେଷ୍ଠ ଶୃଙ୍ଖଳିତ ମହାବିଦ୍ୟାଳୟ ଭାବେ ରିମ୍ସ ଓ ଏସ୍‌ଜି ମହିଳା ମହାବିଦ୍ୟାଳୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ୪୬ଜଣଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅଶୋକ ସେଠୀ ଓ ସମ୍ପାଦକ ପଞ୍ଚାନନ ପାତ୍ର ନାଟ୍ୟ ପ୍ରତିଯୋଗିତାର ପରିସମାପ୍ତି ଘୋଷଣା କରିଥିଲେ। ସଂସ୍କୃତି ବିଭାଗ ଓ ଏମ୍‌ସିଏଲ୍ ସୌଜନ୍ୟରୁ ପରିଚୟ ଅନୁଷ୍ଠାନ ଆନୁକୂଲ୍ୟରେ ଏହି ନାଟକ ପ୍ରତିଯୋଗିତା ହୋଇଥିଲା।



କୃତୀ ନାଟକ ଦଳକୁ ପୁରସ୍କୃତ କରାଯାଉଛି।

## ଲକ୍ଷ୍ୟ ହାସଲ ପ୍ରୟାସରୁ ବିଚ୍ୟୁତ ହୁଅନାହିଁ

**ରାଉରକେଲା ଅଫିସ, ୪।୨**

**ଏନ୍‌ଆଇଟିର ବିଂଶତମ ସମାବର୍ତ୍ତନ ଉତ୍ସବ ଉଦ୍‌ଘାଟିତ**


ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ସମ୍ମାନିତ କରାଯାଉଛି।

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ୨୦ତମ ସମାବର୍ତ୍ତନ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ର ଅଧ୍ୟକ୍ଷା ସୋମା ମଣ୍ଡଳ ମୁଖ୍ୟ ଅତିଥି, ଏମ୍‌ସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଜୀବନରେ ବିଫଳତାକୁ ସାମ୍ନା କର, କିନ୍ତୁ ଛାତ୍ର ଜୀବନରେ ତୁମ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରୟାସ ବନ୍ଦ କରନାହିଁ ବୋଲି ମୁଖ୍ୟ ଅତିଥି ମଣ୍ଡଳ ନିଜ ବକ୍ତବ୍ୟରେ କହିଥିଲେ। ଏହି ଉତ୍ସବରେ ଏନ୍‌ଆଇଟିର ୧୭୧୭ ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧରେ ୩୫୧ ଛାତ୍ରୀ ଓ ୧୩୬୬ ଛାତ୍ର ଯୋଗ ରହିଛନ୍ତି। ଏନ୍‌ଆଇଟିରେ ସ୍ନାତକୋତ୍ତର ବିଦ୍ୟାର୍ଥୀଙ୍କ ପାଇଁ ବ୍ଲକ ଚେନ ଆଧାରିତ ଡିଜିଟାଲ ଡିଗ୍ରୀ କାର୍ଯ୍ୟକାରୀ କରିବା ପାଇଁ ଏନ୍‌ଆଇଟି ରାଉରକେଲା ହେଉଛି ପ୍ରଥମ ଏନ୍‌ଆଇଟି ଓ ଦେଶର ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗୁଡିକ ମଧ୍ୟରେ ଦ୍ୱିତୀୟ। ଏହି ଉତ୍ସବରେ ଏନ୍‌ଆଇଟି ରାଉରକେଲା ୯ ଜଣ ଆଲୁମିନିଙ୍କୁ ବିଶିଷ୍ଟ ଆଲୁମିନାସ ପୁରସ୍କାର ପ୍ରଦାନ କରାଯାଇଥିଲା। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଆମେରିକାରେ କମ୍ପ୍ୟୁଟର ବିଜ୍ଞାନ ଓ ଗଣିତ ପ୍ରଫେସର ଭାବେ କାର୍ଯ୍ୟରତ ନିକୁଞ୍ଜ ସ୍ୱାଇଁ, ଆଇପିଏସ୍ ଲଳିତ ଦାସ, ପ୍ରତିଭା ମହାପାତ୍ର, ସଞ୍ଜୟ ଚୌବେ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ମଣ୍ଡିର ପ୍ରଫେସର ଲକ୍ଷ୍ମୀଧର ବେହେରା, ଡ. ସୂର୍ଯ୍ୟନାରାୟଣ ସାହୁ, ପ୍ରଫେସର ପିନାକିଶ୍ୱର ମହାନ୍ତ, ପ୍ରଫେସର ବଲମୁଦି ରବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୬ ଜଣ ଗୋଲ୍ଡ ମେଡାଲିଷ୍ଟ ମନିଷ ଗାଦିକର, ଶ୍ରୀକୃଷ୍ଣ ମିଶ୍ର, ସ୍ୱାତୀ କୁମାରୀ, ହମସା ଏସ. କେ, ଆଦିତ୍ୟ ମେନନ୍, ସିମରନ ଦୀପ ସିଂ ଠାକରାଲଙ୍କୁ ଶ୍ରେଷ୍ଠ ସ୍ନାତକ ବିଟେକ ବି.ଆର୍କ ଭାବେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଶିକ୍ଷାନୁଷ୍ଠାନର ୫ ଜଣ ଛାତ୍ରଙ୍କୁ ଶୈକ୍ଷିକ ଉତ୍କର୍ଷତା ପାଇଁ ଅନୁଦାନ ସ୍ୱର୍ଣ୍ଣପଦକ ମଧ୍ୟ ପ୍ରଦାନ କରାଯାଇଥିଲା। ପିପିଆରସିର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଭୂଷଣ ସାହୁ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ, ପିକ୍ ସମାବର୍ତ୍ତନ ପ୍ରଫେସର ମହାବୀର ପଣ୍ଡା, ଡିନ୍ ଏକାଡେମିକ୍ ପ୍ରଫେସର ସୁସ୍ମିତା ମିଶ୍ର, ପ୍ରଫେସର ରାଜୀବ ପଣ୍ଡା, ପ୍ରଫେସର ମନୀଷ ଓକାଡେ ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍ ଆରୋହୀଙ୍କୁ ୬ କି.ମି. ଘୋଷାରି ନେଲା ଟ୍ରକ୍

## ଶଳା-ଭିଣୋଇ ମୃତ

### ଟ୍ରକ୍ ଓ ଡ୍ରାଇଭରଙ୍କୁ ଠାବ କରିବାକୁ ପୋଲିସର ତନାଘନା

ସୋନପୁର,୪।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଅଞ୍ଚଳରେ ଶନିବାର ଛାତି ଥରାଇଲା ଭଳି ଦୁର୍ଘଟଣା ଘଟିଛି। ଅର୍ଜୁନପୁର-ବୁର୍ଡା ରାସ୍ତାର ପଣ୍ଡକିଟାଲ ଛକ ନିକଟରେ ଏହି ଘଟଣା ଘଟିଛି। ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଡ୍ରାଇଭିଂ ପାଇଁ ବୀରମହାରାଜପୁର ଥାନା କେଶଲପୁର ଗାଁର ରାଜକୁମାର ହରିପାଲ(୪୫) ଓ ତାଙ୍କ ଶଳା ନରସିଂହ ଗଡ଼ିଆ(୩୦)ଙ୍କ ମୃତ୍ୟୁ ଘଟିଛି। ଟ୍ରକ୍ ରାଜକୁମାରଙ୍କୁ ପ୍ରାୟ ୬ କିଲୋମିଟର ଦୂର ତିଳେଇମାଳ ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ତାଙ୍କ ଶରୀରର ବିଭିନ୍ନ ଅଂଶ ଛିଣ୍ଡି ଅଲଗା ହୋଇଯାଇଛି। ତିଳେଇମାଳରୁ ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଛି। ସେହିପରି ଦୁର୍ଘଟଣାରେ ନରସିଂହଙ୍କ ଗୋଡ ଭାଙ୍ଗି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଡ୍ରାଇଭର ଟ୍ରକ୍‌କୁ ଦ୍ରୁତଗତିରେ ପଦ୍ମପୁର ରାସ୍ତାରେ ନେଇ ଯାଇଥିବା ଅନୁମାନ କରାଯାଉଛି। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇଛି। ଲଛିପୁର



ଟ୍ରକ୍ ଧକ୍କାରେ ବାଇକ୍ ଭାଙ୍ଗିରୁଜି ରାସ୍ତାରେ ପଡ଼ିଛି।

ଆଇଆଇସି ଚନ୍ଦ୍ରମୋହନ ସିଂଙ୍କ ନେତୃତ୍ୱରେ ପୋଲିସ ଟିମ୍ ଟ୍ରକ୍ ଡ୍ରାଇଭରଙ୍କୁ ଧରିବାକୁ ତନାଘନା ଜାରି ରଖିଛି। ରାଣୀସର୍ଡା-ଲୋଇସିଂହା ରାସ୍ତାରେ ଥିବା ପେଟ୍ରୋଲ ପମ୍ପର ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରୁଛି। ତେବେ ପୋଲିସକୁ ସଫଳତା ମିଳିନି।

ସୂଚନା ଅନୁଯାୟୀ କେଶଲପୁର ଗାଁର ନରସିଂହ ଓ ରାଜକୁମାର ବାଇକ୍ ନଂ ଓଆର୧୫ବି-୧୬୧୩ ଯୋଗେ ଔଷଧ ଆଣିବା ପାଇଁ ରାଣୀସର୍ଡା ଅଭିମୁଖେ ଯାଉଥିଲେ। ତେବେ ପଛରୁ ଆସୁଥିବା ଏକ ଟ୍ରକ୍ ନରସିଂହ ଓ ରାଜକୁମାରଙ୍କ ବାଇକ୍‌କୁ ଧକ୍କା ଦେବା ସହିତ ଉଭୟଙ୍କୁ ଘୋଷାରି ନେଇଥିଲା।

# ଜଷ୍ଟିସ ଜେ.ପି. ଦାସଙ୍କୁ ଭେଟିଲେ କ୍ରାଇମବ୍ରାଞ୍ଚ ଏଡିଜି

## ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

କଟକ ଅଫିସ,୪।୨

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା ତଦନ୍ତର ତଦାରଖ କରୁଥିବା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କୁ କଟକ ସିଡିଏସ୍ଥିତ ତାଙ୍କ ବାସଭବନରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଶନିବାର ଭେଟିଛନ୍ତି। ସେଠାରେ ସେମାନେ ଏହି ହତ୍ୟା ମାମଲାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ଜଷ୍ଟିସ ଦାସ ଗଣମାଧ୍ୟମକୁ କହିଛନ୍ତି, କ୍ରାଇମବ୍ରାଞ୍ଚର ତଦନ୍ତ ସମ୍ପର୍କରେ ଏଡିଜି ବୋଥ୍ରା ତାଙ୍କ ସହ ଆଲୋଚନା କରିଛନ୍ତି। ଆଉ ଯେଉଁ ଦିଗରେ ତଦନ୍ତ କରିବାର ଆବଶ୍ୟକତା ଅଛି ସେ ସମ୍ପର୍କରେ ତାଙ୍କୁ କହିଛି। ଖୁବ୍‌ଶୀଘ୍ର ଘଟଣାସ୍ଥଳକୁ ଯାଇ ତଦନ୍ତର ତଦାରଖ କରିବି। ଏଥିସହ କ୍ରାଇମବ୍ରାଞ୍ଚ ଘଟଣାର ମୂଳ ଯାଏ ଯିବ ବୋଲି ଆଶାବ୍ୟକ୍ତ କରୁଛି। ଅପରପକ୍ଷରେ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଡିଆଇଜି ଅନୁପ ସାହୁ ଶନିବାର ଡିଜିପି ସୁନୀଲ କୁମାର ବଂଶଲଙ୍କୁ ଭେଟିଛନ୍ତି। ପୂର୍ବରୁ ଆଇନଶୃଙ୍ଖଳା ଏଡିଜି ଆର୍. କେ. ଶର୍ମା ମଧ୍ୟ ଭେଟିଥିଲେ।

ସୂଚନାଯୋଗ୍ୟ, ନବ ଦାସ ହତ୍ୟା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର ଜଣେ ସିଟିଂ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦାରଖ କରାଇବାକୁ ହାଇକୋର୍ଟଙ୍କୁ ଚିଠି ଲେଖି ରାଜ୍ୟ ସରକାର ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ହାଇକୋର୍ଟ ଜଷ୍ଟିସ ଜେ.ପି. ଦାସଙ୍କୁ ତଦନ୍ତର ତଦାରଖ ନିମନ୍ତେ ନିଯୁକ୍ତ କରିଛନ୍ତି।

# ଲକ୍ଷେ ଟଙ୍କାରେ କାର୍ କିଣିଥିଲେ ଅଭିଯୁକ୍ତ ଗୋପାଳ

ବ୍ରଜରାଜନଗର,୪।୨ (ଡି.ଏନ୍.ଏ.)



ଗାନ୍ଧୀଛକ ଫାଣ୍ଡି ପରିସରରେ ଥିବା ହୁଣ୍ଡାଇ ଭର୍ନା କାର୍।

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବା ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ହତ୍ୟାକାରୀ ପୋଲିସ୍ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ମାରାଥନ ଜେରା କରୁଛି। ଗୋପାଳ ବିମାନବନ୍ଦର ଥାନା ପାଇଖାନା ସେପ୍ଟିଟାଙ୍କିରେ ପକାଇଥିବା କାଗଜ ଖଣ୍ଡକୁ ଉଦ୍ଧାର କରାଯାଇ ଏଥିରେ ଲେଖାଥିବା ହସ୍ତାକ୍ଷର କାହାର ଜାଣିବା ପାଇଁ ଏହାକୁ ଫୋରେନସିକ ଲାବ୍‌କୁ ପଠାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ତଦନ୍ତ ବେଳେ ଗାନ୍ଧୀଛକ ଫାଣ୍ଡି ପରିସରରେ ଅଭିଯୁକ୍ତ ଗୋପାଳ ବ୍ୟବହାର କରୁଥିବା ଏକ କାର୍ ଥିବା ଜଣାପଡିଥିଲା। ଏହି କାର୍‌କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଯାଞ୍ଚ କରିବା ପରେ ଏଥିରୁ ଏକ ଡାଏରି ଓ କେତେକ କାଗଜପତ୍ର ମିଳିଥିଲା। ଏହି ଡାଏରିରେ କ'ଣ ଲେଖା ରହିଛି ତାହାକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଓଆର୍୧୫ଏନ୍-୪୨୬୩ନଂ. ହୁଣ୍ଡାଇ ଭେର୍ନା କାର୍ ବ୍ରଜରାଜନଗରର ଅରୁଣ କୁମାର ମୁନ୍ଦ୍ରାଙ୍କ ନାମରେ ରହିଛି। ଏହି କାର୍‌ଟି ସମ୍ବଲପୁର ଆଞ୍ଚଳିକ ପରିବହନ ବିଭାଗ ଅଧୀନରେ ୨୦୦୯ରେ ରେଜିଷ୍ଟ୍ରେଶନ ହୋଇଥିବା ଜଣାପଡିଛି। ଏହାର ଫିଟ୍‌ନେଶ ୨୦୨୪ ଜୁଲାଇ ୨୧ ପର୍ଯ୍ୟନ୍ତ ରହିଛି। ଏ ନେଇ କାର୍ ମାଲିକ ଅରୁଣ କହିଛନ୍ତି, ସେ ଏହାକୁ ବିକ୍ରି କରିବା ପାଇଁ କାର୍ ଶୋ'ରୁମ୍‌କୁ ନେଇଥିଲେ। ସେଠାରେ କାର୍ ମୂଲ୍ୟ ୮୦ହଜାର ଟଙ୍କା ହୋଇଥିଲା। ଏହା ଜାଣିବାପରେ ଏଏସ୍‌ଆଇ ଗୋପାଳ ଏହାକୁ ଗତ ନଭେମ୍ବର ମାସରେ ୧ଲକ୍ଷ ଟଙ୍କାରେ କିଣିଥିଲେ। କାର୍ ମାଲିକଙ୍କୁ ଗୋପାଳ ପ୍ରଥମେ ୫୦ହଜାର ଟଙ୍କା ଦେଇଥିଲେ। ବାକି ଟଙ୍କା ଦେଲେ କାର୍‌ର ମାଲିକାନା ଗୋପାଳଙ୍କ ନାମରେ ହେବ ବୋଲି ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା ବୋଲି ଅରୁଣ କହିଛନ୍ତି। ଅରୁଣ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ତାଙ୍କର କୋଲ୍ ଟ୍ରାନ୍ସପୋର୍ଟିଂ, ପେଟ୍ରୋଲ ପମ୍ପ, ହିରୋ ବାଇକ୍ ଶୋ'ରୁମ୍ ଆଦି ବ୍ୟବସାୟ ରହିଛି। ଏଭଳି ଜଣେ ବ୍ୟବସାୟୀଙ୍କ ନିକଟରୁ ଏଏସ୍‌ଆଇ ଗୋପାଳ କାର୍ କିଣିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ବ୍ୟବସାୟୀଙ୍କ ସହିତ ଏଏସ୍‌ଆଇ ଗୋପାଳଙ୍କ କ'ଣ ଲିଙ୍କ୍ ରହିଛି ତାହାକୁ ନେଇ ସାଧାରଣରେ ନାନା କଥା ଆଲୋଚନା ହେଉଛି। କ୍ରାଇମବ୍ରାଞ୍ଚ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ପ୍ରକୃତ ରହସ୍ୟ ଖୋଲିବ ବୋଲି କୁହାଯାଉଛି।

# ଗୋପାଳଙ୍କ ଘର ପରେ ବ୍ୟାଙ୍କରେ ଯାଞ୍ଚ



କ୍ରାଇମବ୍ରାଞ୍ଚ ଟିମ୍‌ର ବଡ଼ ମେଡିକାଲସ୍ଥିତ ଏସ୍‌ବିଆଇ ଶାଖାରେ ଯାଞ୍ଚ।

ବ୍ରହ୍ମପୁର ଅଫିସ,୪।୨

■ ୫ ଦିନ ଧରି କ୍ରାଇମବ୍ରାଞ୍ଚର ତନାଘନା ଜାରି

■ ବସ୍ କଣ୍ଡକ୍ଟର, ଡ୍ରାଇଭରଙ୍କୁ ଜେରା

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ପୋଲିସ ଗୁଳିରେ ମୃତ୍ୟୁ ପରେ ବ୍ରହ୍ମପୁରରେ ଥିବା ଗୋପାଳଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗତ ୩୧ ତାରିଖରୁ ୫ ଦିନ ଧରି ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି। ଶନିବାର ପୁଣିଥରେ ଅଭିଯୁକ୍ତ ପୋଲିସ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କ ଶିଳ୍ପାଞ୍ଚଳ ପଞ୍ଚଶୀଳମାର୍ଗସ୍ଥିତ ଘରକୁ ଯାଇଥିଲା। ସେଠାରେ ତାଙ୍କ ସ୍ତ୍ରୀ ଜୟନ୍ତୀ ଦାସ ଓ ପଡ଼ୋଶୀଙ୍କ ଉପସ୍ଥିତିରେ ଘର ଯାଞ୍ଚ କରିଥିଲା। ଗୋପାଳ ଓ ତାଙ୍କ ପରିବାରବର୍ଗଙ୍କ କେତେକ ବ୍ୟାଙ୍କ କାଗଜପତ୍ର ଓ ପ୍ରେସ୍‌କ୍ରିପ୍‌ଶନ ଜବତ କରିଥିଲା। ଏହାପରେ ଟିମ୍ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପରିସରରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଯାଇ ସେଠାରେ ଗୋପାଳ ଏବଂ ପରିବାରବର୍ଗଙ୍କ ପକ୍ଷରୁ ବ୍ୟାଙ୍କରେ କରାଯାଇଥିବା ଆର୍ଥିକ କାରବାର ଉପରେ ତଥ୍ୟ ସଂଗ୍ରହ କରିଥିଲା। ଏହା ପୂର୍ବରୁ ଟିମ୍ ସିଟି ବସ୍‌ଷ୍ଟାଣ୍ଡକୁ ଯାଇ ବ୍ରହ୍ମପୁରରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଦୁଇଟି ବସ୍‌ର କଣ୍ଡକ୍ଟର ଓ ଡ୍ରାଇଭରଙ୍କୁ ଜେରା କରିଥିଲା। ସେମାନେ ଗୋପାଳଙ୍କ ପାଇଁ କେବେ କି ପ୍ରକାର ଔଷଧ କିମ୍ବା କୌଣସି ପାର୍ସଲ ନେଇଥିଲେ କି ନାହିଁ ସେ ନେଇ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଡିଏସ୍‌ପି ମିଶ୍ର କହନ୍ତି, ବର୍ତ୍ତମାନ ତଦନ୍ତ ଜାରି ରହିଛି। ଗୋପାଳଙ୍କ ପରିବାରବର୍ଗଙ୍କୁ ପୁଣିଥରେ ପଚରାଉଚରା ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଯାଞ୍ଚ କରାଯାଇଛି।

# ଝାରସୁଗୁଡ଼ାରେ ସିଏଫ୍‌ଏସ୍‌ଏଲ୍ ଟିମ୍

କଟକ ଅଫିସ୍, ୪।୨

ନୂଆଦିଲ୍ଲୀରୁ ଆସିଥିବା ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବୋରାଟୋରୀ (ସିଏଫ୍‌ଏସ୍‌ଏଲ୍)ର ବିଶେଷଜ୍ଞମାନେ ଝାରସୁଗୁଡ଼ାରେ ଅଭିଯୁକ୍ତଙ୍କ ଫୋରେନ୍‌ସିକ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଓ ଏଲ୍‌ଭିଏ ଟେଷ୍ଟ କରିଛନ୍ତି। ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରାଯାଇଛି। ଏଥିସହ ଗୋପାଳଙ୍କ ବ୍ରହ୍ମପୁର ଶିଳ୍ପାଞ୍ଚଳସ୍ଥିତ ପୈତୃକ ଘର ଓ ଝାରସୁଗୁଡ଼ାର ସରକାରୀ କ୍ୱାର୍ଟରରୁ ମିଳିଥିବା କାଗଜପତ୍ରଗୁଡ଼ିକୁ ଯାଞ୍ଚ କରାଯାଉଛି। ଗୋପାଳ, ତାଙ୍କ ସ୍ତ୍ରୀ, ଭାଇ ଓ ଅନ୍ୟ ନିକଟ ସମ୍ପର୍କୀୟଙ୍କ ଅର୍ଥନୈତିକ କାରବାର ସମ୍ପର୍କିତ ତଥ୍ୟ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ୍ ଦ୍ୱାରା ସଂଗ୍ରହ କରାଯାଉଥିବା ସୂଚନା ମିଳିଛି।

# ଅଣପଞ୍ଜୀକୃତ ଜମି, ନିର୍ମାଣାଧୀନ ଘର ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୪।୨(ବ୍ୟୁରୋ)

## ଓରେରା ବୈଠକରେ ନିଷ୍ପତ୍ତି

### ରେରା ଆଇନ ଅନୁପାଳନ ଉପରେ ଗୁରୁତ୍ୱ

ଭୁବନେଶ୍ୱର ଓ ପୁରୀ ଅଞ୍ଚଳରେ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ପ୍ଲଟେଡ୍ ଜମି ଏବଂ ଗୃହ ନିର୍ମାଣ ପ୍ରକଳ୍ପଗୁଡ଼ିକ ରେରାରେ ପଞ୍ଜୀକୃତ ନ ହୋଇ ବିକ୍ରି ହେଉଛି କିମ୍ବା ଚାଲୁରହିଛି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ ଶନିବାର ରେରାର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ସରକାର ଉଚିତ ରାଜସ୍ୱ ପାଇପାରିବେ ଓ ଗ୍ରାହକମାନେ ଶୋଷଣରୁ ମୁକ୍ତ ହେବେ ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଛନ୍ତି। ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ରେରା) ଆଇନର ଠିକ୍ ଅନୁପାଳନ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ ଅଧିକାରୀମାନଙ୍କୁ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ରେରା ଆଇନର ବିଭିନ୍ନ ଦିଗ ତଥା ସମ୍ପୃକ୍ତ କର୍ତ୍ତୃପକ୍ଷ କେଉଁ କେଉଁ ଦିଗ ଉପରେ ଧ୍ୟାନ ଦେବା ଉଚିତ ତାହା ଉପରେ ସବିଶେଷ ଆଲୋଚନା ହୋଇଯାଇଛି। ପ୍ରଶାସନିକ ସଦସ୍ୟ ପ୍ରଦୀପ ବିଶ୍ୱାଳ ଏବଂ ନ୍ୟାୟିକ ସଦସ୍ୟ ରମାନାଥ ପଣ୍ଡା ଯୋଗଦେଇଥିଲେ। ରେରାର ଅତିରିକ୍ତ ସଚିବ ଶ୍ରାବଣୀ ପଟ୍ଟନାୟକ ଏହି ସଭା ପରିଚାଳନା କରିଥିଲେ। ଏହି ବୈଠକରେ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ସହ ରେରାର ଅଧିକାରୀମାନେ ମଧ୍ୟ ଯୋଗଦେଇ ବିଭିନ୍ନ ଆଇନଗତ ଦିଗ ଓ ବାସ୍ତବ ସମସ୍ୟା ଉପରେ ମତ ରଖିଥିଲେ। ଏପରି ପ୍ରତ୍ୟକ୍ଷ ଆଲୋଚନା ବହୁ ସମସ୍ୟାର ସମାଧାନ ପାଇଁ ପଥ ସୁଗମ କରିବ ବୋଲି ମତପ୍ରକାଶ ପାଇଛି। ଶେଷରେ ରେରାର ଯୁଗ୍ମ ସଚିବ ଦୀପକ କୁମାର ବେଶ୍ରା ଧନ୍ୟବାଦ ଦେଇଥିଲେ।


## OFFICE OF THE NOTIFIED AREA COUNCIL, BANPUR
### E-Procurement Notice
**Bid reference No.:E.O.-N.A.C.-BNR-02/2022-23**
**Tender Call Notice No.252/Dt.03.02.2023**

**No.C-2389:**The Executive Officer on behalf of Banpur NAC invites percentage Bid through e-procurement in single cover system according to norm of e-Procurement.
1. Type of Works : Civil Construction works as in the D.T.C.N.
2. Total No. of Works : 11 Nos.
3. Tender Amount Cost : Rs.556647.00 to Rs.1937060.00
4. Period of Completion: 60 days.
5. Date and Time of availability of Bid documents in the Portal: From 10.00 A.M. of Dt.08.02.2023 to 5.00 P.M. of Dt.17.02.2023.
6. Original Bid documents submission: Dt.20.02.2023 from 10.30 A.M. to 1.00 P.M. in Tender Box.
7. Date & Time of opening of Tender: Dt.20.02.2023 at 3.30 P.M.

Further amendments, corrigendum or other communication regarding this letter will be available only on https://www.tendersodisha.gov.in. and will not be published in print media.

**Sd./- Executive Officer, Banpur NAC**
OIPR-13177/11/0009/2223

## OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523
### INVITATIONS FOR BIDS (IFB)
**File No. B-I-Tourism-04/2022/4237/Bhubaneswar, the 2nd Feb., 2023**
### Invitation for Bids
### 1st Corrigendum
**Tender Reference No. OSD C.E. (B) - 40/2022-23**
**Name of the Work: Integrated Development of Bhitarakanika National Park in the District of Kendrapada**
No. B-1216: The following changes have been made in Bid Identification No. **OSD C.E. (B) - 40/2022-23**
1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in** during the period from **Dt.14.02.2023 to 17.00 hours of Dt.24.02.2023** instead of **Dt.31.01.2023 to Dt.14.02.2023** for ONLINE BIDDING respectively.
2. **Online** bids shall be received **till 17.00 hours of Dt.24.02.2023** instead of **Dt.14.02.2023**.
3. The technical bids will be opened at **11.30 A.M. of Dt.27.02.2023** instead of **Dt.15.02.2023**.

All other terms and conditions remain unchanged.

**Sd./- OSD C.E. (Buildings) Odisha, Bhubaneswar**
OIPR-34117/11/0114/2223

## OFFICE OF THE ANGUL MUNICIPALITY, ANGUL
### e-Procurement Notice
**Bid Identification No.- EO/AGLM-12/2022-23**
e-mail ID- angulmunicipality@gmail.com
No.C-2392 **No.358 Date: 02.02.2023**

1. Name of the work : Supplying and Installation of Music fountain at Park of Angul Municipality
2. Period of delivery/completion : 30 Days
3. Date & Time of availability of bid document in the portal : **Dt.03.02.2023 at 10.00 A.M.**
4. Last date/Time for receipt of bid in the portal : **Dt.13.02.2023 up to 5.00 P.M.**
5. Date of oopening Bid : **Dt.14.02.2023 at 11.00 A.M.**
6. Name and address of the Office Inviting Bid : **Executive Officer, Angul Municipality, Angul**
7. The bidders have to participate in **ONLINE** bidding only.

Further details can be seen from the e-procurement portal **https:/tendersodisha.gov.in**

**Sd./- G.S. Mallick, Executive Officer Angul Municipality**
OIPR-13085/11/0042/2223

See Career Appointment on every Wednesday & Saturday

## PANCHAYAT SAMITI OFFICE, ANANDAPUR
**E-mail id: ori-anandpur@nic.in Phone: 9437448632**
### TENDER CALL NOTICE
**Letter No. 247** **Date: 02.02.2023**

No. i-378: Sealed tenders (Percentage Rate) in conformity with the DTCN are invited from the **"D"/ "C" / "B"** Class contractors registered with the State Govt. for execution of works under Panchayat Samiti, Anandapur as detailed in the table below. The tender document **(DTCN & BOQ)** can be obtained from district **NIC Website (www.kendujhar.nic.in)** from **Dt.04.02.2023 to 13.02.2023 till 5.00 P.M.** The tender document (DTCN & BOQ) duly signed by the contractors should be accompanied with the self attested photocopy of valid GST Clearance Certificate, PAN Card, Registration Certificate. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Anandapur, payable at "Anandapur" from any Nationalized Bank. The tenders will be received upto Dt.14.02.2023 till 5.00 P.M. and addressed to O/o. Block Development Officer, Anandapur, Keonjhar - 758021 through **Registered/Speed Post**. The tender is scheduled to be opened on Dt.16.02.2023 at 11.00 A.M. at Block Conference Hall, O/o. the Block Development Officer, Anandapur, Keonjhar in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC website **(www.kendujhar.nic.in)**. The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

| Sl. No. | Name of the Work | Amount put to Tender | EMD @ 1% in Rs. | Cost of Tender Paper (In Rs.) | Period of Completion & Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Const. of Addl. Class Rooms, Science Lab., Toilet and Boundary at Jubajyoti High School, Purunia | 68,62,150 | 68700 | 10000 | Six Months/ B Class Contractor |
| 2 | Const. of Addl. Class Room, Science Lab., Toilet & Boundary Wall at Panchayat Girls High School, Taratara | 64,11,837 | 64500 | 10000 | Six Months/ B Class Contractor |
| 3 | Const. of Addl. Class Room, Science Lab., Toilet & Boundary Wall at Panchayat High School, Bailo | 49,35,568 | 49500 | 6000 | Six Months/ B Class Contractor |
| 4 | Const. of Science Lab. at Gayalmunda Panchayat High School | 16,14,147 | 16500 | 6000 | Six Months/ C & D Class Contractor |
| 5 | Const. of Addl. Class Room, Science Lab. at Baounsagarh High School | 35,52,574 | 35600 | 6000 | Six Months/ B & C Class Contractor |
| 6 | Const. of Addl. Class Room, Boundary Wall at Swapneswar Adivasi High School, Kolimati | 19,95,230 | 20000 | 6000 | Six Months/ C & D Class Contractor |
| 7 | Const. of Addl. Class Room, Science Lab. & Boundary Wall at Panchayat High School, Panasadiha | 52,18,320 | 52500 | 10000 | Six Months/ B Class Contractor |
| 8 | Const. of Addl. Class Room, Boundary Wall at Kundulai High School, Belabahali | 46,85,206 | 47000 | 6000 | Six Months/ B Class Contractor |
| 9 | Const. of Addl. Class Room & Boundary Wall at Kantipal High School | 35,01,427 | 35500 | 6000 | Six Months/ B & C Class Contractor |
| 10 | Const. of Addl. Class Room, Science Lab., Boundary Wall at Kshetramohan Bidyapitha High School, Salapada | 42,52,493 | 43000 | 6000 | Six Months/ B Class Contractor |
| 11 | Const. of Science Lab. at Practising Girls High School, Fakirpur | 15,15,976 | 15500 | 6000 | Six Months/ C & D Class Contractor |

OIPR-19096/11/0006/2223 **Sd./- Block Development Officer, Anandapur**

## "e" Procurement Notice for Building Works
### Identification No. Online Tender/03/PSJ/2022-23
No.i-380
1. Name of the Work : Construction of New Sub Center building at Benapanjari under Jatni Block in the District of Khordha
2. Total Number of Works : 01 No.
3. Estimated Cost : Rs.30.89 lakhs
4. Class of Contractor : C & Equivalent
5. Period of Completion : 06 Calendar Months
6. Availability of Tender Online for bidding : From Dt.06.02.2023 at 11.00 A.M. to dt.21.02.2023 at 5.00 P.M.
7. Last date & time of seeking Tender clarification : Dt.20.02.2023 up to 3.00 P.M.
8. Date & time of opening of Tender : Dt.22.02.2023 at 11 A.M.

Further details can be seen from the website **www.tenderodisha.gov.in**

**Sd./- Block Development Officer, Jatni**
OIPR-19263/11/0006/2223

GOVERNMENT OF ODISHA
DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER MAHANADI, BRAHMANI & BAITARANI SYSTEM, CHANDIKHOLE
Email ID:cembbschandikhole@gmail.com
**No.A-1095:** **"e" Procurement Notice No.CE&BM, MBBS-04 of 2022-23 (Online)**

| | | | |
|---|---|---|---|
| 1 | Name of the Work | : | Raising & Strengthening of Kharinasi Saline Embankment From RD 5.654 KM to RD 9.500 KM (Working RD 5.654 KM to RD 6.900 KM) |
| 2 | Total No. of Package | : | 01 No. |
| 3 | Tender Cost | : | Rs.14,26,09,907.00 |
| 4 | Cost of Bid document (Non-refundable) | : | Rs.10,000.00 (Online) |
| 5 | EMD | : | Rs.14,26,100.00 |
| 6 | Class of Contractor | : | "A" And "Special" Class |
| 7 | Period of Completion | : | 18 (Eighteen) Calendar Months |
| 8 | Other details are as follows | : | |

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & Basin Manager, Mahanadi, Brahmani & Baitarani System, Chandikhole | CE&BM, MBBS-AUL-03 of 2022-23 | 06.02.2023 at 10.00 A.M. | 27.02.2023 upto 5.00 P.M. | 28.02.2023 at 11.30 A.M. |
| 9. e-mail Id | : cembbschandikhole@gmail.com | | | |

Further detailed conditions can be seen from the Govt. website www.tendersorissa.gov.in.

**Sd./- (Er.Bijay Kumar Samal)**
**Chief Engineer & Basin Manager**
**Mahanadi, Brahmani & Baitarani System, Chandikhole**
OIPR-32415/11/0004/2223

## ODISHA MINING CORPORATION LIMITED
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES — Mining Happiness
### NIT No. 08/OMC/CIVIL/2023
**No.CAD-4716:**Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1 | Environmental protection work at Quarry -01 , lease fencing between S-40 to S-44 pillar and series of check dam at adjoining nallahs at KIOM in the district of Sundargarh | 145.71 | 06 months | B&A | 1 ,45,800/- | 10.000/- + 18%GST |
| 2 | Environmental protection work at waste dump-01 and series of check dam at adjoining nallahs at KIOM in the district of Sundargarh | 162.30 | 06 months | B&A | 1 ,62,300/- | 10.000/- +18%GST |
| 3 | Construction of Environmental Protection Work at the U/S of MI dam within the lease area of GIOM in the district of Keonjhar. | 100.47 | 06 months | B&A | 1 ,00,500/- | 10.000/- +18%GST |
| 4 | Construction of check dam with RCC drain within the lease area of GIOM near Ichinda village (Gate Sahi) in the district of Keonjhar | 122.59 | 06 months | B&A | 1,22,600/- | 10.000/- +18%GST |

1.Available of Bid document in Govt. portal from dt. 15/02/2023 to 01/03/2023 up to 5.00 PM.
2.Last date of on-line submission of tender in the portal is dt. 01/03/2023 up to 5.00 PM.
3.Date of opening of Technical Bid is dt. 02/03/2023 at 11.00 AM.
All other details can be seen from Bid document available at Govt. website www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

**OIPR-30005/11/0212/2223** **CGM (Civil)**

## OFFICE OF THE DIVISIONAL FOREST OFFICER, GHUMSUR NORTH DIVISION
**Bhejiput, Bhanjanagar, Ganjam, Odisha, PIN - 761126,**
**Tele/Fax: 06821-241008, E-mail: dfoghumusurnorth@gmail.com**
### NOTICE
**To**
**Smt. Sudeshna Kumari Ratha, Forester**
**O/o. the Divisional Forest Officer**
**Ghumsur North Division, Bhanjanagar**

No. MM-447: It is informed through publication of this notice that one Departmental Proceedings has been initiated against you vide Memorandum No. 122 dated 22.07.2022 of the Regional Chief Conservator of Forests, Berhampur Circle, Berhampur due to your absence from headquarters since 02.01.2013 to till date. The Memorandum was sent to your native address through Regd. Post. But, the same could not be served to you due to your absence and returned undelivered with postal remarks "addressee is lunatic and unable to understand".
So, you are hereby informed through this notice to attend this office and receive the Disciplinary Proceedings drawn up against you vide Memorandum No. 122 dated 22.07.2022 within seven days from the date of publication of this notice, failing which it will be deemed to have been served to you and further course of action will be taken accordingly as per Rules.

**Sd./- Divisional Forest Officer**
**Ghumsur North Division**
OIPR-08033/11/0021/2223

**ଫେବୃୟାରୀ ୧୫ରେ ଗହମ ଇ- ନିଲାମ**

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ସାରା ଦେଶରେ ଖୋଲା ବଜାର ବିକ୍ରୟ ଯୋଜନା (ଓଏମଏସଏସ) ଅଧୀନରେ ଗହମ ବିକ୍ରି ପାଇଁ ଇ-ନିଲାମ ଫେବୃୟାରୀ ୧୫ରେ ଅନୁଷ୍ଠିତ ହେବ ବୋଲି ଖାଦ୍ୟ ଏବଂ ଜନସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ତେବେ ରାଷ୍ଟ୍ରାୟତ୍ତ ଫୁଡ କର୍ପୋରେସନ ଅଫ ଇଣ୍ଡିଆ (ଏଫସିଆଇ) ଦେଶରେ ଗହମ ଏବଂ ଗହମ ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇଁ ଖୋଲା ବଜାର ବିକ୍ରୟ ଯୋଜନା (ଓଏମ୍ଏସ୍ଏସ୍) ଅଧୀନରେ ଥିବା ବଫର ଷ୍ଟକରୁ ୨୫ ଲକ୍ଷ ଟନ ଗହମ ବିକ୍ରୟ କରିବାକୁ ବାଧ୍ୟତାମୂଳକ କରାଯାଇଛି।

# ‘ଆଦାନୀ ମାମଲାରେ ଦେଶର ଛବି ପ୍ରଭାବିତ ହୋଇନାହିଁ’

**ନୂଆଦିଲ୍ଲୀ,୪।୨**

ଗତ କିଛି ଦିନ ହେବ ସାରା ଦେଶ ଏପରିକି ବିଶ୍ୱରେ ମଧ୍ୟ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ଦୀର୍ଘ ଦିନ ଧରି ଚୁପ ରହିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଆଦାନୀ ଗ୍ରୁପ ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ବିଶେଷକରି ହିଣ୍ଡେନବର୍ଗ ରିପୋର୍ଟ ଓ ଆଦାନୀ ମାମଲାରେ ଭାରତର ଛବି ଅଥବା ଆର୍ଥିକସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ନିର୍ମଳା ମତପ୍ରକାଶ କରିଛନ୍ତି। ସେହିଭଳି ଗତ ୨ ଦିନ (ଶୁକ୍ରବାର ଓ ଶନିବାର) ଧରି ସଂସଦରେ ବିରୋଧୀ ଦଳମାନେ ଆଦାନୀ ଗ୍ରୁପର ଶେୟାର ମୂଲ୍ୟ ହ୍ରାସ ସହ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ବିରୋଧୀ ହଟ୍ଟଗୋଳ କରିବା ସହ ଓ ଅର୍ଥମନ୍ତ୍ରୀଙ୍କ ଜବାବ ମାଗିଥିଲେ। ଫଳରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଉକ୍ତ ଘଟଣା ସମ୍ପର୍କରେ ସଫେଇ ଦେଇ କହିଛନ୍ତି ଏଥିଯୋଗୁ ଭାରତରେ କୌଣସି ପ୍ରକାର ପରିବର୍ତ୍ତନ ପ୍ରଭାବିତ ହେବାର ଆଶଙ୍କା ନାହିଁ। ଏପରିକି ଗତ ୨ ଦିନ ମଧ୍ୟରେ ଆମର ବୈଦେଶିକ ମୁଦ୍ରାଭଣ୍ଡାରରେ ୮ମିଲିୟନ ଡଲାର ବୃଦ୍ଧି ହୋଇଛି। ବିଶେଷକରି ଭାରତୀୟ ଇକ୍ୟୁଟି ବଜାରରେ ଆଇପିଓ, ଏଫପିଓର ଯିବା ଆସିବା ଲାଗି ରହିଛି। ସେହିଭଳି ଅର୍ଥମନ୍ତ୍ରୀ


ନିର୍ମଳା ସୀତାରମନ

ଦେଶବାସୀ ଓ ନିବେଶକଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ନିୟାମକ ତାଙ୍କ କାମ କରିବେ। ଏପରିକି ଭାରତୀୟ ରଜର୍ଭ ବ୍ୟାଙ୍କ (ଆରବିଆଇ) ଉକ୍ତ ମାମଲାରେ ମଧ୍ୟ ବୟାନ ଜାରି କରିସାରିଛନ୍ତି। ଏହା ପୂର୍ବରୁ ମଧ୍ୟ ଏଫପିଓ ପ୍ରତ୍ୟାହାର ହୋଇଛି, ତେବେ ବିରୋଧୀ ଦଳ ସଂସଦରେ ଉକ୍ତ ପ୍ରସଙ୍ଗର ମିଳିତ ସଂସଦୀୟ ସମିତି (ଜେପିସି) ଯାଞ୍ଚ ଲାଗି ଦାବି କରୁଥିଲେ। ତେବେ ଏହା ପୂର୍ବରୁ ଆରବିଆଇ ନିବେଶକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସ୍ଥିର ଥିବା କହିଥିଲେ। ସେହିପରି ଆରବିଆଇ ନିଜେ ସତର୍କ ଥିବା ଓ ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରର ସ୍ଥିରତା ଉପରେ ନଜର ରଖିଥିବା କହିଥିଲେ। ତେବେ ଆଦାନୀ ଗ୍ରୁପ ତାଙ୍କ ଫ୍ଲାଗଶିପ୍ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ୍‌ଙ୍କ ୨୦,୦୦୦ କୋଟି ଟଙ୍କାର ଫଲୋ ଅନ ପବ୍ଲିକ୍ ଅଫର (ଏଫପିଓ) ବୁଧବାର ପ୍ରତ୍ୟାହାର କରି ନେଇଛନ୍ତି। ଫଳରେ ୨୦ ହଜାର କୋଟି ଟଙ୍କା ଲାଗି ସବସ୍କ୍ରିପସନ ନିମନ୍ତେ ୨୭ ଜାନୁୟାରୀରେ ଏଫପିଓ ଖୋଲିଥିଲା ଓ ୩୧ ଜାନୁୟାରୀରେ ଫୁଲ ସବସ୍କ୍ରାଇବ୍ ହେବା ପରେ କ୍ଲୋଜ ହୋଇଥିଲା। ସେହିପରି ଫଲୋଅନ ପବ୍ଲିକ୍ ଅଫରକୁ ସେକେଣ୍ଡାରୀ ଅଫରିଂ ଭାବେ ମଧ୍ୟ ଜଣାଯାଏ। ଏହା ଏକ ଏପରି ପ୍ରୋସେସ୍ ଯେଉଁଥିରେ ଷ୍ଟକ୍ ଏକ୍ସଚେଞ୍ଜରେ ଲିଷ୍ଟେଡ କମ୍ପାନୀ ତାଙ୍କ ଶେୟାରଧାରୀଙ୍କ ସମେତ ନୂଆ ନିବେଶକଙ୍କୁ ମଧ୍ୟ ଶେୟାର ଜାରି କରିଥାନ୍ତି। ତେବେ ଏହା ପୂର୍ବରୁ ୨୪ ଜାନୁୟାରୀରେ ହିଣ୍ଡେନବର୍ଗ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହା ପରଠାରୁ ଆଦାନୀ ଗ୍ରୁପ କମ୍ପାନୀଙ୍କ ଶେୟାର ମୂଲ୍ୟ ହ୍ରାସ ହେବାରେ ଲାଗିଛି। ଏପରିକି ହିଣ୍ଡେନବର୍ଗ ତାଙ୍କ ରିପୋର୍ଟରେ ଆଦାନୀ ଗ୍ରୁପଙ୍କ ଲିଷ୍ଟେଡ ୭କମ୍ପାନୀର ୮୫% ଓଭର ଭାଲ୍ୟୁଡ ସମ୍ପର୍କରେ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରିଥିଲା ଯେ ଆଦାନୀ ସମୂହ ଦୀର୍ଘ ଦଶନ୍ଧିରୁ ଷ୍ଟକ୍ ହେରଫେର ଓ ମନିଲଣ୍ଡରିଂରେ ଲାଗି ରହିଛନ୍ତି।

## ଜାନୁୟାରୀରେ ୧.୨୬ ଲକ୍ଷ ଟନ୍ ମାଙ୍ଗାନିଜ୍ ଉତ୍ପାଦନ

**ନୂଆଦିଲ୍ଲୀ, ୪।୨**

ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ମାସରେ ୧.୨୬ ଲକ୍ଷ ଟନ୍ ମାଙ୍ଗାନିଜ୍ ଖଣି ଉତ୍ପାଦନ ହୋଇଛି ବୋଲି ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି, ‘ମାଙ୍ଗାନିଜ ଓର ଭାରତ ଲିମିଟେଡ’ (ଏମ୍ଓଆଇଏଲ୍) କମ୍ପାନୀ ଜାନୁୟାରୀରେ ଖଣି ଉତ୍ପାଦନ କରିବାରେ ଭଲ ପ୍ରଦର୍ଶନ କରିଛି। ଯାହାକି ଗତବର୍ଷ ସମାନ ଅବଧି ସମୟ ତୁଳନାରେ ୭.୭ ପ୍ରତିଶତ ଅଧିକ ମାଙ୍ଗାନିଜ୍ ଉତ୍ପାଦନ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁୟାରୀରେ ୧.୩୨ ଲକ୍ଷ ଟନ୍ ମାଙ୍ଗାନିଜ୍ ଖଣି ଉତ୍ପାଦନ ବିକ୍ରିରେ ୨୦୨୨ ଜାନୁୟାରୀରେ ୩୧ ପ୍ରତିଶତ ଅଧିକ ରହିଥିଲା। ତେବେ ଏ ସମ୍ପର୍କରେ ‘ମାଙ୍ଗାନିଜ ଓର ଭାରତ ଲିମିଟେଡ୍ (ଏମ୍ଓଆଇଏଲ୍) ସିଏମ୍ଡି ଅଜିତ କୁମାର ସାକ୍ସେନା କହିଛନ୍ତି, ଗତ କିଛି ମାସ ମଧ୍ୟରେ କମ୍ପାନୀ ଭଲ ପ୍ରଦର୍ଶନ କରୁଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ଭଲ ପ୍ରଦର୍ଶନ କରିବ ବୋଲି କମ୍ପାନୀ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ନୂଆପଡ଼ାରେ ଟ୍ରେଣ୍ଡ୍ସର ଏକ୍ସକ୍ଲୁସିଭ ଷ୍ଟୋର




**ନୂଆଦିଲ୍ଲୀ,୪।୨**

ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ‘ଟ୍ରେଣ୍ଡ୍ସ’ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନୂଆପଡା ଜିଲାର ପ୍ରମୁଖ ବଜାର ନୂଆପଡା ଟାଉନଠାରେ ଉକ୍ତ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ସେହିଭଳି ୭୧୯୨ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ। ଯେପରିକି ୩୯୯୯ ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିପରି ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ନୂଆପଡା ସହରବାସୀଙ୍କ ସମେତ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନଙ୍କ ଲାଗି ଉଚ୍ଚମାନର ଉତ୍ପାଦ ଓ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜର ସମ୍ଭାର ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି। ଏପରିକି ଏହାର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ‘ଏକ ବିଲିୟନ ଡଲାର ଉଦ୍ୟୋଗରେ ପରିଣତ ହେବ ତତ୍ତ୍ୱ’

**ଭୁବନେଶ୍ୱର,୪।୨**

ରାଜ୍ୟର ପ୍ରମୁଖ ଆଇଟି କମ୍ପାନୀ ‘ତତ୍ତ୍ୱ ଟେକ୍ନୋଲୋଜିସ୍’ର ୨୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା’ର ଆଗାମୀ ଦଶନ୍ଧି ପାଇଁ ଯୋଜନା ଓ ଲକ୍ଷ୍ୟ ‘ତତ୍ତ୍ୱ ୨.୦’ର ଉନ୍ମୋଚନ ସହ ଏକ ବିଲିୟନ ଡଲାର ଉଦ୍ୟୋଗରେ ପରିଣତ ହେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏପରିକି ତତ୍ତ୍ୱ ଇମ୍ପାକ୍ଟ ଷ୍ଟେଟ୍‌ମେଣ୍ଟ-୨୦୨୨ର ଉନ୍ମୋଚନ ମଧ୍ୟ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇଟି ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇଥିବା ବେଳେ ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡା. ଓମକାର ରାଏ, ଇସ୍ରାଏଲର ଜିଆଜଦ ଫର୍ଜଲି, ଆମେରିକାର ନଚିକେତା ଏବଂ ଆମେରିକାର ସୁନୀଲ ସାବତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ତତ୍ତ୍ୱ ଟେକ୍ନୋଲୋଜିସ୍ ଲିଃ.ର ଏମ୍ଡି ଅୟସକାନ୍ତ ମହାନ୍ତି କହିଛନ୍ତି,‘ଟେକ୍ନୋଲୋଜି ଦ୍ରୁତ ବେଗରେ ବିକଶିତ ହେଉଥିବା ସମୟରେ ଆମେ ଗ୍ରାହକଙ୍କ ବ୍ୟବସାୟିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜିଟାଲ ରୂପାନ୍ତରଣର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛୁ। ଏପରିକି ଆମେ ଆଗାମୀ ବର୍ଷଗୁଡିକରେ ଏକ ବିଲିୟନ ଡଲାର କମ୍ପାନୀରେ ପରିଣତ ହେବାକୁ ଉଦ୍ୟମ କରୁଛୁ। ସେହିଭଳି କମ୍ପାନୀର ସହପ୍ରତିଷ୍ଠାତା ତଥା ସିଇଓ ତପେନ୍ଦ୍ର ସେନାପତି କହିଛନ୍ତି, ଆମ ସଂସ୍କୃତିରେ ଉଦ୍ଭାବନ ରହିବା ସହ ତତ୍ତ୍ୱର ଉଜ୍ଜ୍ୱଳ ପ୍ରତିଭାମାନେ ନିରନ୍ତର ଉଦ୍ଭାବନ ମାଧ୍ୟମରେ ସବୁ ବର୍ଗର ଲୋକଙ୍କ ଜୀବନକୁ ପରିବର୍ତ୍ତନ କରୁଛନ୍ତି। ଅପରପକ୍ଷରେ ତତ୍ତ୍ୱର ଟେକ୍ନୋଲୋଜି ବିଭାଗର ନିର୍ଦ୍ଦେଶକ ସ୍ମୃତି ନାୟକ, ଗ୍ଲୋବାଲାଇଜେଶନ କାରଣରୁ ବର୍ତ୍ତମାନ ବ୍ୟବସାୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।


ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପକ୍ଷରୁ ୨ଦିନିଆ ଗାଡ଼ିଚାଳନା କୌଶଳ (ଟ୍ରେନିଂ ପ୍ରୋଗ୍ରାମ) କାର୍ଯ୍ୟକ୍ରମ ‘ଜିଏସ୍ ଏକ୍ସପେରିଏନ୍ସ ୨୦୨୩ ଇନ୍ ଇଣ୍ଡିଆ’ ଅନୁଷ୍ଠିତ ହୋଯାଇଛି। ଏହି ପରିପ୍ରେକ୍ଷିରେ ବିଏମ୍‌ଡବ୍ଲ୍ୟୁ ମୋଟରରାଡ ଦ୍ୱାରା କୌଶଳ ପ୍ରଦର୍ଶନ କରାଯାଉଛି।

## ‘ଆଇଡିଆନେଷ୍ଟ ୩ୟ ଚାପ୍ଟରର ଗ୍ରାଜୁଏଶନ ଡେ’

**ନୂଆଦିଲ୍ଲୀ,୪।୨**

ନିତି ଆୟୋଗର ଅଟଳ ଇନୋଭେଶନ ମିଶନ (ଏଆଇଏମ୍) ଦ୍ୱାରା ସମର୍ଥିତ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର୍-ନାଳନ୍ଦା (ଏଆଇସି-ନାଳନ୍ଦା) ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତଥା ପ୍ରି-ଇନ୍‌କ୍ୟୁବେଶନ ପ୍ରୋଗ୍ରାମ ‘ଆଇଡିଆନେଷ୍ଟ୩.୦ ଦ ଷ୍ଟୁଡେଣ୍ଟ ଏଡିଶନର ୩ୟ ଚାପ୍ଟର୍‌ର ଗ୍ରାଜୁଏଶନ ଡେ’ ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ଏଆଇସି-ନାଳନ୍ଦା ଏଭଳି ଏକ କାର୍ଯ୍ୟକ୍ରମକୁ ଦୀର୍ଘ ମାସ ପର୍ଯ୍ୟନ୍ତ ଛାତ୍ର ଉଦ୍ଭାବକଙ୍କ ପାଇଁ ପରିଚାଳନା କରିଥିଲା। ସେହିଭଳି ‘ଆଇଡିଆନେଷ୍ଟ’ ଛାତ୍ର ଉଦ୍ଭାବକମାନଙ୍କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଥିଲା ଯେଉଁଠାରେ ସେମାନେ ନିଜର ବିଚାରକୁ ପ୍ରୋଟୋଟାଇପ୍‌ରେ ପରିଣତ କରିବା ଏବଂ ନିଜର ପ୍ରାରମ୍ଭିକ ଉଦ୍ୟୋଗୀ ଯାତ୍ରାରେ ଶିଳ୍ପ ଓ ଉପଭୋକ୍ତା-କୈନ୍ଦ୍ରିକ ଏକ୍ସପୋଜର ପାଇବା ପାଇଁ ଆବଶ୍ୟକ ଠିକ୍ ମାର୍ଗଦର୍ଶନ ପାଇପାରିବେ ଓ ଏକ ଷ୍ଟାର୍ଟଅପ୍ ନିର୍ମାଣ କରିବାକୁ ସକ୍ଷମ ହେବେ। ଏହି ଅବସରରେ ୪ ଜଣ ଜୁରୀ ସଦସ୍ୟଙ୍କ ଏକ ପ୍ୟାନେଲ ନିକଟରେ ବିଭିନ୍ନ କ୍ଷେତ୍ରର ୧୨ଟି ଷ୍ଟାର୍ଟଅପ୍ ନିଜର ଉପସ୍ଥାପନା ଦେଇଥିଲେ। ଏହା ପରେ ନେଟ୍‌ୱର୍କିଂ ଲଞ୍ଚ ଓ ଫାଇନାଲ ଗ୍ରାଜୁଏଶନ ସେରିମୋନି ହୋଇଥିଲା। ଏ ସମ୍ପର୍କରେ ଏଆଇସି-ନାଳନ୍ଦାର ସିଇଓ ଦେବ୍‌ଜ୍ୟୋତି ମହାନ୍ତି ପ୍ରି-ଇନ୍‌କ୍ୟୁବେଶନ ପ୍ରୋଗ୍ରାମର ଅତିଥି ତଥା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ସେହିଭଳି ଆଇଆଇଏମ୍-ରାଞ୍ଚିର ପ୍ରଫେସର ଡା. ଅସିତ ମହାପାତ୍ର, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୂର୍ବତନ ଡିନ୍ ଓ ପ୍ରଫେସର୍ ଡା.ପୟୋଧର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପରିଶେଷରେ ସମସ୍ତ ୧୨ଟି ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଫୁର୍‌ସତ୍**

# ଜାତି ପ୍ରମାଣପତ୍ର ପାଇଁ କୁକୁରର ଆବେଦନ

ପାଟନା

ବିହାରର ଗୟାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଜାତି ପ୍ରମାଣପତ୍ର ପାଇଁ ଟମି ନାମକ ଏକ କୁକୁର ଅବେଦନ କରିଥିବା ସରକାରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ଜାତି ଭିତ୍ତିକ ଜନଗଣାନା ଆରମ୍ଭ କରାଯାଇଥିଲା। ବିହାରର ଅନେକ ଲୋକ ଜାତି ପ୍ରମାଣପତ୍ର ପାଇଁ ଆବଦେନ କରିଥିବାବେଳେ ଟମି




ଏଥିରୁ ଜଣେ। ଏନେଇ ଆଧାର କାର୍ଡର ଆବଶ୍ୟକତା ରହିଥିବାବେଳେ ଟମିର ଆଧାର କାର୍ଡର ଫଟୋ ମଧ୍ୟ ଅବେଦନ ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଆଧାରକାର୍ଡରେ ଥିବା ତଥ୍ୟ ଅନୁସାରେ ଟମିର ଫଟୋ ଥିବାବେଳେ ବାପାଙ୍କ ନାଁ ଜାଗାରେ ଶେରୁ ଏବଂ ମା’ଙ୍କ ସ୍ଥାନରେ ଗିନି ଲେଖା ରହିଛି। ସେହିପରି ପେସା ସ୍ଥାନରେ ଛାତ୍ର ଲେଖାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଟମିର ଆଧାରକାର୍ଡ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେବେ ସରକାରୀ ଅଫିସରଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଖୋଜିବା ଆରମ୍ଭ କରିଛି।

# ନୱାଜୁଦ୍ଦିନଙ୍କୁ କୋର୍ଟ ନୋଟିସ

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସେଲ୍ଫମେଡ୍ କଳାକାର ଭାବେ ପରିଚିତ ନୱାଜୁଦ୍ଦିନ ସିଦ୍ଦିକିଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଆଲିୟା ନିର୍ଯାତନା ଅଭିଯୋଗ ଆଣିବାପରେ ମୁମ୍ବାଇର ଏକ କୋର୍ଟ ତାଙ୍କୁ କୋର୍ଟ ଜାରି କରିଛନ୍ତି। ନୱାଜୁଦ୍ଦିନ ଓ ତାଙ୍କ ପରିବାର ଲୋକେ ସେମାନଙ୍କ ପାଖରେ ଆଲିୟାଙ୍କୁ ରଖିବାକୁ ଚାହୁଁ ନ ଥିବା ସେ କହିଛନ୍ତି। ଆଲିୟାଙ୍କୁ ଖାଦ୍ୟ ଦିଆଯାଉ ନ ଥିବାବେଳେ ଶୋଇବା ପାଇଁ ଉପଯୁକ୍ତ ଶଯ୍ୟା ଏବଂ ଟଏଲେଟ ମଧ୍ୟ ଯିବାକୁ ଦିଆଯାଉ ନାହିଁ। ସେମାନେ ଆଲିୟାଙ୍କୁ ଘରୁ ବାହାର କରିବା ଲାଗି ବହୁ ଅସୁବିଧାରେ ପକାଉ ଥିବା ସେ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଆଲିୟାଙ୍କ ଓକିଲ ରିଜୱାନ ସିଦ୍ଦିକି କହିଛନ୍ତି, ଆଲିୟାଙ୍କୁ ଘରୁ ବାହାର କରିବା ଲାଗି କିଛିଦିନ ପୂର୍ବେ ନୱାଜୁଦ୍ଦିନଙ୍କ ମା’ ତାଙ୍କ ବିରୋଧରେ ଥାନାରେ ମିଛ ଅଭିଯୋଗ କରିଥିଲେ। ଆଲିୟାଙ୍କ ପାଇଁ ନୱାଜୁଦ୍ଦିନ ପୁରୁଷ ଦେହରକ୍ଷୀ ନିୟୋଜିତ ଘରର ଚାରିଆଡ଼େ କ୍ୟାମେରା ଖଞ୍ଜିଛନ୍ତି। ଆଲିୟା ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ଏହା ଉପରେ ଦୃଷ୍ଟି ନିକ୍ଷେପ କରୁ ନ ଥିବା ରିଜୱାନ କହିଛନ୍ତି। ଆଲିୟା ତାଙ୍କ ପିଲା ୟନି ଓ ଶୋରାଙ୍କ ସହ ନୱାଜୁଦ୍ଦିନଙ୍କ ଅନ୍ଧେରିସ୍ଥିତ ଘରେ



ରହୁଛନ୍ତି। ୨୦୨୧ରେ ନୱାଜୁଦ୍ଦିନ ହ୍ୱାଟ୍ସଆପ୍ ଜରିଆରେ ଡିଭୋର୍ସ ନୋଟିସ୍ ପଠାଇଥିବା ଆଲିୟା କହିଛନ୍ତି।



ଚାଇନା ବୈଜ୍ଞାନିକମାନଙ୍କ ଦ୍ୱାରା କ୍ଲୋନିଂ ଜରିଆରେ ଜନ୍ମିତ ‘ସୁପର କାଓ’ ପାଖରେ ନିଜ ଜୀବନ କାଳ ମଧ୍ୟରେ ୧,୦୦,୦୦୦ ଲିଟର କ୍ଷୀର ଉତ୍ପାଦନ କରିବାର କ୍ଷମତା ରହିଛି।

# ବହୁତ ଭଲ ନୟନତାରା

**ମୁମ୍ବାଇ:** ଶାହରୁଖ ଖାନ୍ ନିଜ ଫିଲ୍ମ ‘ପଠାନ୍’ ପାଇଁ ଅନେକ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଏହାବ୍ୟତୀତ ସେ ଏବେ ନିଜ ଆଗାମୀ ଫିଲ୍ମ ‘ଯବାନ’ ଲାଗି ପ୍ରସ୍ତୁତ ହେଉଛନ୍ତି। ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ ଆଥ୍‌ଲିଙ୍କ ଦ୍ୱାରା ନିର୍ମିତ ଫିଲ୍ମ ଯବାନରେ ଶାହରୁଖ ସାଉଥ୍ ବ୍ୟୁଟି ନୟନତାରାଙ୍କ ସହ କାମ କରିଛନ୍ତି। ଦୁହେଁ ପ୍ରଥମଥର ପାଇଁ ବିଗ୍‌ସ୍କ୍ରିନ୍ ଶେୟାର କରିଥିବାବେଳେ ବଲିଉଡ୍‌ର ଏହି ଲୋକପ୍ରିୟ ଅଭିନେତା ନୟନତାରାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ନିଜର ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ନୟନତାରା ଜଣେ ଅଭିଜ୍ଞ କଳାକାର। ସେ ବହୁତ୍ ଭଲ ଏବଂ କାମକୁ ନେଇ ଖୁବ୍ ସିରିୟସ୍। ଖାଲି ସେତିକି ନୁହେଁ, ନୟନତାରା ଏକାଧିକ ଭାଷା ଏବଂ ସେଗୁଡ଼ିକର ଉଚ୍ଚାରଣ ବେଶ୍ ସୁନ୍ଦର ଭାବେ କରିପାରୁଥିବା ଶାହରୁଖ୍ କହିଛନ୍ତି। ରେଡ୍ ଚିଲିଜ୍ ପ୍ରଯୋଜିତ ଫିଲ୍ମ ଯବାନରେ ଶାହରୁଖ୍ ଏବଂ ନୟନତାରାଙ୍କ ସହ ବିଜୟ ସେତୁପତି ଏବଂ ସାନିଆ ମାଲହୋତ୍ରା ଅଭିନୟ କରିଛନ୍ତି। ଆସନ୍ତା ଜୁନ୍ ୨ରେ ଏହି ମଲ୍ଟିଷ୍ଟାରର୍ ଫିଲ୍ମ ପ୍ରେକ୍ଷାଳୟକୁ ଓହ୍ଲାଇବ।





ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅଜୟ ମାକେନ 'ଲୋକପାଳ'କୁ ନେଇ କେଜ୍‌ରିୱାଲ ସରକାରଙ୍କ ଉପରେ ବର୍ଷିଛନ୍ତି।

# ଶିନ୍ଦେ ଅଣ-ସାମ୍ବିଧାନିକ ମୁଖ୍ୟମନ୍ତ୍ରୀ : ଆଦିତ୍ୟ

**ମୁମ୍ବାଇ,୪।୨ :** ଉଦ୍ଧବ ଠାକ୍‌ରେଙ୍କ ପୁଅ ତଥା ପୂର୍ବତନ ମନ୍ତ୍ରୀ ଆଦିତ୍ୟ ଠାକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଜଣେ ଅଣ-ସାମ୍ବିଧାନିକ ମୁଖ୍ୟମନ୍ତ୍ରୀ ବୋଲି କହିଛନ୍ତି। ଏହା ସହିତ ସେ ଶିନ୍ଦେଙ୍କୁ ବିଧାନସଭା ନିର୍ବାଚନରେ ଲଢ଼େଇ ପାଇଁ ଆହ୍ୱାନ ଦେଇଛନ୍ତି। ମୁଁ ମୋ ଆସନରୁ ଇସ୍ତଫା ଦେବି ଏବଂ ଶିନ୍ଦେ ମଧ୍ୟ ନିଜ ଆସନରୁ ଇସ୍ତଫା ଦିଅନ୍ତୁ। ଏହାପରେ ମୁଁ ତାଙ୍କ ସହିତ ୱର୍ଲି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ମୁଁ ସେମାନଙ୍କୁ ଚ୍ୟାଲେଞ୍ଜ ଦେଉଛି। ଆଉ ଯେଉଁଆଡେ ଯାଉଛି ଏହା କହୁଛି।


ଆଦିତ୍ୟ ଠାକରେ

ରାଜ୍ୟର ପରିବେଶ ଗୈରିକ ହେବାରେ ଲାଗିଛି। ଶିନ୍ଦେଙ୍କ ସହିତ ଥିବା ୧୩ ଦେଶଦ୍ରୋହୀ ଏମ୍‌ପି ଏବଂ ୪୦ ବିଧାୟକ ଇସ୍ତଫା ଦେବା ଆବଶ୍ୟକ। ସେମାନେ କିପରି ପୁନର୍ବାର ଜିତିବେ ତାହା ଦେଖାଯିବ ବୋଲି ସେ କହିଛନ୍ତି। ଏଥିସହିତ ଆଦିତ୍ୟ କହିଛନ୍ତି, ସମସ୍ତ ପ୍ରଶାସନିକ କ୍ଷମତା ଅବା ଟଙ୍କାର ପ୍ରୟୋଗ କଲେ ମଧ୍ୟ ଜଣେ ପ୍ରକୃତ ଶିବ ସୈନିକଙ୍କୁ କିଣି ପାରିବେ ନାହିଁ। ମୁଁ ଅନୁଭବ କରୁଛି ଯେ ମୁମ୍ବାଇରେ ଏକଛତ୍ରବାଦୀ ଶାସନ ଚାଲିଛି। ଗୋଟିଏ ବର୍ଷ ବିତିଗଲାଣି, କିନ୍ତୁ ସେମାନେ ବିଏମ୍‌ସି ପାଇଁ ନିର୍ବାଚନ କରୁନାହାଁନ୍ତି। ସେମାନେ ଜଣେ ପ୍ରଶାସକ ନିଯୁକ୍ତ କରିଛନ୍ତି ଏବଂ ଏନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଉଛନ୍ତି।

# ପୋଲିସ ଆଇ ମା' କାହାଣୀ କହୁଛି: ଜୟନାରାୟଣ

## ନବ ଦାସ ହତ୍ୟା ମାମଲା

**ଭୁବନେଶ୍ୱର,୪।୨(ବ୍ୟୁରୋ):** ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ପୁଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆଉ ସେ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି, ଦୈନିକ ନୂଆ ନୂଆ ଆଇ ମା' କାହାଣୀ ଓଡ଼ିଶା ପୋଲିସ୍ କହୁଛି। ଆମେ ଆଇ ମା' କାହାଣୀରେ କାହିଁକି ଯିବା। ଯେଉଁଠି ରାଜ୍ୟ ସରକାରଙ୍କ ଉପରେ ଆକ୍ଷେପ ଆସିବ, ସେଠି ମାମଲାର ତଦନ୍ତ କେନ୍ଦ୍ରୀୟ ସଂସ୍ଥା କରିବ। ଏହା ସଙ୍ଘୀୟ ବ୍ୟବସ୍ଥାରେ ରହିଛି। 'ଆଇନ ତା' ବାଟରେ ଯିବ' କଥା କହୁଥିବା ରାଜ୍ୟ ସରକାର ସେହି ଅନୁସାରେ ଯାଆନ୍ତୁ। ଯଦି ଓଡ଼ିଶା ପୋଲିସ୍ ନାଁରେ ଅଭିଯୋଗ ରହିଛି, ତାହାହେଲେ କେନ୍ଦ୍ରୀୟ ସଂସ୍ଥା ସିବିଆଇ ତଦନ୍ତ କରୁ। ସେହି ବ୍ୟବସ୍ଥା ଅନୁସାରେ ମାମଲାର ତଦନ୍ତଭାର ସିବିଆଇକୁ ଦିଅନ୍ତୁ। ତାହା ନ କରି ପ୍ରତିଦିନ ନୂଆ ନୂଆ କାହାଣୀ ତିଆରି କରୁଛନ୍ତି ବୋଲି ଜୟନାରାୟଣ କହିଛନ୍ତି।

# ଦେଶବାସୀଙ୍କ ଦ୍ୱାରା ଆଦୃତ ହୋଇଛି ଅମୃତ କାଳର ବଜେଟ: ଅର୍ଜୁନ ମୁଣ୍ଡା

**ଭୁବନେଶ୍ୱର,୪।୨(ବ୍ୟୁରୋ):** ମୋଦି ସରକାର ଶାସନ କ୍ଷମତାକୁ ଆସିବାପରେ ଦେଶର ବିକାଶ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଇଛନ୍ତି । ଦେଶର ସୁରକ୍ଷା ଏବଂ ଜନତାଙ୍କ ମତକୁ ନେଇ ମୋଦି ସରକାର ଦେଶର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି । ସାମଗ୍ରିକ ବିକାଶ, ସବୁଜ ବିକାଶ, ଯୁବଶକ୍ତି, ଦେଶର ଶେଷ ବ୍ୟକ୍ତି ପାଖକୁ ବଜେଟ ପହଞ୍ଚାଇବା, ସଶକ୍ତ ଆର୍ଥିକ କ୍ଷେତ୍ର, ଭିତ୍ତିଭୂମି ଓ ପୁଞ୍ଜି ନିବେଶ ଏବଂ କ୍ଷମତାର ବିକାଶକୁ ଆଧାରକରି ମୋଦି ସରକାର କେନ୍ଦ୍ରରେ ଏକ ଜନକଲ୍ୟାଣକାରୀ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି । ଏହି ବଜେଟକୁ କୃଷକ, ମହିଳା, ଯୁବ ଉଦ୍ୟୋଗୀ, ଆଦିବାସୀ ଜାତି ଓ ଜନଜାତି, ପଛୁଆବର୍ଗ, ଆର୍ଥିକ ଅନଗ୍ରସର ଦୁର୍ବଳ ଶ୍ରେଣୀ, ମଧ୍ୟମ ବର୍ଗ ସମସ୍ତେ ପ୍ରଶଂସା କରିଛନ୍ତି । ଦେଶବାସୀଙ୍କ ଦ୍ୱାରା ଅମୃତକାଳର


ଅର୍ଜୁନ ମୁଣ୍ଡା

ବଜେଟ ଆଦୃତ ହୋଇଛି ବୋଲି ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି।

ଏଥିସହିତ ମୁଣ୍ଡା କହିଛନ୍ତି,ଓଡ଼ିଶାର କେତେକ ବର୍ଗଙ୍କୁ ଅନୁସୂଚିତ ଜନଜାତିରେ ଅନ୍ତର୍ଭୁକ୍ତ କରିବା, ରାଜନୈତିକ ବୟାନବାଜି ବିଷୟ ନୁହେଁ ବରଂ ଏହା ସମ୍ପୂର୍ଣ୍ଣ ଭାବେ ସାମ୍ବିଧାନିକ ବିଷୟ। ରାଜ୍ୟ ସରକାର ଯେଉଁ ୧୨୦ ଗୋଷ୍ଠୀଙ୍କ କଥା କହୁଛନ୍ତି ସେଥିରୁ ନଗଦରେ ବିନା ତଥ୍ୟ ପ୍ରମାଣ ସହ ୧୦ ଗୋଷ୍ଠୀ ପାଇଁ ଚିଠି ଲେଖିଛନ୍ତି। ବାକି ୧୧୦ ମଧ୍ୟରୁ ୭୧ର କୌଣସି ପ୍ରାମାଣିକ ତଥ୍ୟ ନାହିଁ। ସେହି ୭୧ ମଧ୍ୟରୁ ୩୮ର ଆଥୋନୋଗ୍ରାଫି ରିପୋର୍ଟ ନ ଥିବା କାରଣରୁ ବାରମ୍ବାର ପ୍ରତ୍ୟାଖ୍ୟାନ ହେଉଛି। ରାଜ୍ୟ ସରକାର ତାହାର ଆଥୋନୋଗ୍ରାଫି ରିପୋର୍ଟ ପ୍ରସ୍ତୁତ କରୁନାହାନ୍ତି। ବାକି ୩୩ରୁ ୨ଟି ଜାତିର କିଛି ତଥ୍ୟ ନାହିଁ, ୫ଙ୍କର ଅତିରିକ୍ତ ତଥ୍ୟ ମଗାଯାଇଛି ଓ ୨୬ ଜାତିଙ୍କର ତର୍ଜମା ନିମନ୍ତେ ଆରଜିଆଇକୁ ପଠାଯାଇଛି। ଅନ୍ୟପକ୍ଷରେ ୧୩ଟି ଜାତିଙ୍କୁ ନିଆଯାଇଥିବାବେଳେ ଆଉ ୩୬ଙ୍କ ପାଇଁ ନିଷ୍ପତ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପରି କି ପାଉଡି ଏବଂ ପାଉରି ଭୂୟାଁ ପିବିଟିଜିରେ ଆସୁଥିବା ବେଳେ ସେମାନେ ଆଜିପର୍ଯ୍ୟନ୍ତ ଅନୁସୂଚିତ ଜନଜାତି ବର୍ଗରୁ ବଞ୍ଚିତ ଥିଲେ। ଏବେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ମୁଣ୍ଡା କହିଛନ୍ତି।

# କେନ୍ଦ୍ର ବଜେଟ ବିରୋଧରେ ଯୁବ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୪।୨(ବ୍ୟୁରୋ):** ଭୁବନେଶ୍ୱର ମଧ୍ୟ ବିଧାନସଭା ଯୁବ କଂଗ୍ରେସ ସଭାପତି ସୁରଜ ରାଉତଙ୍କ ନେତୃତ୍ୱରେ କେନ୍ଦ୍ର ବଜେଟ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ରଣଜିତ୍ ପାତ୍ର ଯୋଗଦେଇ କହିଛନ୍ତି, 'କେନ୍ଦ୍ର ସରକାରଙ୍କ ବଜେଟ ନୈରାଶ୍ୟଜନକ ଏବଂ ଅନ୍ତଃସାରଶୂନ୍ୟ। ଏହିବଜେଟ ଯୁବକ, ଛାତ୍ର ଓ କୃଷକ ବିରୋଧୀ। ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ସ୍ୱପ୍ନ ଦେଖାଇଥିବା ମୋଦି ସରକାର ବଜେଟରେ ନିଯୁକ୍ତି ସମ୍ପର୍କରେ ନୀରବ ରହିଛନ୍ତି। ଦେଶର ବେକାରି ସମସ୍ୟା ଅନିୟନ୍ତ୍ରିତ ହୋଇଥିବା ବେଳେ ଚଳିତ ବଜେଟରେ ପର୍ଯ୍ୟାପ୍ତ ନିଯୁକ୍ତି ସମ୍ପର୍କରେ କୌଣସି ସୂଚନା ନାହିଁ।' ଏଥିସହ ବଜେଟ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସିଥାରାମନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# କର୍ନାଟକ ନିର୍ବାଚନ ପାଇଁ ଧର୍ମେନ୍ଦ୍ର ଭାଜପା ପ୍ରଭାରୀ

**ନୂଆଦିଲ୍ଲୀ,୪।୨** କର୍ନାଟକ ବିଧାନସଭା ନିର୍ବାଚନ ଆସନ୍ତା ମେ' ମାସ ବେଳକୁ ହେବାକୁ ଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାଜପା ଏହାର ପ୍ରଭାରୀ ନିଯୁକ୍ତ କରିଛି। ସେହିପରି ତାମିଲନାଡୁର ଭାଜପା ରାଜ୍ୟ ସଭାପତି କେ. ଆନ୍ନାମଲାଇଙ୍କୁ କର୍ନାଟକ ନିର୍ବାଚନ ପାଇଁ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ଶନିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭା ନିର୍ବାଚନରେ ବିଜୟ ହୋଇ କ୍ଷମତା ବଜାୟ ରଖିବାକୁ ଭାଜପା ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ନିକଟରେ ଭାରତ ଯୋଡ଼ୋ ଯାତ୍ରା ଶେଷ କରିଥିବା କଂଗ୍ରେସ ମଧ୍ୟ କ୍ଷମତାକୁ ଫେରିବା ଲାଗି ଉଦ୍ୟମ ଚଳାଇଛି। ଭାଜପା ୧୫୦ ଆସନରେ ଜିତିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସହ ପ୍ରାକ୍ ନିର୍ବାଚନୀ ମେଣ୍ଟ ହେବ ନାହିଁ ବୋଲି କହିଛି। ଉତ୍ତରପ୍ରଦେଶ ନିର୍ବାଚନ ପାଇଁ ଧର୍ମେନ୍ଦ୍ର ଭାଜପା ପ୍ରଭାରୀ ଥିଲେ। ଦଳ ଭିତରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ସେ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଦଳକୁ ବିଜୟୀ କରାଇଥିବାରୁ ପ୍ରଶଂସିତ ହୋଇଥିଲେ। କର୍ନାଟକ ଭାଜପାରେ ଏକାଧିକ ବିବାଦ ଲାଗିରହିଥିବାବେଳେ ସେଠାରେ ଦଳର ନିର୍ବାଚନ ପରିଚାଳନା ଦାୟିତ୍ୱ ଧର୍ମେନ୍ଦ୍ରଙ୍କୁ ଦିଆଯାଇଛି।

# ନାଗାଲାଣ୍ଡ ନିର୍ବାଚନ : କଂଗ୍ରେସର ୨୧ ପ୍ରାର୍ଥୀଙ୍କ ନାମ ଘୋଷଣା

**ନୂଆଦିଲ୍ଲୀ,୪।୨(ପି.ଟି.)** ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ଶନିବାର ୨୧ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ନାଗାଲାଣ୍ଡ ପ୍ରଦେଶ କଂଗ୍ରେସ ସଭାପତି କେ. ଥେରିଙ୍କୁ ଡିମାପୁର-୧ ଆସନରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଫେବୃୟାରୀ ୨୭ରେ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଥିବାବେଳେ ମାର୍ଚ୍ଚ ୨ରେ ଫଳ ପ୍ରକାଶ ପାଇବ।


**झारखण्ड सरकार**
**ग्रामीण कार्य विभाग मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

ई-निविदा आमंत्रण सूचना

ई-निविदा संख्या:- **253/2022-23/RWD/JAMSHEDPUR** दिनांक :- **04.02.2023**

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ JAMSHEDPUR/ 26/SRPKG-02/2022-23 | (i) कोरूकोचा से बालीजुडी तक पथ का विशेष मरम्मति कार्य (लं- 4.500 कि0मी0)<br>(ii) पी0डी0 बागान से चियाबांधी तक का विशेष पथ मरम्मति कार्य (लं- 2.800 कि0मी0)<br>(iii) मानुषमुडिया से लोधासोल-सरडीहा पी0एम0जी0एस0वाई0-III रोड तक पथ का विशेष मरम्मति कार्य (लं- 3.700 कि0मी0)<br>(iv) बघारा, चूड़ा पुलिया से एन0एच0 भाया केशरदा उच्च विद्यालय तक पथ का विशेष मरम्मति कार्य (लं- 3.000 कि0मी0) | 5,78,92,400.00 | पाँच करोड़ अठहत्तर लाख बानबे हजार चार सौ रू0 मात्र | 18 माह |
| 2. | RWD/ JAMSHEDPUR/ 27/SRPKG-03/2022-23 | (i) सिंहपूरा से बागजाता तक पथ का विशेष मरम्मति कार्य (लं- 2.950 कि0मी0)<br>(ii) भावराडीह से राजोग्राम तक पथ का विशेष मरम्मति कार्य (लं- 2.230 कि0मी0)<br>(iii) पुरनापानी चौक से घाघीडीह कैनाल तक पथ का विशेष मरम्मति कार्य (लं- 2.393 कि0मी0)<br>(iv) हाता-मुसाबनी मुख्य रोड से सासपुर तक पथ का विशेष मरम्मति कार्य (लं- 2.650 कि0मी0) | 5,63,75,100.00 | पाँच करोड़ तिरसठ लाख पचहत्तर हजार एक सौ रू0 मात्र | 18 माह |

2. वेबसाईट में निविदा प्रकाशन की तिथिः- 15.02.2023
3. ई-निविदा प्राप्ति की अंतिम तिथि एवं समयः- 27.02.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, जमशेदपुर में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः- 28.02.2023 पूर्वाह्न 10.00 बजे से अपराह्न 3.30 बजे तक।
5. निविदा खोलने की तिथि एवं समयः- 01.03.2023 पूर्वाह्न 11.30 बजे।
6. निविदा आमंत्रित करने वाले पदाधिकारी का नाम एवं पताः- मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन- 834001
7. ई-निविदा प्रकोष्ठ का दूरभाष सं0- 0651-2207818
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक द्वारा निर्गत बैंक ड्राफ्ट के रूप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर के पक्ष में एवं जमशेदपुर में भुगतेय होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई-प्रोक्युर्मन्ट सेल

PR 289280 (Rural Work Department)22-23*D



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone: 9437086137, e-mail: eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)

**Invitation for Bids (IFB) dt.01.02.2023**

No. C-2397:- The Executive Engineer, P.H. Division, Balasore on behalf of Governor of Odisha invites Item Rate bids in Double cover system in ONLINE mode only.

